আଜି - ମଙ୍ଗଳବାର
ତାରିଖ - ୧୦ ମାର୍ଚ୍ଚ ୨୦୨୬
ମାସ - କୁମ୍ଭ, ଦିନ - ୨୬
ତିଥି - ସପ୍ତମୀ- ଶୁକ୍ଳ
ନକ୍ଷତ୍ର - ଅନୁରାଧା, ବିଛା, ଚନ୍ଦ୍ର
ସୂର୍ଯ୍ୟୋଦୟ - ୬ : ୦୩: ୦୦
ସୂର୍ଯ୍ୟାସ୍ତ - ୫ : ୪୧ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ଦୁର୍ବଳ ଲୋକମାନେ କେବେହେଲେ କ୍ଷମା ଦେଇ ପାରିବେ ନାହିଁ; କ୍ଷମା ଦେବା ହେଉଛି ଶକ୍ତିଶାଳୀ ଲୋକମାନଙ୍କ ଗୁଣ ।"
- ମହାତ୍ମା ଗାନ୍ଧୀ


E-News : www.theajikali.com

Vol.- 40 ISSUE- 325 R.N.I. REGD. No. 44026/86 ବାଲେଶ୍ୱର ୧୦ ମାର୍ଚ୍ଚ ୨୦୨୬ ମଙ୍ଗଳବାର BALASORE 10 MARCH 2026 TUESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


## 'ସବ୍‌କା ସାଥ୍ ସବ୍‌କା ବିକାଶ-ଲୋକଙ୍କ ଆକାଂକ୍ଷା ପୂରଣ' ସମ୍ପର୍କିତ ବଜେଟ୍ ପରବର୍ତ୍ତୀ ୱେବିନାରରେ ଉଦ୍‌ବୋଧନ ଦେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବଜେଟ୍ ପରବର୍ତ୍ତୀ ୱେବିନାର ସିରିଜର ଚତୁର୍ଥ ୱେବିନାରରେ 'ସବକା ସାଥ ସବକା ବିକାଶ - ଲୋକଙ୍କ ଆକାଂକ୍ଷା ପୂରଣ' ବିଷୟ ଉପରେ ଆଲୋଚନା କରିଥିଲେ । ଶିକ୍ଷା, ଦକ୍ଷତା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, କ୍ରୀଡା ଏବଂ ସଂସ୍କୃତି କ୍ଷେତ୍ରକୁ ଏହି ଲକ୍ଷ୍ୟ ହାସଲ ପାଇଁ ପ୍ରମୁଖ ମାଧ୍ୟମ ଭାବରେ ବର୍ଣ୍ଣନା କରି, ଶ୍ରୀ ମୋଦୀ ବଜେଟ୍ ଘୋଷଣାଗୁଡ଼ିକର ପ୍ରଭାବୀ କାର୍ଯ୍ୟାନ୍ୱୟନ ବିଷୟରେ ଆଲୋଚନା କରିବାକୁ ବିଶେଷଜ୍ଞ ଏବଂ ନୀତି ନିର୍ଦ୍ଧାରକମାନଙ୍କୁ ଆମନ୍ତ୍ରଣ କରିଥିଲେ । ସେ କହିଥିଲେ, 'ଜନତାଙ୍କ ଆକାଂକ୍ଷା ପୂରଣ କରିବା କେବଳ ଏକ ବିଷୟ ନୁହେଁ; ଏହା ଏହି ବଜେଟର ମୂଳ ଲକ୍ଷ୍ୟ ଏବଂ ଏହି ସରକାରଙ୍କ ସଂକଳ୍ପ ।'ପ୍ରତିରୋଧକ ଏବଂ ସାମଗ୍ରିକ ସ୍ୱାସ୍ଥ୍ୟର ଦୃଷ୍ଟିକୋଣ ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଦ୍ରୁତ ସୁଦୃଢ଼ୀକରଣ ଏବଂ ବିଶ୍ୱରେ ଯୋଗ ଏବଂ ଆୟୁର୍ବେଦର ଲୋକପ୍ରିୟତା କଥା ଉଲ୍ଲେଖ କରିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଶହ ଶହ ଜିଲ୍ଲାରେ ମେଡିକାଲ କଲେଜ ଖୋଲାଯାଇଛି; ଏବଂ ଆୟୁଷ୍ମାନ ଭାରତ ଯୋଜନା ଏବଂ ଆରୋଗ୍ୟ ମନ୍ଦିର ମାଧ୍ୟମରେ ସ୍ୱାସ୍ଥ୍ୟସେବା ଉପଲବ୍ଧତା ସଂପ୍ରସାରିତ ହୋଇଛି । ସେ ବିଶେଷ ଭାବରେ ଉଦୀୟମାନ 'ଯତ୍ନ ଅର୍ଥନୀତି' ଏବଂ ବିଶ୍ୱସ୍ତରରେ ଯତ୍ନ ନେଉଥିବା ଲୋକଙ୍କ ପାଇଁ ବର୍ଦ୍ଧିତ ଚାହିଦା ବିଷୟରେ ଉଲ୍ଲେଖ କରିଥିଲେ ଏବଂ ଯୁବପିଢ଼ିଙ୍କୁ ସଶକ୍ତ କରିବା ପାଇଁ ନୂତନ ତାଲିମ ମଡେଲ ବିକଶିତ କରିବାକୁ ବିଶେଷଜ୍ଞମାନଙ୍କୁ ଅନୁରୋଧ କରିଥିଲେ । ସେ କହିଥିଲେ, 'ମୁଁ ଏହି ୱେବିନାରରେ ଉପସ୍ଥିତ ସ୍ୱାସ୍ଥ୍ୟ କ୍ଷେତ୍ର ବିଶେଷଜ୍ଞମାନଙ୍କୁ ଦେଶରେ ତାଲିମ ଇକୋସିଷ୍ଟମକୁ ଆହୁରି ମଜବୁତ କରିବା ପାଇଁ ନୂତନ ତାଲିମ ମଡେଲ ଏବଂ ସହଭାଗୀତା ପରାମର୍ଶ ଦେବାକୁ ଅନୁରୋଧ କରିବି ।'ସ୍ୱାସ୍ଥ୍ୟସେବାରେ ଡିଜିଟାଲ ରୂପାନ୍ତରଣ କଥା ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଦୂରଦୂରାନ୍ତ ଅଂଚଳରେ ପହଂଚିବାରେ ଟେଲିମେଡିସିନର ସଫଳତା କଥା କହିଥିଲେ । ଏହାର ବର୍ଦ୍ଧିତ ଲୋକପ୍ରିୟତାକୁ ସ୍ୱୀକାର କରି, ପ୍ରଧାନମନ୍ତ୍ରୀ ଉପଭୋକ୍ତା ଅଭିଜ୍ଞତାକୁ ଆହୁରି ସରଳ କରିବା ଏବଂ ଜନସଚେତନତା ବୃଦ୍ଧି କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । 'ମୁଁ ବିଶ୍ୱାସ କରେ ଯେ ଟେଲିମେଡିସିନ ବିଷୟରେ ସଚେତନତା ବୃଦ୍ଧି ଏବଂ ଏହାର ବ୍ୟବହାରକୁ ସରଳ କରିବାର ଆବଶ୍ୟକତା ରହିଛି,' ସେ କହିଥିଲେ । ପ୍ରଧାନମନ୍ତ୍ରୀ ଭାରତର ଯୁବପିଢ଼ିଙ୍କ ପରିବର୍ତ୍ତିତ ମାନସିକତାକୁ ଦେଶର ସବୁଠାରୁ ବଡ଼ ଶକ୍ତି ବୋଲି ବର୍ଣ୍ଣନା କରିଥିଲେ ଏବଂ ଏହି ଧାରା ସହିତ ସମନ୍ୱୟ ରକ୍ଷା କରୁଥିବା ଏକ ଶିକ୍ଷା ବ୍ୟବସ୍ଥା ପାଇଁ ଆହ୍ୱାନ କରିଥିଲେ । ଶ୍ରୀ ମୋଦୀ କହିଥିଲେ ଯେ ଦେଶରେ ଶିକ୍ଷାକୁ ନିଯୁକ୍ତି ଏବଂ ଉଦ୍ୟମିତା ସହିତ ସଂଯୋଗ କରିବା ପାଇଁ ନିରନ୍ତର ପ୍ରୟାସ କରାଯାଉଛି । ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ନୂତନ ଶିକ୍ଷା ନୀତି ଏକ ଏପରି ପାଠ୍ୟକ୍ରମ ପାଇଁ ମୂଳଦୁଆ ପକାଉଛି ଯାହା ବଜାର ଚାହିଦା ଏବଂ ବାସ୍ତବ-ବିଶ୍ୱ ଅର୍ଥନୀତି ସହିତ ପ୍ରାସଙ୍ଗିକ ହୋଇଥିବ, ବିଶେଷକରି ଏଆଇ, ଅଟୋମେସନ ଏବଂ ଡିଜିଟାଲ ଅର୍ଥନୀତି ଭଳି କ୍ଷେତ୍ରରେ । ସେ କହିଥିଲେ, 'ଆମକୁ ବାସ୍ତବ-ବିଶ୍ୱ ଅର୍ଥନୀତି ସହିତ ଆମର ଶିକ୍ଷା ବ୍ୟବସ୍ଥାକୁ ସମନ୍ୱିତ କରିବାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ପଡିବ ।'ଶିକ୍ଷା, ନିଯୁକ୍ତି ଏବଂ ଉଦ୍ୟମଶୀଳତା ମଧ୍ୟରେ ସମ୍ପର୍କ ବିଷୟରେ ଆଲୋଚନା କରି ପ୍ରଧାନମନ୍ତ୍ରୀ ଏଭିଜିସି (ଆନିମେସନ୍, ଭିଜୁଆଲ୍ ଇଫେକ୍ଟସ୍, ଗେମିଂ ଏବଂ କମିକ୍ସ) କ୍ଷେତ୍ରକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଭାରତ ଏକ ନବସୃଜନ-ଚାଳିତ ଅର୍ଥନୀତି ଆଡକୁ ଅଗ୍ରସର ହେଉଛି ବୋଲି କହି ପ୍ରଧାନମନ୍ତ୍ରୀ ଶିକ୍ଷାନୁଷ୍ଠାନଗୁଡ଼ିକୁ ସେମାନଙ୍କର କ୍ୟାମ୍ପସଗୁଡ଼ିକୁ ଶିଳ୍ପ ସହଯୋଗ ଏବଂ ଗବେଷଣା-ଚାଳିତ ଶିକ୍ଷାର କେନ୍ଦ୍ରରେ ପରିଣତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

## ପଶ୍ଚିମ ଏସିଆ ସ୍ଥିତିକୁ ନେଇ ରାଜ୍ୟସଭାରେ ବିବୃତି ରଖିଲେ ମନ୍ତ୍ରୀ ଏସ୍ ଜୟଶଙ୍କର



ନୂଆଦିଲ୍ଲୀ : ମୁଁ ଏହି ସମ୍ମାନନୀୟ ସଦନକୁ ପଶ୍ଚିମ ଏସିଆର ସାମ୍ପ୍ରତିକ ଘଟଣାବଳୀ ବିଷୟରେ ଅବଗତ କରିବାକୁ ଚାହୁଁଛି, ଯାହା ଆମ ସମସ୍ତଙ୍କ ପାଇଁ ଗଭୀର ଚିନ୍ତାର କାରଣ । ମାନନୀୟ ସଦସ୍ୟମାନେ ଜାଣନ୍ତି ଯେ, ସଂଘର୍ଷର ଏହି ପର୍ଯ୍ୟାୟ ୨୮ ଫେବୃଆରୀ ୨୦୨୬ରେ ଆରମ୍ଭ ହୋଇଥିଲା । ଆମେ କେବଳ ଗୋଟିଏ ପଟେ ଇସ୍ରାଏଲ ଓ ଆମେରିକା ଏବଂ ଅନ୍ୟପଟେ ଇରାନ ମଧ୍ୟରେ ଯୁଦ୍ଧ ଦେଖୁନାହୁଁ, ବରଂ ଅନେକ ଉପସାଗରୀୟ ଦେଶ ଉପରେ ଆକ୍ରମଣ ମଧ୍ୟ ଦେଖୁଛୁ । ଇରାନ ନେତୃତ୍ୱ ସ୍ତରର ଲୋକଙ୍କ ସମେତ ଅନେକ ମୃତାହତ ହୋଇଛନ୍ତି ଏବଂ ଏହି ଅଂଚଳରେ ଭିତ୍ତିଭୂମି ନଷ୍ଟ ହୋଇଛି । ୨. ଆରମ୍ଭରୁ, ସରକାର ଫେବୃଆରୀ ୨୮ ତାରିଖରେ ଏକ ବିବୃତି ଜାରି କରି ଗଭୀର ଚିନ୍ତା ପ୍ରକଟ କରିଥିଲେ ଏବଂ ସମସ୍ତ ପକ୍ଷଙ୍କୁ ସଂଯମତା ଅବଲମ୍ବନ କରିବା, ଉତ୍ତେଜନା ଏଡାଇବା ତଥା ସାଧାରଣ ନାଗରିକଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ଅନୁରୋଧ କରିଥିଲେ । ଆମର ମତ ହେଉଛି ଏବଂ ଆମେ ବିଶ୍ୱାସ କରୁ ଯେ ଉତ୍ତେଜନା ହ୍ରାସ କରିବା ଏବଂ ଅନ୍ତର୍ନିହିତ ସମସ୍ୟାଗୁଡ଼ିକର ସମାଧାନ ପାଇଁ ଆଲୋଚନା ଏବଂ କୂଟନୀତିର ମାର୍ଗ ଅନୁସରଣ କରାଯିବା ଆବଶ୍ୟକ । ମହାଶୟ, ଏ ଅଂଚଳରେ ସବୁ ଦେଶର ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତାକୁ ସମ୍ମାନ କରାଯିବା ମଧ୍ୟ ଅତ୍ୟନ୍ତ ଜରୁରୀ । ୩. ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି, ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଅଧକ୍ଷତାରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି (ସିସିଏସ)ର ବୈଠକ ମାର୍ଚ୍ଚ ୧ ତାରିଖରେ ବସିଥିଲା । ଇରାନ ଉପରେ ଆକାଶମାର୍ଗରୁ ହୋଇଥିବା ଆକ୍ରମଣ ଏବଂ ପରବର୍ତ୍ତୀ ସମୟରେ ଅନେକ ଉପସାଗରୀୟ ଦେଶରେ ହୋଇଥିବା ଆକ୍ରମଣ ବିଷୟରେ ବୈଠକରେ ସୂଚନା ଦିଆଯାଇଥିଲା । ଏହି ଅଂଚଳରେ ପ୍ରବାସୀ ଭାରତୀୟଙ୍କ ସୁରକ୍ଷା ପାଇଁ ସିସିଏସ ଚିନ୍ତିତ । ଏହି ବୈଠକରେ ଆଂଚଳିକ ସୁରକ୍ଷା ଏବଂ ଆର୍ଥିକ ଓ ବାଣିଜ୍ୟିକ କାର୍ଯ୍ୟକଳାପ ଉପରେ ଏହାର ପ୍ରଭାବ ଉପରେ ମଧ୍ୟ ଧ୍ୟାନ କେନ୍ଦ୍ରିତ କରାଯାଇଥିଲା । ଏହି ଅଂଚଳ ଦେଇ ଯାତାୟାତ କରୁଥିବା ଭାରତୀୟ ଯାତ୍ରୀ ଏବଂ ଏହି ଦେଶଗୁଡ଼ିକରେ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀମାନେ ସମ୍ମୁଖୀନ ହେଉଥିବା ଅସୁବିଧା ବିଷୟରେ ସିସିଏସକୁ ଅବଗତ କରାଯାଇଥିଲା । ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ବୈଠକରେ ସମସ୍ତ ପ୍ରାସଙ୍ଗିକ ମନ୍ତ୍ରଣାଳୟ ଏବଂ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲା । ମାନ୍ୟବର ପ୍ରଧାନମନ୍ତ୍ରୀ ପରିବର୍ତ୍ତିତ ଘଟଣାକ୍ରମ ଉପରେ କଡ଼ା ନଜର ରଖିଛନ୍ତି ଏବଂ ପ୍ରଭାବୀ ପଦକ୍ଷେପ ସୁନିର୍ଶ୍ଚିତ କରିବା ପାଇଁ ପ୍ରାସଙ୍ଗିକ ମନ୍ତ୍ରଣାଳୟଗୁଡ଼ିକ ସମନ୍ୱୟ ରକ୍ଷା କରୁଛନ୍ତି । ୪. ସଂଘର୍ଷ ନିରନ୍ତର ଭାବେ ବଢ଼ି ଚାଲିଛି ଏବଂ କ୍ଷେତ୍ରୀୟ ସୁରକ୍ଷା ପରିସ୍ଥିତି ବହୁତ ଖରାପ ହୋଇଛି । ଆମେ ଦେଖିଛୁ ଯେ ଏହି ସଂଘର୍ଷ ଅନ୍ୟ ଦେଶଗୁଡ଼ିକୁ ବ୍ୟାପିଛି, ଯାହା ଫଳରେ ବିଧ୍ୱଂସ ଏବଂ ମୃତାହତଙ୍କ ବୃଦ୍ଧି ପାଉଛି । ସମଗ୍ର ଅଂଚଳରେ ସାଧାରଣ ଜୀବନ ଏବଂ ଆର୍ଥିକ କାର୍ଯ୍ୟକଳାପ ସ୍ପଷ୍ଟ ଭାବରେ ପ୍ରଭାବିତ ହୋଇଛି ଏବଂ କିଛି କ୍ଷେତ୍ରରେ ଅଚଳ ହୋଇଯାଇଛି । ତେଣୁ, ଆମେ ୩ ମାର୍ଚ୍ଚରେ ସଂଘର୍ଷର ଶୀଘ୍ର ସମାପ୍ତି ପାଇଁ ଆଲୋଚନା ଏବଂ କୂଟନୀତି ପାଇଁ ଆମର ଆହ୍ୱାନକୁ ପୁନର୍ବାର ଦୋହରାଇଥିଲୁ । ମୁଁ ବିଶ୍ୱାସ କରୁଛି ଯେ ଜୀବନ ହାନି ଏବଂ ସମ୍ପତି କ୍ଷୟକ୍ଷତିକୁ ନେଇ ଦୁଃଖ ପ୍ରକାଶ କରିବାରେ ଏହି ସଦନ ମୋ ସହିତ ଯୋଗଦେବ । ୫. ମାନନୀୟ ଅଧକ୍ଷ ମହାଶୟ, ବିଶ୍ୱ ଶାନ୍ତି ଏବଂ ସୁରକ୍ଷାକୁ ନକାରାତ୍ମକ ଭାବରେ ପ୍ରଭାବିତ କରୁଥିବା ଯେକୌଣସି ଘଟଣାକ୍ରମ ଗଭୀର ଭାବରେ ଚିନ୍ତାଜନକ । ବର୍ତ୍ତମାନ ଚାଲିଥିବା ସଂଘର୍ଷ ଭାରତ ପାଇଁ ବିଶେଷ ଚିନ୍ତାର କାରଣ । ଆମେ ଏକ ପଡ଼ୋଶୀ ଅଂଚଳ ହୋଇଥିବାରୁ ପଶ୍ଚିମ ଏସିଆ ସ୍ଥିର ଏବଂ ଶାନ୍ତିପୂର୍ଣ୍ଣ ରହିବା ଆମ ପାଇଁ ମଧ୍ୟ ଲାଭଜନକ । ପ୍ରାୟ ୧ କୋଟି ଭାରତୀୟ ନାଗରିକ ଉପସାଗରୀୟ ଦେଶଗୁଡ଼ିକରେ ରୁହନ୍ତି ଏବଂ କାମ କରନ୍ତି । ପାଠପଢ଼ା କିମ୍ବା ଚାକିରି ପାଇଁ ଇରାନରେ ମଧ୍ୟ କେତେ ହଜାର ଭାରତୀୟ ଅଛନ୍ତି ।


7001/39/2526







ରବି ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ

ଧାନ ସଂଗ୍ରହ ବର୍ଷ ୨୦୨୫-୨୦୨୬

ଚଳିତ ରବି ଋତୁ (୨୦୨୫-୨୬) ପାଇଁ ରାଜ୍ୟ ସରକାର ପୂର୍ବ ବର୍ଷ ପରି ଚାଷୀମାନଙ୍କଠାରୁ ଧାନ କ୍ରୟ କରିବେ । ଏଥିପାଇଁ ଚାଷୀମାନେ ସେମାନଙ୍କ ଅଧିକୃତ ପ୍ରାଥମିକ କୃଷି ସମବାୟ ସମିତି (PACS /LAMPCS) ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ପାଣି ପଞ୍ଚାୟତରେ ଆଗୁଆ ପଞ୍ଜୀକରଣ କରନ୍ତୁ ।

- ନୂତନ/ନବୀକରଣ ଫର୍ମ ଉପଲବ୍ଧ ତାରିଖ: ୧୦-୨୦ ମାର୍ଚ୍ଚ ୨୦୨୬
- ଆବେଦନ ଦାଖଲ: ୧୦-୨୫ ମାର୍ଚ୍ଚ ୨୦୨୬
- ଧାନ ସଂଗ୍ରହ: ମେ ୧- ୩୦ ଜୁନ ୨୦୨୬

ପୂର୍ବରୁ ପଞ୍ଜୀକୃତ ଚାଷୀଙ୍କ ନବୀକରଣ:

- ଗତ ରବି ଋତୁରେ ପଞ୍ଜୀକୃତ ଚାଷୀମାନେ ନବୀକରଣ କରି ଚଳିତ ରବି ଋତୁ ପାଇଁ ପୁନଃ ପଞ୍ଜୀକୃତ ହେବେ ।
- ନବୀକରଣ ପାଇଁ ଚାଷୀମାନଙ୍କୁ ସେମାନଙ୍କ ସମିତି ତରଫରୁ ନବୀକରଣ ଫର୍ମ ଉପଲବ୍ଧ କରାଯିବ ।
- ଗତ ରବିଋତୁରେ ଚାଷୀମାନେ ଚାଷ କରିଥିବା କେବଳ ଜଳସେଚିତ ଜମିର ତଥ୍ୟ ଉକ୍ତ ଫର୍ମର ଦ୍ୱିତୀୟ ଭାଗରେ ଖାତା ଓ ପ୍ଲଟ୍‌ବାରୀ ପ୍ରଦାନ କରନ୍ତୁ ।
- ଯଦି ରବି ଋତୁ ପାଇଁ ଉପରୋକ୍ତ ଜମି ବାବଦ ତଥ୍ୟାବଳୀରେ ଚାଷୀ କୌଣସି ପରିବର୍ତ୍ତନ କରିବାକୁ ଚାହୁଁନଥାନ୍ତି, ତେବେ ସମ୍ପୃକ୍ତ ଚାଷୀ ଉକ୍ତ ଫର୍ମର ତୃତୀୟ ଭାଗରେ ଏହି ବାବଦରେ ଏକ ଘୋଷଣାନାମା ମାଧ୍ୟମରେ ସମିତିକୁ ଜଣାଇବେ ।
- ଯଦି ଚାଷୀ ଜମି ବାବଦରେ ପରିବର୍ତ୍ତିତ ତଥ୍ୟ ଦେବାକୁ ଚାହୁଁଥାନ୍ତି, ତାହା ଉକ୍ତ ନବୀକରଣ ଫର୍ମର ଚତୁର୍ଥ ଭାଗରେ ପ୍ରଦାନ କରିପାରିବେ ।

ନୂତନ ଚାଷୀଙ୍କ ପଞ୍ଜୀକରଣ:

- ଯେଉଁ ଚାଷୀମାନେ ଗତ ରବି ଋତୁରେ ପଞ୍ଜୀକରଣ କରିନଥିବେ, ସେମାନେ ସେମାନଙ୍କର ସମିତିରୁ ଗୋଟିଏ ନୂତନ ପଞ୍ଜୀକରଣ ଫର୍ମ ନେଇ ଆବେଦନ କରନ୍ତୁ । ଏହା ବିଭାଗର ୱେବସାଇଟ୍ www.foododisha.in ରେ ମଧ୍ୟ ଉପଲବ୍ଧ ।
- ନୂଆ ଫର୍ମରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଜଳସେଚିତ ଜମି ସଂକ୍ରାନ୍ତୀୟ ଖାତା ଓ ପ୍ଲଟର ବିଶଦ ବିବରଣୀ ପ୍ରଦାନ କରିବେ ।

ଚାଷୀମାନଙ୍କ ପାଇଁ ସୂଚନା

- ସମସ୍ତ ଚାଷୀଙ୍କୁ ପଞ୍ଜୀକରଣ/ ନବୀକରଣ ପାଇଁ ନିଜ ନିଜ ସମିତିରେ ସମ୍ପର୍କ କରିବାକୁ ଅନୁରୋଧ ।
- ନୂତନ ପଞ୍ଜୀକରଣ ଫର୍ମ ସହିତ ଆଧାର କାର୍ଡ଼ର ନକଲ, ବ୍ୟାଙ୍କ ପାସ ବୁକର ପ୍ରଥମ ପୃଷ୍ଠାର ନକଲ, ଦାଖଲ ହୋଇଥିବା ନୂତନ ଜମି ବିବରଣୀର RoR ନକଲ ଏବଂ ଯଦି ଭାଗଚାଷୀ ହୋଇଥାନ୍ତି, ତେବେ ସମ୍ପୃକ୍ତ ଜମି ମାଲିକଙ୍କ ସହମତି ପତ୍ର/ ଆଧାର /ମୋବାଇଲ ନମ୍ବର ପ୍ରଦାନ କରିବେ । ଜମି ମାଲିକଙ୍କ ସହମତି ପତ୍ର ହସ୍ତଗତ ନହେଲେ ଭାଗ ଚାଷୀ ପଞ୍ଜୀକରଣ ସଫଳ ହେବ ନାହିଁ ।
- ନିର୍ଦ୍ଧାରିତ ସମୟକୁ ଅପେକ୍ଷା ନ କରି ଯଥେଷ୍ଟ ପୂର୍ବରୁ ଚାଷୀମାନେ ପୂରଣ କରାଯାଇଥିବା ଫର୍ମ ସମିତିରେ ଦାଖଲ କରିବାକୁ ଅନୁରୋଧ ।
- ରବି ଚାଷ କରାଯାଇଥିବା ପ୍ଲଟୱାରୀ ଜମି ବିବରଣୀ ବାବଦରେ ସଠିକ ତଥ୍ୟ ପ୍ରଦାନ କରିବେ, ଅନ୍ୟଥା ଏହା ଗ୍ରହଣୀୟ ହେବ ନାହିଁ ।

OIPR-7001/7002/2/25-26/0008

ଫର୍ମ ପାଇଁ ସ୍କାନ କରନ୍ତୁ

ଅଧିକ ବିବରଣୀ ପାଇଁ, ଦେୟମୁକ୍ତ ହେଲ୍ପଲାଇନ ନମ୍ବର ୧୯୬୭ ରେ ଯୋଗାଯୋଗ କରନ୍ତୁ ।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର
Foododisha | Food Odisha | Foododishagov | www.Foododisha.gov.in





# ଚାନ୍ଦିପୁର ପିଏକ୍ସଇ ତରଫରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ 'ମହିଳା ବୈଜ୍ଞାନିକଙ୍କ ଅବଦାନକୁ କରାଗଲା ସମ୍ମାନିତ'

ବାଲେଶ୍ୱର(ନି.ପ୍ର.): ଆଜି ଚାନ୍ଦିପୁରସ୍ଥିତ 'ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ' (ଡି.ଆର.ଡି.ଓ) ପକ୍ଷରୁ ଏହାର ପୁରାତନ ଗବେଷଣାଗାର 'ପ୍ରୁଫ୍ ଆଣ୍ଡ୍ ଏକ୍ସପେରିମେ[।ଲ୍ ଏଷ୍ଟାବ୍ଲିସମେ[' (ପିଏକ୍ସଇ) ପରିସରରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଏହି ଭବ୍ୟ କାର୍ଯ୍ୟକ୍ରମକୁ ଡିଆରଡିଓ ସଚିବ ତଥା ଅଧକ୍ଷ ଡଃ ସମୀର ଭି. କାମତ ଏବଂ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ଏହି ଅବସରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ଆର୍ମାମେ[ ଆଣ୍ଡ୍ କମ୍ବାଟ୍ ଇଞ୍ଜିନିୟରିଂ କ୍ଲଷ୍ଟରର ଡିରେକ୍ଟର ଜେନେରାଲ ପ୍ରଫେସର ଡ଼ଃ




ପ୍ରତୀକ କିଶୋର, ଏରୋନଟିକାଲ୍ ସିଷ୍ଟମ୍ସର ଡିରେକ୍ଟର ଜେନେରାଲ ଡ଼ଃ କେ. ରାଜଲକ୍ଷ୍ମୀ ମେନନ ଓ ପିଏକ୍ସଇ, ଚାନ୍ଦିପୁରରର ନିର୍ଦ୍ଦେଶକ ତଥା ବୈଜ୍ଞାନିକ ସୁବୋଧ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଡି.ଆର.ଡି.ଓ.ର ବିଭିନ୍ନ ଟେକ୍ନୋଲୋଜି କ୍ଲଷ୍ଟରର ଡିରେକ୍ଟର ଜେନେରାଲ, ଲ୍ୟାବରେଟରି ନିର୍ଦ୍ଦେଶକ ତଥା ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ମହିଳା ବୈଜ୍ଞାନିକ ଓ ଗବେଷକମାନେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ବିଜ୍ଞାନ ଏବଂ ପ୍ରତିରକ୍ଷା କ୍ଷେତ୍ରରେ ମହିଳାମାନଙ୍କର ସଶକ୍ତିକରଣ ଏବଂ ସେମାନଙ୍କ ଗବେଷଣାତ୍ମକ ପ୍ରୟାସକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା ।"ମହିଳା ଗବେଷକମାନେ ଯେପରି ସେମାନଙ୍କର ସମ୍ପୂର୍ଣ୍ଣ ସାମର୍ଥ୍ୟର ଉପଯୋଗ କରିପାରିବେ, ସେଥିପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବା ଆବଶ୍ୟକ,' ବୋଲି ଡିଆରଡିଓ ସଚିବ ତଥା ଅଧକ୍ଷ ଡଃ ସମୀର ଭି. କାମତ ନିଜ ଅଭିଭାଷଣରେ କହିଥିଲେ । ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଦେଶର ସୁରକ୍ଷା ଏବଂ ପ୍ରତିରକ୍ଷା କ୍ଷେତ୍ରରେ ମହିଳା ବୈଜ୍ଞାନିକମାନଙ୍କର ଅତୁଳନୀୟ ଅବଦାନକୁ ଉଚ୍ଚ ପ୍ରଶଂସା କରିଥିଲେ । ଏହି ସମୟରେ ଡ଼ଃ କେ. ରାଜଲକ୍ଷ୍ମୀ ମେନନ ଡି.ଆର.ଡି.ଓ ରେ କାମ କରୁଥିବା ମହିଳା ବୈଜ୍ଞାନିକ ଓ ପ୍ରାଯୁକ୍ତିକ କର୍ମଚାରୀମାନଙ୍କ ଅବଦାନକୁ ପ୍ରଶଂସା କରିଥିଲେ । ପ୍ରଫେସର ଡ଼ଃ ପ୍ରତୀକ କିଶୋର ମଧ ଡି.ଆର.ଡି.ଓ.ରେ ମହିଳା ପେସାଦାରମାନଙ୍କ ଉଲ୍ଲେଖନୀୟ ସଫଳତାକୁ ସ୍ୱୀକାର କରିବା ସହ ସମାନ ଓ ସମ୍ମାନଜନକ କାର୍ଯ୍ୟ ପରିବେଶ ଗଠନ ପ୍ରତି ସଂଗଠନର ପ୍ରତିବଦ୍ଧତାକୁ ପୁନରୁଚ୍ଚାରଣ କରିଥିଲେ । ପିଏକ୍ସଇର ନିର୍ଦ୍ଦେଶକ ବୈଜ୍ଞାନିକ ସୁବୋଧ କୁମାର ନାୟକ କହିଥିଲେ ଯେ ଦେଶର ସୁରକ୍ଷା କ୍ଷେତ୍ରରେ ପିଏକ୍ସଇର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ଏବଂ ଏଠାରେ କାର୍ଯ୍ୟରତ ମହିଳା ଗବେଷକମାନେ ଲ୍ୟାବରେଟରିର ଉନ୍ନତିରେ ମହତ୍ୱପୂର୍ଣ୍ଣ ଭୂମିକା ନେଉଛନ୍ତି ।

# ନୃତ୍ୟାନୁଷ୍ଠାନ 'ନାଚ୍' ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସମ୍ମାନିତ ହେଲେ ୪ ଜଣ ବିଶିଷ୍ଟ ମହିଳା

ବାଲେଶ୍ୱର ,(ନି.ପ୍ର.) ବାଲେଶ୍ୱରର ଅଗ୍ରଣୀ ନୃତ୍ୟାନୁଷ୍ଠାନ 'ନାଚ୍' ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ଅନୁଷ୍ଠାନର ପରିସରରେ ପାଳିତ ହୋଇଯାଇଛି ।ଏହି ଅବସରରେ ଚଳିତ ବର୍ଷ ପାଇଁ ସମାଜର ବିଭିନ୍ନ କ୍ଷେତ୍ରରେ ବିଶେଷ ଅବଦାନ ରଖିଥିବା ୪ ଜଣ ବିଶିଷ୍ଟ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା । ବିଗତ ପାଂଚ ବର୍ଷ ଧରି ଆୟୋଜନ ହେଉଥିବା ଏଇ ଉତ୍ସବରେ ସମାଜର ବିଭିନ୍ନ ବର୍ଗର ପ୍ରତିଭା ସମ୍ପନ୍ନ ମହିଳାଙ୍କୁ ଚୟନ କରାଯାଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥାଏ । ଏହି କ୍ରମରେ ଚଳିତ ବର୍ଷ ବିଶିଷ୍ଟ ଲେଖିକା ଏବଂ 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ର ସମ୍ପାଦିକା ସୈରିନ୍ଧ୍ରୀ ସାହୁ (ବାଲେଶ୍ୱର), ଜାତୀୟ ସ୍ତରର ଚିତ୍ରଶିଳ୍ପୀ ପାରମିତା ସରକାର, (କୋଲକତା), ଶିକ୍ଷାବିତ ଓ ସୋର ସ୍ଥିତ ପୁରୁବାଇ




କନ୍ୟାଆଶ୍ରମର ସମ୍ପାଦିକା ତଥା ସମାଜସେବୀ ସୁମତି ମହାନ୍ତି ଏବଂ ଯୁବ ସାମ୍ବାଦିକା ଓ ଗାଳ୍ପିକା ସ୍ମୃତିଲଗ୍ନା ନନ୍ଦ ପ୍ରମୁଖ 'ନାଚ୍ ମହିଳା ଉତ୍କର୍ଷ ସମ୍ମାନ'ରେ ସମ୍ବର୍ଦ୍ଧିତ ହୋଇଥିଲେ । ଆଜି ସନ୍ଧ୍ୟାରେ 'ନାଚ୍' ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ସୂଚନା ଅରୁଣାଂଶୁ ପାଣିଗ୍ରାହୀ ଦେଇଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଶିକ୍ଷାବିତ ତଥା ସମାଜସେବୀ ସତ୍ୟମ କୁମାର ମିଶ୍ର । ଏହି ଅବସରରେ ବିଶିଷ୍ଟ କବି କୃଷ୍ଣ କୁମାର ମହାନ୍ତିଙ୍କ ଶୁଭେଚ୍ଛା ବାର୍ତା ଓ ମହିଳା ଦିବସ ଉପଲକ୍ଷେ ରଚିତ ଏକ କବିତାକୁ ସତ୍ୟମ ମିଶ୍ର ପାଠ କରିଥିଲେ । କଥାସାର କବି ଶ୍ରୀଦେବ ରଖିଥିବା ବେଳେ ସମାଜସେବୀ ତଥା ପୂର୍ବରୁ ସମ୍ବର୍ଦ୍ଧିତ ପ୍ରତିଭା ସାରଦା ଗିରି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନୁଷ୍ଠାନର ଅଧକ୍ଷା ତଥା ବିଶିଷ୍ଟ ନୃତ୍ୟାଙ୍ଗନା ରୋନାଲିସା ପଣ୍ଡା 'ନାଚ୍' ଅନୁଷ୍ଠାନ ତଥା ମହିଳା ଦିବସ ପାଳନର ଆଭିମୁଖ୍ୟ ବିଷୟରେ କହିଥିଲେ । ନାଚ୍ ମହିଳା ଶାଖା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାରର ପାରମ୍ପରିକ ନୃତ୍ୟ ପରିବେଷଣ କରଯାଇଥିଲା । ଆଗରୁ ମହିଳାମାନଙ୍କ ବିଭିନ୍ନ ପ୍ରତିଯୋଗିତାର ବିଜେତା ମାନଙ୍କୁ ଏହି ଅବସରରେ ପୁରସ୍କାର ବିତରଣ କରାଯାଇଥିଲା ।

# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ଓ ସୁଭଦ୍ରା ଯୋଜନାର ମିଳିତ କାର୍ଯ୍ୟକ୍ରମ

ବାଲେଶ୍ୱର, (ନି.ପ୍ର.)ଆଜି ସକାଳ ୧୦.୩୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଗାନ୍ଧୀ ସ୍ମୃତି ଭବନ ଠାରେ ଅନ୍ତର୍ଜାତୀୟ ମହିଳା ଦିବସ -୨୦୨୬ ପାଳନ କରଯାଇଥିଲା । ତତ୍ ସଙ୍ଗେ ସଙ୍ଗେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ପୁରୀ ରୁ ଭର୍ଚୁଆଲ ମୋଡ୍ ରେ ଯୋଡ଼ି ଥିଲେ । ଏବଂ ତାଙ୍କ ନିର୍ଦ୍ଦେଶ ରେ ଡି ବି ଟି ମାଧମରେ ଅର୍ଥରାଶି ହିତାଧିକାରୀଙ୍କ ଆକାଉ[ ରେ ଡିପୋଜିଟ୍ ହୋଇଥିଲା

ଆଜିକାର ଗାନ୍ଧୀ ସ୍ମୃତି ଭବନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ଧୂପ, ଦ୍ୱୀପ ପ୍ରଜ୍ୱଳନ କଲାପରେ ସଭା କାର୍ଯ୍ୟଟି ଆରମ୍ଭ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାଏକ ଅତିଥିମାନଙ୍କ ପରିଚୟ ପ୍ରଦାନ କରି ସ୍ୱାଗତ ଭାଷଣ ଦେଇଥିଲେ । ଏଠାରେ ମାନ୍ୟବର ସରକାରୀ ଦଳର ଉପ ମୁଖ୍ୟ ସଚେତକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ତାଙ୍କ ସହିତ ମାନ୍ୟବର ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ, ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଡିଏସପି ଶ୍ରୀମତୀ ନିବେଦିତା ସୋରେନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ଜ୍ୟୋସ୍ନା ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଶ୍ରୀଯୁକ୍ତ ପ୍ରିୟଦର୍ଶୀ ରାଜେଶ, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରିଣୀ ଶ୍ରୀମତୀ ନୀର୍ଲିପ୍ତା ମହାନ୍ତି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ପ୍ରତିଭା ବେହେରା ପ୍ରମୁଖ ମଂଚାସ୍ୱିନ ଥିଲେ ।

ନାରୀ ହେଉଛନ୍ତି ସୃଷ୍ଟିର ଆଧାର । ଜନ୍ମ ଦେବାରୁ ଆରମ୍ଭ କରି ସମାଜ ଗଠନ ପର୍ଯ୍ୟନ୍ତ ସେମାନଙ୍କର ଅବଦାନ ଅସୀମ । ସେମାନଙ୍କୁ ଅର୍ଥନୈତିକ, ରାଜନୈତିକ ଓ ସାମାଜିକ ସୁରକ୍ଷା ଦିଗରେ ସଶକ୍ତିକରଣ କରିବା ହେଉଛି ଅନ୍ତର୍ଜାତୀୟ ମହିଳା ଦିବସର ଉଦ୍ଦେଶ୍ୟ ।ଆଜି ଆମେ ଗର୍ବ ସହିତ କହିପାରିବା ଯେ ନାରୀମାନେ ପ୍ରତ୍ୟେକ କ୍ଷେତ୍ରରେ ନିଜ ଦକ୍ଷତା ପ୍ରମାଣ କରୁଛନ୍ତି । ଶିକ୍ଷା, ବିଜ୍ଞାନ, ରାଜନୀତି, ଖେଳ, ଅନ୍ତରିକ୍ଷ ଅନୁସନ୍ଧାନ, ସେନା, ବ୍ୟବସାୟ—ସମସ୍ତ କ୍ଷେତ୍ରରେ ନାରୀମାନେ ଅପୂର୍ବ ସଫଳତା ଲାଭ କରୁଛନ୍ତି । ଏହିପରି ଅନେକ ଗୁଣାତ୍ମକ ମାନର କଥା ଗୁଡ଼ିକ ଅତିଥି ମାନେ ନିଜ ବକ୍ତବ୍ୟରେ କହିଥିଲେ । ଏହା ପରେ ପରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ପୁରୀ ରୁ ଭର୍ଚୁଆଲ ମୋଡ୍ ରେ ଯୋଡ଼ି ଥିଲେ ଏବଂ ତାଙ୍କ ନିର୍ଦ୍ଦେଶ ରେ ଡି ବି ଟି ମାଧମରେ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତିର ଅର୍ଥରାଶି ହିତାଧିକାରୀଙ୍କ ଆକାଉ[ ରେ ଡିପୋଜିଟ୍ ହୋଇଥିଲ । । ମୁଖ୍ୟମନ୍ତ୍ରୀ ୧ କୋଟି ୨ ଲକ୍ଷ ୧୨ ହଜାର ୬୬୫ ଜଣ ସୁଭଦ୍ରା ଯୋଜନାର ପ୍ରତ୍ୟେକ ହିତାଧିକାରୀମାନଙ୍କ ଆକାଉ[କୁ ୫୦୦୦ ଟଙ୍କା ଲେଖାଏଁ ମୋଟ ୫,୧୦୬ କୋଟି ୩୩ ଲକ୍ଷ ୨୫ ହଜାର ଟଙ୍କା ହସ୍ତାନ୍ତର କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଓଗ ସମ୍ବଲପୁରଦ୍ୱାରା ପ୍ରସ୍ତୁତ ସୁଭଦ୍ରା ସମୀକ୍ଷା ରିପୋର୍ଟ ଉନ୍ମୋଚନ କଲେ । ସୁଭଦ୍ରା ମା ମାନଙ୍କ ଆତ୍ମବିଶ୍ୱାସ ଓ ପରିଶ୍ରମ ଦ୍ୱାରା ଏକ ବିକଶିତ , ସମୃଦ୍ଧ ଓଡିଶା ଗଠନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମାତ୍ର ଦେଢ଼ ବର୍ଷ ଭିତରେ ଆମ ମା ମାନଙ୍କ ପାଇଁ ସୁଭଦ୍ରା ଯୋଜନା ଏକ ଅଭୁତ ପୂର୍ବ ପରିବର୍ତନର ବାର୍ତାବହ ହୋଇପାରିଛି । ଆଗାମୀ ଦିନରେ ଅଧିକରୁ ଅଧିକ ମା ଏହି ପରିବର୍ତନ ଯାତ୍ରାରେ ସାମିଲ ହେବେ ବୋଲି ଆଜି ମୁଖ୍ୟମନ୍ତ୍ରୀ ଶ୍ରୀମୋହନ ଚରଣ ମାଝି ସୁଭଦ୍ରା ଯୋଜନା ଅନ୍ତର୍ଗତ ଚତୁର୍ଥ କିସ୍ତି ପ୍ରଦାନ ତଥା ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ କହିଛନ୍ତି ।

ଉପସ୍ଥିତ ସୁଭଦ୍ରା ଭଉଣୀ ମାନଙ୍କୁ ଅନ୍ତର୍ଜାତୀୟ ମହିଳା ଦିବସର ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ମହିଳା ମାନଙ୍କୁ ସଶକ୍ତ କରିବାରେ ଆମର ସୁଭଦ୍ରା ଯୋଜନା ସଫଳ ହୋଇଛି ଓ ସେମାନଙ୍କୁ ଆର୍ଥିକ ସ୍ୱାଧୀନତା ପ୍ରଦାନ କରି ସ୍ୱତନ୍ତ୍ର ପରିଚୟ ଦେଇଛି । ସୁଭଦ୍ରା ଯୋଜନା ଆଜି ରାଜ୍ୟର ମହିଳା ମାନଙ୍କ ପାଇଁ ଆତ୍ମବିଶ୍ୱାସ ଓ ଆତ୍ମନିର୍ଭରତାର ସ୍ରୋତ ହୋଇପାରିଛି ।



ସୁଭଦ୍ରା ଯୋଜନା ଜରିଆରେ ସଫଳତା ପାଇଥିବା ହିତାଧିକାରୀଙ୍କୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମହିଳା ସଶକ୍ତିକରଣ ହେଉଛି ଆମ ସରକାରଙ୍କ ପ୍ରଥମ ପ୍ରାଥମିକତା ଏବଂ ସୁଭଦ୍ରା ଯୋଜନା ଏହାର ଏକ ସଫଳ ଉଦାହରଣ । ଅନୁଗୁଳ, ବଲାଙ୍ଗୀର, ବରଗଡ଼, ଭଦ୍ରକ ଓ କଟକ ଭଳି ଅନେକ ଜିଲ୍ଲାର ମହିଳାମାନେ ଏହି ସହାୟତା ରାଶିକୁ ବ୍ୟବହାର କରି ଛତୁ ଚାଷ, କୁକୁଡ଼ା ପାଳନ, ବାଉଁଶ ବ୍ୟବସାୟ ଓ ଛୋଟ ବ୍ୟବସାୟ ଆରମ୍ଭ କରି ସଫଳତାର ଦୃଷ୍ଟାନ୍ତ ସୃଷ୍ଟି କରୁଛନ୍ତି ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନରେ ମହିଳାମାନଙ୍କ ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ରହିବ । ସମୃଦ୍ଧ ଓଡିଶା ଓ ବିକଶିତ ଗଠନ ହେବ ମହିଳାମାନଙ୍କ ନେତୃତ୍ୱରେ । ବର୍ତମାନ ରାଜ୍ୟରେ ପ୍ରାୟ ୧୭ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି ହୋଇଥିବା ବେଳେ ୨୦୪୭ ସୁଦ୍ଧା ୬୦ ଲକ୍ଷ 'ଲକ୍ଷପତି ଦିଦି' ଓ ୧୦ ଲକ୍ଷ 'ମିଲେନିଆର ଦିଦି' ସୃଷ୍ଟି କରିବା ପାଇଁ ଆମର ଲକ୍ଷ୍ୟ ରହିଛି ।

ସେ ପୁଣି କହିଥିଲେ ଯେ ମହିଳାଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ ସଶକ୍ତିକରଣ ପାଇଁ ବିଭିନ୍ନ ଯୋଜନା ଆମ ସରକାର ଆରମ୍ଭ କରିଛନ୍ତି । 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା', 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା' ଓ 'ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା' ମହିଳାଙ୍କ ସୁରକ୍ଷା ଓ ସମୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

ଏହି ଅବସରରେ ଓଡ଼ିଶାର ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ବ୍ରହ୍ମଗିରି ବିଧାୟକ ଶ୍ରୀମତୀ ଉପାସନା ମହାପାତ୍ର , ପିପିଲି ବିଧାୟକ ଶ୍ରୀ ଆଶ୍ରିତ ପଟ୍ଟନାୟକ , ସତ୍ୟବାଦୀ ବିଧାୟକ ଶ୍ରୀ ଓମ୍ ?ପ୍ରକାଶ ମିଶ୍ର ,ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ଶ୍ରୀମତୀ ମନିଷା ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ ।

# ମାର୍ଚ୍ଚ ୧୨ରେ ହେବ ଜନଶୁଣାଣି କାର୍ଯ୍ୟକ୍ରମ

ବାଲେଶ୍ୱର, (ନି.ପ୍ର.)ନିଃଶୁଳ୍କ ଜନ ଶୁଣାଣିର ଆୟୋଜନ ୧୨ ମାର୍ଚ୍ଚ ୨୦୨୬ (ଗୁରୁବାର) ରେ ପୂର୍ବାହ୍ନ ୧୦ ଘଟିକା ସମୟରେ ବାଲେଶ୍ୱର ଏବଂ ଭଦ୍ରକ ଜିଲ୍ଲା ସକାଶେ ବାଲେଶ୍ୱର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ରେ ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ଶୁଣାଣିରେ ମହିଳା /ପକ୍ଷ ମାନଙ୍କୁ ନିଜର ସମସ୍ୟା ତଥା ଘରୋଇ ହିଂସା, ନିର୍ଯାତନା,ଯୌତୁକ, ସମ୍ପତି ବିବାଦ, କାର୍ଯ୍ୟସ୍ଥଳରେ ନିର୍ଯାତନା, ସାଇବର ଅପରାଧ, ପରିତ୍ୟାଗ, ବୈବାହିକ ବିବାଦ ଏବଂ ମହିଳା ଅଧିକାର ଉଲ୍ଲଂଘନ ଏବଂ ମହିଳା କଲ୍ୟାଣ ଇତ୍ୟାଦି ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ସିଧାସଳଖ ଅଧିକାରୀଙ୍କ ସମ୍ମୁଖରେ ପ୍ରସ୍ତୁତ କରିପାରିବେ । ଯଦି କୌଣସି ପୀଡ଼ିତା ନୂତନ ଅଭିଯୋଗ ପଞ୍ଜୀକରଣ କରିବାକୁ ଚାହାନ୍ତି, ତେବେ ସେ ଉକ୍ତ ଜନ ଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଦରଖାସ୍ତ ପ୍ରଦାନ କରିପାରିବେ । ଏଣୁ, ଅଭିଯୋଗକାରିଣୀ /ପକ୍ଷ ମାନଙ୍କୁ ଅଧିକ ସଂଖ୍ୟାରେ ଉପସ୍ଥିତ ରହି ଏହି ଜନହିତକାରୀ ପ୍ରୟାସରୁ ଲାଭ ନେବାକୁ ଆହ୍ୱାନ କରାଯାଉଛି ।

# ଆନ୍ତର୍ଜାତୀୟ ମହିଳା ଦିବସରେ ପଦଯାତ୍ରା

ବାଲେଶ୍ୱର,(ନି.ପ୍ର.)କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାରଙ୍କର ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଦ୍ୱାରା ଅନ୍ତର୍ଜାତୀୟ ମହିଳା ଦିବସ



୨୦୨୬ ର ସ୍ଥାନୀୟ ଆଇ ଟି ଆଇ ଛକରେ ଥିବା ଇନଡୋର୍ ଷ୍ଟାଡିୟମ ଗତ ତା. ୦୬.୦୩.୨୦୨୬ ରିଖଠାରୁ ଆରମ୍ଭ ହୋଇ ଆଜି ତା. ୦୮.୦୩.୨୦୨୬ ର ଉଦଯାପନ ହୋଇଅଛି । ଯାହାର ପ୍ରସଙ୍ଗ 'ଶକ୍ତି ସ୍ୱରିପିଣୀ', 'ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର' ଏବଂ 'ଶକ୍ତିର ଗତି, ରାଷ୍ଟ୍ରର ପ୍ରଗତି' ରହିଥିଲା ।ଏହି କ୍ରମ ରେ ଆଜି ଦିନର କାର୍ଯ୍ୟକ୍ରମର ପ୍ରସଙ୍ଗ 'ଶକ୍ତି ର ଗତି ରାଷ୍ଟ୍ରର ପ୍ରଗତି' ଥିବା ବେଳେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ପ୍ରତିଭା ବେହେରା, ବରିଷ୍ଠ ସାମ୍ବାଦିକ ତଥା ସାହତ୍ୟିକ ଶ୍ରୀ ସର୍ବେଶ୍ୱର ଦାସ ଯୋଗ ଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ର ଉଦଯାପନ କରିବା ସହ ନାରୀ ଶକ୍ତିର ଗତି କିପରି ରାଷ୍ଟ୍ରର ପ୍ରଗତି ରେ ସହାୟକ ହେବ ସେ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହା ପରେ ମହିଳା ମାନଙ୍କୁ ନେଇ ଏକ ବିଶାଳ ପଦଯାତ୍ରାର ଆୟୋଜନ କରାଯାଇଥିଲା ଯାହାକୁ ମୁଖ୍ୟ ଅତିଥି ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିଲେ, ଏହି ପଦଯାତ୍ରା ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମ୍ ରୁ ବାହାରି ଷ୍ଟେସନ୍ ଛକ ପର୍ଯ୍ୟନ୍ତ ଯାଇ ସେଠାରୁ ପୁଣି ପ୍ରତ୍ୟାବର୍ତନ କରିଥିଲେ । ଆଜିର ପଦଯାତ୍ରାରେ ରେ ବିଭିନ୍ନ ବର୍ଗର ୩୦୦ ରୁ ଉର୍ଦ୍ଧ ମହିଳା ଭାଗ ନେଇଥିଲେ । ଏହାସହ କ୍ରୀଡ଼ା କ୍ଷେତ୍ରରେ ଜାତୀୟ ସ୍ଥରରେ ପଦକ ହାସଲ କରିଥବା ଜଣେ ମହିଳା କ୍ରୀଡ଼ାବିତ୍ ଙ୍କୁ ସମ୍ମାନିତ କରାଯାଇଥିଲା । ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ଜେନା ମଂଚ ପରିଚାଳନା କରିବା ସହ ପଦଯାତ୍ରା କୁ ସଫଳ ରୂପାୟନ କରିଥିଲେ । ପରିଶେଷରେ ଶ୍ରୀ ଜେନା ଏହି ୩ ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ସମସ୍ତ ମହିଳା ତଥା ଅନ୍ୟ ସହଯୋଗୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାଗ୍ରତ ନାରୀ ସଂଗଠନ ପକ୍ଷରୁ ମହିଳା ଦିବସ ପାଳିତ

ବାଲେଶ୍ୱର, (ନି.ପ୍ର.) ଜାଗ୍ରତ ନାରୀ ସଂଗଠନ ପକ୍ଷରୁ ଝାଡ଼େଶ୍ୱରମନ୍ଦିର ପ୍ରାଙ୍ଗଣରେ ମହିଳାଦିବସ ପାଳିତ ହୋଇଯାଇଛି । ସବୁଜ ସୁନ୍ଦର ବାଲେଶ୍ୱର, ବାଲ୍ୟ ବିବାହ, ସାମାଜିକ ବ୍ୟାଧି, କନ୍ୟା ଭୃଣହତ୍ୟା, ଯୌତୁକ ରାକ୍ଷସ କବଳରୁ ମୁକ୍ତ, ଦୁର୍ନୀତିମୁକ୍ତ ସମାଜ ଗଠନ, ବେଟି ବଂଚାଓ ସ୍ଲୋଗାନମାନ ପ୍ରଦାନ କରାଯିବା ସହ



ମମତା ଦାଶଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବୃକ୍ଷରୋପଣ ସାଙ୍ଗକୁ ପ୍ରକାଶିନୀ ମାଝି, ଗୀତା ରାଓ, ରଖସାର୍ ବିବି, ବାସନ୍ତୀ ଦାସ, ପ୍ରଜ୍ଞା ମାଝି, ଗୀତା ମୁଖି, ସ୍ୱାଗତିକା ପରିଡ଼ା, ପୂଜା ଦାସ, ବନ୍ଦନା ପାତ୍ର, ମମତା ମିଶ୍ର, ସଂଜୁ ବେହେରା, ପଦ୍ମିନୀ ମାଝି, ମାମିନା ସିଂ ପ୍ରମୁଖ ସହଯୋଗ କରିଥିଲେ ।

# ୧୯ ପଦବୀ ପାଇଁ ନିର୍ବାଚନ ରଣାଙ୍ଗନରେ ୩୮ ପ୍ରାର୍ଥୀ

ବାଲେଶ୍ୱର, (ନି.ପ୍ର.) ଆସନ୍ତା ୨୮ ତାରିଖ ବାଲେଶ୍ୱର ବାରର ମତଦାନ କାର୍ଯ୍ୟକ୍ରମ ନିର୍ବାଚନ ଅଧିକାରୀ କାର୍ତିକ ପ୍ରସାଦ ସିଙ୍ଗ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ । ସେଥିପାଇଁ ଗତ ୭ ତାରିଖରୁ ଆରମ୍ଭ ହୋଇଥିବା ନାମାଙ୍କନ ପତ୍ର କାର୍ଯ୍ୟକ୍ରମ ଆଜି ଅପରାହ୍ନରେ ପରିସମାପ୍ତି ଘଟିଛି । ୧୯ଟି ପଦବୀ ପାଇଁ ୩୮ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ମଇଦାନକୁ ଓହ୍ଲାଇଛନ୍ତି । ସଭାପତି ପଦରେ ମନୋଜ କୁମାର ନାୟକ, ନାରାୟଣ ଚନ୍ଦ୍ର ସାହୁ ଏବଂ ରଘୁନାଥ ପ୍ରଧାନ, ଉପସଭାପତି ଭାବେ ୨ଜଣ ସୂର୍ଯ୍ୟକାନ୍ତ କର, ରଂଜିତ ପଣ୍ଡା ଏବଂ ସମ୍ପାଦକ ଭାବେ ସମ୍ପିତ କୁମାର ନନ୍ଦୀ, ଦୀପକ କୁମାର ଦାସ, ସହକାରୀ ସମ୍ପାଦକ ପଦରେ ସୌରୀ ଶଙ୍କର ପରିଡ଼ା, ଜୀତେନ୍ଦ୍ର କୁମାର ଉପାଧ୍ୟାୟ, ଏସକେ ମହମ୍ମଦ ଗୁଲାମ ହମିଦ, ସ୍ନେହଲତା ଦାସ, ଅଜୟ କୁମାର ବାରିକ, କୋଷାଧ୍ୟକ୍ଷ ଭାବେ ଶିବ ଶଙ୍କର ପଣ୍ଡା, ବିଜୟ କୁମାର ପରିଡ଼ା, ସହ କୋଷାଧ୍ୟକ୍ଷ ଭାବେ ମମତା ବେହେରା , ବାସନ୍ତି ସାହୁ ଏବଂ କାର୍ଯ୍ୟକାରୀ କମିଟି ପାଇଁ ୨୨ଜଣ ରଣାଙ୍ଗନକୁ ଓହ୍ଲାଇଛନ୍ତି ।

# TPNODL ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ବାଲେଶ୍ୱର,(ନି.ପ୍ର.) : ଟିପିଏନଓଡ଼ିଏଲର ସିଏସଆର କାର୍ଯ୍ୟକ୍ରମ ଅଧୀନରେ ଉପକୃତ ତଥା ଆତ୍ମନିର୍ଭରଶୀଳ ମହିଳାମାନଙ୍କୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସମ୍ବର୍ଦ୍ଧିତ କରାଯାଇଛି । ବୈଶିଙ୍ଗାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗରେ ନିଜର ଦକ୍ଷତା ପ୍ରତିପାଦନ କରିଥିବା ୬୦୦ରୁ ଅଧିକ ମହିଳା ସାମିଲ ହେବା ସହ ନିଜ ନିଜର ଅଭିଜ୍ଞତା ବଖାଣି ଥିଲେ । ଏହା ସହ ପ୍ରଦର୍ଶନୀ ଷ୍ଟଲରେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ହସ୍ତକଳା ସାମଗ୍ରୀଗୁଡ଼ିକ ମଧ ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଟିପିଏନଓଡ଼ିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଗଜାନନ କାଲେ, ବାରିପଦା ଅଧିକ୍ଷଣ ଯନ୍ତ୍ରୀ ଦେବବ୍ରତ ପଣ୍ଡା, ସିଏସଆର ମୁଖ୍ୟ ରଞ୍ଜନ ଶର୍ମା, ମୟୂରଭଞ୍ଜ ବିପିଏମ ମଧୁଚନ୍ଦା ବେହେରାଙ୍କ ସମେତ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀ ତଥା ଅଂଚଳର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସମ୍ବୋଧନ କରି, ସିଇଓ ଶ୍ରୀ କାଲେ କହିଥିଲେ ଯେ, ସାମ୍ପ୍ରତିକ ସମାଜରେ ମହିଳା ସଶକ୍ତିକରଣ କେବଳ ନାରା ନୁହଁ, ଏହା ବାସ୍ତବରେ ମଧ ପ୍ରତିଫଳିତ । ସେମାନେ ପୁରୁଷଙ୍କ ସହ ସମକକ୍ଷ । ସେମାନେ ସ୍ୱାବଲମ୍ବୀ । ମହିଳାମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ଆମେ ସମସ୍ତେ ସର୍ବଦା ଯତ୍ନଶୀଳ ହେବା ଆବଶ୍ୟକ ବୋଲି ସେ କହିଥିଲେ । ଏହି ଅବସରରେ ଟିପିଏନଓଡ଼ିଏଲ ପକ୍ଷରୁ ଜାରି ରହିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସେ ଆଲୋକପାତ କରିବା ସହ




ସମାଜ ଗଠନରେ ସଂସ୍ଥାର ଭୂମିକା ପ୍ରତିପାଦନ କରିଥିଲେ ।ସେହିପରି ମହିଳା ଉପଭୋକ୍ତାଙ୍କ ପାଇଁ ପ୍ରତ୍ଯେକ ବୈଦ୍ୟୁତିକ ମଣ୍ଡଳ ସ୍ତରରେ ଏକ ନିଆରା କାର୍ଯ୍ୟକ୍ରମ 'ଫେମେ ଫିଏଷ୍ଟା ୩.୦' ଅନୁଷ୍ଠିତ ହୋଇଯାଇଛି । ମହିଳା ଉପଭୋକ୍ତାଙ୍କ ପ୍ରତିବଦ୍ଧତାକୁ ସମ୍ମାନ ଜଣାଇବା ସହ ଏଥିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ବିକାଶମୁଖୀ ଆଲୋଚନା ଚକ୍ରର ମଧ ଆୟୋଜନ କରାଯାଇଥିଲା ଓ ଏହି ଅବସରରେ ଟିପିଏନଓଡିଏଲର ବିଦ୍ୟୁତ ସେବା ସମ୍ପର୍କିତ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସେମାନଙ୍କୁ ଅବଗତ କରାଯିବା ସହ ମହିଳା ଉପଭୋକ୍ତାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାମାନ ମଧ ଆୟୋଜିତ ହୋଇଥିଲା । ଏଥିସହ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ମହିଳା କର୍ମଚାରୀଙ୍କୁ ନେଇ ଟିପିଏନଓଡିଏଲ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଯୋଜନା ରହିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି ।

# ଶିକ୍ଷକ ସହୀଦ ଦିବସ ପାଳନ



ନୟାଗର(ନିପ୍ର): ଶିକ୍ଷକ ମହାସଂଘର ରାଜ୍ୟ ସ୍ତରୀୟ ଆନ୍ଦୋଳନରେ ଯୋଗଦେବାକୁ ଯାଉଥିବା ସମୟରେ ଟିକାତାଳ ଠାରେ ୦୯ମାର୍ଚ୍ଚ ୧୯୭୮ଘଟିଥିବା ମର୍ମନ୍ତୁଦ ରାସ୍ତା ଦୁର୍ଘଟଣାରେ ନୟାଗଡ଼ ଜିଲ୍ଲାର ୬ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହୀଦ ହୋଇଥିଲେ । ସେହି ଦିବସକୁ ଶିକ୍ଷକ ସହୀଦ ଦିବସ ଭାବରେ ନୟାଗଡ଼ କଲେଜ କାହ୍ନୁ ଚରଣ ପଟ୍ଟନାୟକ ସ୍ମୃତି ପୀଠ ଠାରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ବାମପନ୍ଥୀ ନେତା ବିଶ୍ୱନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପାଳନ କରାଯାଇଛି । ସ୍ମାରକୀ ପୀଠରେ ପୁଷ୍ପାଞ୍ଜଳି ପୂର୍ବକ ବକ୍ତା ମାନେ ଶିକ୍ଷକ ଆନ୍ଦୋଳନର ଗୌରବମୟ ଅଧ୍ୟାୟକୁ ରୋମନ୍ଥନ କରିବା ସହିତ ଏବେ ବି କିଭଳି ଶିକ୍ଷା ବ୍ୟବସ୍ଥା କର୍ପୋରେଟ୍ ପୁଞ୍ଜିର ଦାସତ୍ୱ ସ୍ୱୀକାର କରିଛି, ଠିକାନିଯୁକ୍ତି ସହିତ ପେନସନ ସୁବିଧାର ମୂଳଛେଦ କରାଯାଇଛି । ଶାନ୍ତି ପରିବର୍ତ୍ତେ ଯୁଦ୍ଧଖୋର ଆମେରିକାର ପଦଲେହନ କରାଯାଉଛି । ଏଥି ପାଇଁ ଗଭୀର ଚିନ୍ତା ପ୍ରକଟ କରିଛନ୍ତି ବକ୍ତା ମାନେ । ଏହି ଶ୍ରଦ୍ଧାଂଜଳି ସଭାରେ ବିଶିଷ୍ଟ ସମାଜସେବୀ ପ୍ରମୋଦ ପଟ୍ଟନାୟକ, ଓଷ୍ଟାର ପ୍ରାକ୍ତନ ସଂପାଦକ କିଶୋର ପରମଗୁରୁ, ଓଷ୍ଟାର ରାଜ୍ୟ କର୍ମକର୍ତ୍ତା ମାଣିକେଶ୍ୱର ସ୍ୱାଇଁ, ଅଧ୍ୟାପକ ଡ. ଆଶୁତୋଷ ମିଶ୍ର, ଶିକ୍ଷାବିତ ଏମ୍. ଆଉରଙ୍ଗଜେବ, ଅନାଦି ଚରଣ ମହାନ୍ତି, ଶିକ୍ଷାର୍ଥୀ ଗଙ୍ଗାଧର ଦାସ, ରୋଜାଲିନ ଦାସ, ପାୟଲ ପ୍ରଧାନ ପ୍ରମୁଖ ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ ।

# ରେଳ ଷ୍ଟେସନ ସମ୍ମୁଖରେ ନାଗରିକ ମଂଚର ଗଣଧାରଣା ଆରମ୍ଭ

ସୋର(ନିପ୍ର): ସୋର ରେଳ ଷ୍ଟେସନ ତଥା ରେଳ ଯାତ୍ରୀ ମାନଙ୍କ ପ୍ରତି ଦକ୍ଷିଣ ପୂର୍ବ ରେଳ ବିଭାଗ ଅଧିକାରୀ ମାନଙ୍କ ଦ୍ୱାରା ହେଉଥିବା ଅବହେଳା ବିରୋଧରେ, ସୋର ନାଗରିକ ମଂଚ ଦ୍ୱାରା ଅନୁଷ୍ଠିତ ତିନିଦିନିଆ ଗଣ ଧାରଣା ଆଜିଠାରୁ ରେଳ ଷ୍ଟେସନ ସମ୍ମୁଖରେ ଆରମ୍ଭ ହୋଇଛି । ଏହି ଧାରଣାରେ ସୋର ବ୍ୟବସାୟୀ ସଙ୍ଘ, ଆଦର୍ଶ ଯୁବପରିଷଦ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସୋର ଅଂଚଳ କମିଟି, ପ୍ରଜାପିତା ବ୍ରହ୍ମକୁମାରୀ ସୋର,ତଥା ସୋର ଅଂଚଳର ବହୁ ବୁଦ୍ଧିଜୀବୀ ମାନେ ଯୋଗ ଦେଇ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି । ଖଡଗପୁର ଡିଭିଜନ ଅଧୀନରେ ଥିବା ସୋର ରେଳଷ୍ଟେସନ ଦେଇ ପ୍ରତିଦିନ ହଜାର ହଜାର ସଂଖ୍ୟରେ ଯାତ୍ରୀ ରେଳଯୋଗେ ଯାତାୟତ କରୁଥିବା ବେଳେ, ସୋର ରେଳ ଷ୍ଟେସନଟି ଅମୃତ ଭାରତ ଷ୍ଟେସନରେ ପରିଣତ ହୋଇ ମଧ୍ୟ ଯାତ୍ରୀ ମାନଙ୍କୁ ସୁବିଧା ପ୍ରଦାନ କ୍ଷେତ୍ରରେ ଅବହେଳା କରାଯାଉ ଥିବାରୁ ଲୋକେ ନାହିଁନଥିବା ଅସୁବିଧାରେ ସମ୍ମୁଖିନ ହେଉଛନ୍ତି । ଏନେଇ ଦିର୍ଘବର୍ଷ ଧରି ଦାବି କରାଯାଉଥିଲେ ମଧ ବିଭାଗୀୟ ଅଧିକାରୀମାନେ ସମସ୍ୟାର ସମାଧାନ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି । ଫଳରେ ଖଡଗପୁର ଡିଭିଜନର ଏହି ବୈମାତୃକ ମନୋଭାବକୁ ବିରୋଧ କରି ସୋର ନାଗରିକ ମଂଚ ପକ୍ଷରୁ ସମସ୍ୟାର ସମାଧାନ କରାନଗଲେ ଧାରଣା ଓ ପ୍ରତିବାଦ କରାଯିବା ବୋଲି ପୂର୍ବରୁ ଚେତାବନୀ ଦିଆଯାଇଥିଲା । ନାଗରିକ ମଂଚର ସଭାପତି ନେତ୍ରାନନ୍ଦ ରାଉତଙ୍କ ନେତୃତ୍ୱରେ ନବକିଶୋର ଦାସ, ଦାମୋଦର ଦାଶମହାପାତ୍ର, ଗଙ୍ଗାଧର ପାଢ଼ୀ, ସମ୍ପାଦକ ଉଦ୍ଧବ ଚରଣ ବିଶ୍ୱାଳ, ମାୟାଧର ନାୟକ, ସୁରେନ୍ଦ୍ର ପାଣିଗ୍ରାହୀ, ପ୍ରଦୀପ କୁମାର ଦାଶ, ମନୋଜ କୁମାର ରାୟ, ପଂଚାନନ ଶିଅଳ, ନିତ୍ୟାନନ୍ଦ କର, ରଜନୀକାନ୍ତ ପାଣିଗ୍ରହୀ, ରବୀନ୍ଦ୍ର କୁମାର ଦାସ, ପ୍ରଶାନ୍ତ କୁମାର ଦାସ, ବିଜୟ କୁମାର ମହାପାତ୍ର, ଖଗେନ୍ଦ୍ର ପ୍ରଧାନ, ଦାମୋଦର ସାହୁ, ଅନାମ ପ୍ରସାଦ ବାରିକ, ଇଂ ଦିବାକର ଦଳାଇ, ଶଶିକାନ୍ତ ପଣ୍ଡା, ଜିତେନ୍ଦ୍ର ବେହେରା, ବିଜୟ କୁମାର ଦାସ, ସୁରେନ୍ଦ୍ର ବେହେରା, ପଦ୍ମଲୋଚନ ପାତ୍ର, ବାସୁଦେବ ମହାପାତ୍ର, ସୁରେନ୍ଦ୍ର ବାରିକ, ରାଜାରାଣୀ ଜେନା, ମହେନ୍ଦ୍ର ପ୍ରସାଦ ସାହୁ, ନିତ୍ୟାନନ୍ଦ ପୁହାଣ, ଗୋବିନ୍ଦ ଗୋପାଳ ଶତପଥୀ, ହରିହର ଦାସ, ଅଦୈତ୍ୟ କୁମାର କର, ରତିରଞ୍ଜନ ପାଣିଗ୍ରାହୀ, ପ୍ରଫୁଲ୍ଲ ଷଡ଼ଙ୍ଗୀ, ବଳରାମ ପୃଷ୍ଟି , ଶରତ ଚନ୍ଦ୍ର ମହାନ୍ତି, କଟଚନ୍ଦ୍ର ବେହେରା ପ୍ରଭୃତି ଆନ୍ଦୋଳନ କାରୀ ମାନେ ରେଳ ଷ୍ଟେସନ ସମ୍ମୁଖ ଧାରଣାରେ ବସିଥିଲେ । ତିନିଦିନ ଧରି ଏହି ଧାରଣା ଚାଲୁ ରହିବ । ରେଳ ବିଭାଗର ଉଚ୍ଚ ପଦାଧିକାରୀ ମାନେ ତୁରନ୍ତ ହସ୍ତକ୍ଷେପ କରି ସମସ୍ୟା ଗୁଡ଼ିକ ସମାଧାନ ନକଲେ, ଆସନ୍ତା ଏପ୍ରିଲ ମାସ ପ୍ରଥମ ସପ୍ତାହରେ ରେଳରୋକ ଭଳି ଚରମ ପଦକ୍ଷେପ ନେବାକୁ ନାଗରିକ ମଂଚ ବାଧ୍ୟ ହେବ । ଏହି ଧାରଣାକୁ ପ୍ରଦୀପ କୁମାର ଦାଶ, ସୁରେନ୍ଦ୍ର ପାଣିଗ୍ରହୀ, ମନୋଜ କୁମାର ରାୟ ପରିଚାଳନା କରିଥିଲେ ।

# ୨ ଦେଶୀ ବନ୍ଧୁକ ଜବତ, ୪ ଗିରଫ



ବାରିପଦା(ନିପ୍ର): ଶିକାର ମୁକ୍ତ ଶିମିଳିପାଳ ଏବଂ ଜୀବ ଜନ୍ତୁଙ୍କ ଗତି ବିଧି ଉପରେ ସତର୍କ ଦୃଷ୍ଟି ରଖିବା ପାଇଁ ଶିମିଳିପାଳ ଅଭୟାରଣ୍ୟରେ ଖଞ୍ଜାଯାଇ ଥିବା ଟ୍ରାପ କ୍ୟାମେରା ପୁଣି ଶିମିଳିପାଳରୁ ୪ ଶିକାରୀଙ୍କୁ ଧରାଇ ଦେଇଥିବା ବେଳେ ସେମାନଙ୍କ ଠାରୁ ୨ ଦେଶୀ ବନ୍ଧୁକ ଜବତ ହୋଇଥିବା ଜଣାଯାଇଛି । ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅନ୍ତର୍ଗତ ୱାଇଲଡ ଲାଇଫ ଏରିଆରେ ଗତ ୫ ତାରିଖ ରାତିରେ ବନ୍ଧୁକ ଧାରୀ ଶିକାରୀ ମାନେ ଶିକାର ପାଇଁ ବେଆଇନ ଭାବେ ପ୍ରବେଶ କରିଥିବା ବେଳେ ଶିମିଳିପାଳରେ ଲାଗିଥିବା ଏଆଇ ଟ୍ରାପ କ୍ୟାମେରାରେ ସେମାନଙ୍କର ଫୋଟ ଏବଂ ଗତିବିଧି କଂଟ୍ରୋଲ ରୁମରେ କଏଦ ହୋଇଥିଲା । ଏଆଇ କ୍ୟାମେରା ଫୁଟେଜ ଆଧାରରେ ଡୁକୁରା ୱାଇଲଡ ଲାଇଫ ରେଞ୍ଜର ସଦଳବଳେ ଚଢ଼ାଉ କରି ୪ ଶିକାରୀଙ୍କୁ ଗିରଫ କରାଯାଇଥିବା ବେଳେ ଗିରଫ ଶିକାରୀ ମାନଙ୍କ ଠାରୁ ୨ ଦେଶୀ ବନ୍ଧୁକ ଜବତ କରାଯାଇଛି । ଗିରଫ ହୋଇଥିବା ଶିକାରୀ ମାନେ ମୟୁରଭଞ୍ଜ ଜିଲ୍ଲା ବଡ଼ସାହି ଥାନା ଅନ୍ତର୍ଗତ ଚନ୍ଦନଚତୁରି ଗ୍ରାମର ସୁନୀଲ ଭକ୍ତା (୨୫), ସହଦେବ ମଲ୍ଲିକ (୨୦), ରାମଚନ୍ଦ୍ର ହାଁସଦା ଓରଫ ରାମ (୨୫) ଏବଂ ଧୀରେନ୍ଦ୍ର ମଲ୍ଲିକ ଓରଫ ବେନ୍ଦାଳ(୨୪) ବୋଲି ଜଣାଯାଇଛି । ଅଭିଯୁକ୍ତ ମାନଙ୍କୁ ବନ୍ୟପ୍ରାଣୀ ଶିକାର ଏବଂ ବେଆଇନ ଅସ୍ତ୍ରଶସ୍ତ୍ର ବ୍ୟବହାର ଅଭିଯୋଗରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ




ପୁରୀ(ନିପ୍ର): ପୁରୀ ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଆଜି ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏଥିରେ ଅଧକ୍ଷତା କରିଥିଲେ । ଏଥିରେ ମୋଟ ୭୫ ଗୋଟି ଅଭିଯୋଗ ମିଳିଥିଲା । ସେଥିରୁ ୬୪ ଗୋଟି ବ୍ୟକ୍ତିଗତ,୧୦ ଗୋଟି ଗ୍ରାମ ସମ୍ବନ୍ଧୀୟ ଓ ୧ ଗୋଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ସହାୟତା ସମ୍ପର୍କରେ ରହିଥିଲା । ତତ୍କ୍ଷଣାତ ୭ ଗୋଟି ଅଭିଯୋଗ ର ସମାଧାନ କରାଯାଇଥିଲା । ଅନ୍ୟ ଅଭିଯୋଗ ଗୁଡିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା । ଏହି ଶୁଣାଣୀରେ ଉପ ଜିଲ୍ଲାପାଳ ରାଜକିଶୋର ଜେନା, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ରାଜୀବ କୁମାର ବେହେରା, ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ, ଅସ୍ତରଙ୍ଗ ବିଡ଼ିଓ ସସ୍ମିତା ବେହେରା, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ପୋଲିସ ଡିଏସପି ମାନବିକ ଅଧିକାର ତିଲୋତମା ରାଉତ, ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ, ଅଭିଯୋଗ ଶୁଣାଣି ଅଧିକାରୀ ବିବେକାନନ୍ଦ ସାହୁ ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ । ଆସନ୍ତା ୧୬ ତାରିଖରେ ରେ ପିପିଲି ବ୍ଲକ ସମ୍ମିଳନୀ ଗୃହରେ, ୨୩ ତାରିଖରେ ଡେଲାଙ୍ଗ ଓ ୩୦ ତାରିଖରେ ଗୋପ ବ୍ଲକ ସମ୍ମିଳନୀ ଗୃହ ରେ ଦିବା ୧୦ ଘଟିକା ରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜଣାଯାଇଛି ।

# ନିର୍ମାଣା ଧୀନ ପେଟ୍ରୋଲ ପମ୍ପ ରେ ଡିଜେଲ ଚୋରି

ବୈଶିଙ୍ଗା(ନିପ୍ର): ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ୧୮ ନଂ ଜାତୀୟ ରାଜପଥର ହାତୀଝୁରି ନିକଟରେ ଏକ ନିର୍ମାଣାଧୀନ ପେଟ୍ରୋଲ ପମ୍ପରେ ଡିଜେଲ ଚୋରି ଅଭିଯୋଗରେ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ସୋମବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି । ମିଳିଥିବା ସୂଚନା ମୁତାବକ ବିଶିକେସନ ସେଠୀ ନାମକ ବ୍ୟକ୍ତି ଇଣ୍ଡିଆନ ଅଏଲ କମ୍ପାନୀର ଲାଇସେନ୍ସରେ ହାତୀଝୁରି ନିକଟରେ ଏକ ପେଟ୍ରୋଲ ଫିଲିଙ୍ଗ ଷ୍ଟେସନ ନିର୍ମାଣ କାର୍ଯ୍ୟ କରୁଥିବା ବେଳେ ଶନିବାର ବିଳମ୍ବିତ ରାତିରେ ପ୍ରାୟ ଦୁଇ ହଜାର ଲିଟର ଗଚ୍ଛିତ ଥିବା ଡିଜେଲ ଚୋରି ହୋଇଯାଇଥିବା ନେଇ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ୧୧୭ ନଂ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ବେଳେ ଗୁପ୍ତ ସୂଚନା ମୁତାବକ ନିକଟସ୍ଥ ଗ୍ରାମରେ ଚଢ଼ାଉ କରି ଫରିଦ୍ ଖାଁ ଓ ଇମ୍ରାନ ଖାଁ ନାମକ ଦୁଇଜଣଙ୍କୁ ଗିରଫ କରି ଏକ ପିକ ଅପ୍ ଭ୍ୟାନ୍ ରେ ପାଂଟି ବଡ଼ବଡ଼ ପ୍ଲାଷ୍ଟିକ ଜାରକିନରେ ଭର୍ତ୍ତି ୧୨୫୦ ଲିଟର ଡିଜେଲ୍ ଜବତ କରାଯାଇଥିଲା ।

# ମାଗଣା ଚକ୍ଷୁ ପରୀକ୍ଷା ଓ ଚିକିତ୍ସା ଶିବିର

କଟକ(ନିପ୍ର): ପ୍ରତ୍ୟେକ ବ୍ୟକ୍ତିର ଚକ୍ଷୁ ଏପରି ଏକ ଅଙ୍ଗ ଯାହା ବିନା ସେ ବ୍ୟକ୍ତି ଅନ୍ଧ । ତେଣୁ ଏପରି ଏକ ଅମୂଲ୍ୟ ଅଙ୍ଗର ପରୀକ୍ଷା ଓ ଚିକିତ୍ସା କରେଇବା ଏକ ସୁନ୍ଦର ଓ ସ୍ୱାଗତଯୋଗ୍ୟ ପ୍ରୟାସ । ସ୍ଥାନୀୟ ନୂଆପଡାସ୍ଥିତ ଲକ୍ଷେଶ୍ୱର ଶିବ ମନ୍ଦିର ପରିସରରେ ସ୍ୱର୍ଣ୍ଣଲତା ମିଶ୍ର ଓ ରାଜୀବ ଲୋଚନ ମିଶ୍ରଙ୍କ ଆୟୋଜନରେ ସି ଡି ଏ ଜେ ପି ଏମ ରୋଟାରୀ କ୍ଲବ ସହଯୋଗରେ ଏକ ନିଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ସ୍ଥାନୀୟ କର୍ପୋରେଟର ଶ୍ରୀଯୁକ୍ତ ସନ୍ତୋଷ କୁମାର ଭୋଳ, ସମରେଶ ଭୂୟାଁ, ସୁଜାତା ଦାସ, ପୁଷ୍ପାଞ୍ଜଳି ଦାସ, ମଧୁସ୍ମିତା ରାୟ ଚୌଧୁରୀ, ଫେନାମୁସି ଜେନା ଓ ବିନତା ଦାସ ପ୍ରମୁଖ । ଏହି ଶିବିରକୁ ଶତାଧିକ ଚକ୍ଷୁ ରୋଗୀ ଆସି ପରୀକ୍ଷା ଓ ଚିକିତ୍ସା କରିବାର ସୁଯୋଗଲାଭ କରିଥିଲେ ।

ରେଳ ମନ୍ତ୍ରଣାଳୟ
(ଦକ୍ଷିଣ ପୂର୍ବ ରେଳବାଇ)
ବିଜ୍ଞପ୍ତି
କୋଲକାତା, ୨ ମାର୍ଚ୍ଚ, ୨୦୨୬

ଏସ୍.ଓ. ୧୧୫୯(ଇ) । ରେଳବାଇ ଆଇନ, ୧୯୮୯ର ଧାରା ୨ର ଧାରା (୭କ) ଦ୍ୱାରା ପ୍ରଦତ୍ତ କ୍ଷମତା ବ୍ୟବହାର କରି କେନ୍ଦ୍ର ସରକାର ଏଠାରେ ନିମ୍ନଲିଖିତ ଟେବୁଲର ସ୍ତମ୍ଭ (୩)ରେ ଉଲ୍ଲେଖିତ ଅଧିକାରୀଙ୍କୁ ସରକାରୀ ଗେଜେଟରେ ଏହି ବିଜ୍ଞପ୍ତି ପ୍ରକାଶନ ତାରିଖରୁ ଉକ୍ତ ଟେବୁଲର ସ୍ତମ୍ଭ ନମ୍ବର (୪) ଏବଂ ସ୍ତମ୍ଭ (୫)ରେ ଉଲ୍ଲେଖିତ ଜିଲ୍ଲାରେ କାର୍ଯ୍ୟାନ୍ୱୟନ, ରକ୍ଷଣାବେକ୍ଷଣ, ପରିଚାଳନା, ପରିଚାଳନା ପାଇଁ ଟେବୁଲର ସ୍ତମ୍ଭ (୨)ରେ ଉଲ୍ଲେଖିତ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ସମ୍ପର୍କରେ ଭୂମି ଅଧିଗ୍ରହଣ ପାଇଁ ସକ୍ଷମ କର୍ତ୍ତୃପକ୍ଷଙ୍କ କାର୍ଯ୍ୟ ସମ୍ପାଦନ କରିବାକୁ କ୍ଷମତା ପ୍ରଦାନ କରୁଛନ୍ତି ।

ସାରଣୀ

| କ.ନଂ. | ସ୍ୱତନ୍ତ୍ର ରେଳ ପ୍ରକଳ୍ପର ନାମ | ଦକ୍ଷ ପ୍ରାଧିକରଣ | ଜିଲ୍ଲା | ରାଜ୍ୟ |
|---|---|---|---|---|
| ୧ | ୨ | ୩ | ୪ | ୫ |
| ୧. | ଖଡ଼ଗପୁର ଡିଭିଜନର ବାହାନଗା ବଜାର ରେଳ ଷ୍ଟେସନ ୟାର୍ଡରେ ମାନବଯୁକ୍ତ ଲେଭଲ କ୍ରସିଂ ଏଲସି ନମ୍ବର ୯୪ ବଦଳରେ ରୋଡ୍ ଓଭର ବ୍ରିଜ୍ ନିର୍ମାଣ ପ୍ରସ୍ତାବିତ । | ତହସିଲଦାର, ବାହାନଗା | ବାଲେଶ୍ୱର | ଓଡିଶା |

(PR-1279) (ଏଫ୍.ନଂ. ଏସ୍ଇଆର-ଏଚ୍‌କ୍ୟୁ୦ଇଏନ୍‌ଜିଜି/୫୦/୨୦୨୩-☐ ଓ / ଓ ପିସିଇ-ଜିଆରସି/ଏସ୍ଇଆର)
ରାଜେଶ ଅଗରୱାଲ, ପ୍ରମୁଖ ମୁଖ୍ୟ ଇଞ୍ଜିନିୟର

ଦକ୍ଷିଣପୂର୍ବ ରେଳପଥ
ସହର୍ଷେ ସମସ୍ତଙ୍କ ସେବାରେ

# ସାରସ୍ୱତ ବସନ୍ତ ଉତ୍ସବ ସମାରୋହ ଭଞ୍ଜଶ୍ରୀ ବିହାର ଠାରେ ପାଳିତ



ଜଳେଶ୍ୱର(ନିପ୍ର): ଶନିବାର ପୂର୍ବାହ୍ନ ୧୦ ଘଟିକା ଦୀନକୃଷ୍ଣ ସ୍ମୃତି ପରିଷଦ ପକ୍ଷରୁ ୪୫ ତମ ସାରସ୍ୱତ ବସନ୍ତ ଉତ୍ସବ ସମାରୋହ ଭଞ୍ଜଶ୍ରୀ ବିହାର, ଜଳେଶ୍ୱରରେ ଦୀନକୃଷ୍ଣ ସ୍ମୃତି ପରିଷଦର ସଭାପତି ଡଃ ରମାକାନ୍ତ ଭଞ୍ଜ ପୌରହିତ୍ୟ କରିଥିଲେ, ସଂଚାଳନ କରିଥିଲେ ଉପସଭାପତି କବି ବ୍ରଜେନ୍ଦ୍ର ନାଥ ଗିରି, ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ ସୁଦୂର ଭୁବନେଶ୍ୱର ପ୍ରାଧ୍ୟାପକ, ରେଭେନ୍ସା ବିଶ୍ୱବିଦ୍ୟାଳୟ ର ପ୍ରାଧ୍ୟାପକ ଡଃ ଅଜୟ କୁମାର ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବରେ ପୂର୍ବତନ ପ୍ରାଧ୍ୟାପିକା, କମଳା ନେହେରୁ ମହାବିଦ୍ୟାଳୟ, ଭୁବନେଶ୍ୱର ଡଃ ମମତା ଦାସ, ସମ୍ମାନୀତ ବକ୍ତା ଭାବରେ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ ର ଓଡ଼ିଆ ବିଭାଗର ପ୍ରାଧ୍ୟାପକ ଡଃ ଦୟାନିଧି ସାହୁ, ବରେଣ୍ୟ ଅତିଥି ଭାବରେ ପ୍ରାକ୍ତନ ଆଇ ଏଫ ଏସ ତଥା ବରିଷ୍ଠ ପ୍ରସିଦ୍ଧ କବି ସୁକୁମାର ଦାସ, ଭଦ୍ରକ ମହାବିଦ୍ୟାଳୟ ର ଇଂରାଜୀ ବିଭାଗରେ ପ୍ରାଧ୍ୟାପକ ଧୀରଞ୍ଜନ ପାତ୍ର, କବିତା ସଂଯୋଜନା କରିଥିଲେ ଦୀନକୃଷ୍ଣ ସ୍ମୃତି ପରିଷଦର ଉପସଭାପତି ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି କବିତା ପାଠୋତ୍ସବ କୁ ପରିଚାଳନା କରିଥିଲେ । ୮୦ ରୁ ଅଧିକ କବି, କବିୟତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ । ମଂଚି ଆମନ୍ତ୍ରଣ କରିଥିଲେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଯୋଗେଶ ଚନ୍ଦ୍ର ରାଉଳ, ଦୀନକୃଷ୍ଣ ସ୍ମୃତି ପରିଷଦ ର ପ୍ରତିଷ୍ଠାତା ସମ୍ପାଦକ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ଝୁଂଟି ପଡ଼ି ଆହତ ହୋଇ ଡାକ୍ତରଙ୍କ ପରାମର୍ଶ କ୍ରମେ ବିଶ୍ରାମ ନେବା କାର୍ଯ୍ୟ କ୍ରମ ରେ ଯୋଗ ଦାନ କରି ପାରିନଥିଲେ । ସଭା ପ୍ରାରମ୍ଭରେ ବିଶ୍ୱାଳ ସାରଙ୍କ ଆଶୁ ଆରୋଗ୍ୟ ପାଇଁ ୧ ମିନିଟ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଉପସ୍ଥିତ ଥିଲେ ଦୀନକୃଷ୍ଣ ମହାବିଦ୍ୟାଳୟ ର ଅଧକ୍ଷ ସୁକାନ୍ତ କୁମାର ଦାସ, ପ୍ରାକ୍ତନ ଅଧକ୍ଷ ଶ୍ୟାମା ଚରଣ ଦାସ, ଈଶ୍ୱର ଚନ୍ଦ୍ର ଜେନା, ମଦନ ମୋହନ ମହାନ୍ତି, ମନ୍ମଥ କୁମାର ଦାସ, ଡାକ୍ତର ପଦ୍ମ ନାମ ପ୍ରଧାନ, ସୁନାମଣି ଜେନା, କବୟତ୍ରୀ ବାସନ୍ତୀ ଦେଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ସ୍ୱର୍ଗତ ଲକ୍ଷ୍ମଣ କୁମାର ଜେନାଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମ୍ବର୍ଦ୍ଧନା କରାଯାଇଥିଲା ।

32001/180/2526

OFFICE OF THE EXECUTIVE ENGINEER, LIFT IRRIGATION DIVISION, JAJPUR ROAD
E-mail – eeli.jajpurroad@gmail.com
*E-Procurement Notice*
Bid Identification No. 556 /OLIC (JPR)/ Dt. 07.03.2026

The Executive Engineer, Lift Irrigation Division, Jajpur Road on behalf of Odisha Lift Irrigation Corporation Limited, Bhubaneswar invites percentage Rate bids for the work "Installation, Electrification, Energisation and Commissioning of 7Nos. Deep Bore Well at Baliapal (Baghuapal) under Danagadi Block" Turnkey basis from reputed Contractors/Firms with valid PWD License of required class for Civil Works & for the Drilling works contractor required in possession on ownership/ lease Contract basis having set of equipment's with VES and yeild test machinery, equipment's with all required accessories etc. combination Rigs and also for Electrical works i.e. including of Erection of 11KV Line, L.T Line & Commissioning of Electrical Substation for power supply to Projects along with installation of Pump Sets, Starters and its energisation. The proof of registration from the appropriate authority of ELBO shall be enclosed along with the Bid.

| | | |
|---|---|---|
| 1. | Numbers of Packages | 1 |
| 2. | Estimated Cost | Rs.49.95 Lakh |
| 3. | Cost of tender paper | Rs. 7080.00 as mentioned Project through online mode i.e. Paper Cost with 18% GST. as mentioned under DTCN |
| 4. | Date & time of publication | Dt. 17.03.26 from 11.00 A.M |
| 5. | Date & time of closing | Dt. 25.03.26 up to 5.00 P.M |
| 6. | Date & time of opening of bid | Dt 26.03.26 at 11.00 A.M |
| 7. | The bidders have to participate in online bidding only as per Codal Provision. | |

Further details can be seen from the website www.tendersorissa.gov.in. Addendum/ corrigendum/ cancellation of tender if any, can be seen in the said site

Sd/-
Executive Engineer,
L.I Division, Jajpur Road

OIPR. 32001/32146/1/25-26/0001





*ସମୟକୁ ସମ୍ମାନ ଦେଇ କାମ କରୁଥିବା ବ୍ୟକ୍ତି ଜଣକ ଜୀବନରେ ଯେ କୌଣସି କଠିନ ପରିସ୍ଥିତିକୁ ସହଜରେ ଅତିକ୍ରମ କରିପାରେ ।*

# ଆଜିକାଲି



*ଯେ ହି ସଂସ୍ପର୍ଶଜା ଭୋଗା, ଦୁଃଖଯୋନୟ ଏବ ତେ । ଆଦ୍ୟନ୍ତବନ୍ତଃ କୌନ୍ତେୟ, ନ ତେଷୁ ରମତେ ବୁଧଃ ॥*
*(ଶ୍ରୀମଦ୍ ଭଗବତ୍ ଗୀତା)*
*ଭାବାର୍ଥ : ରୂପରସରେ ଜ୍ଞାନ ଆସକ୍ତ ହୁଏ ନାହିଁ । ଯେଉଁ ମାନେ ହୁଅନ୍ତି, ସେ ଅଜ୍ଞାନ ମୋହରେ ପଡ଼ି ରହନ୍ତି ।*

## ସୁପ୍ରିମକୋର୍ଟ ଏବଂ ଏସଆଇଆର

ଦେଶର ୯ଟି ରାଜ୍ୟ ଓ ତିନୋଟି କେନ୍ଦ୍ରଶାସିତ ଅଂଚଳରେ ଭୋଟର ତାଲିକା ଯାଂଚ ପାଇଁ ନିର୍ବାଚନ କମିଶନ ଚଳାଇଥିବା ସ୍ପେଶାଲ ଇଟେଂନସିଭ୍ ରିଭିଜନ (ଏସଆଇଆର) ପ୍ରକ୍ରୀୟାରେ ସଂଶୋଧନ ଓ ଦାବି ପ୍ରକ୍ରୀୟା ପରେ କେବଳ ଦୁଇଟି ରାଜ୍ୟ ପଶ୍ଚିମବଙ୍ଗ ଓ ଉତରପ୍ରଦେଶ ବ୍ୟତୀତ ଅନ୍ୟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି । ତେବେ ପଶ୍ଚିମବଙ୍ଗ ଓ ଉତରପ୍ରଦେଶର ଭୋଟର ତାଲିକା ଖୁବଶୀଘ୍ର ପ୍ରକାଶ ପାଇବା ଆଶା କରାଯାଏ । ସଂଶୋଧନ ଏବଂ ସାନି ଯୋଗଦାନ ପରେ ପ୍ରକାଶିତ ଚୂଡାନ୍ତ ଭୋଟର ତାଲିକାରେ ପ୍ରାକ୍ ଏସଆଇଆର ଭୋଟର ତାଲିକା ତୁଳନାରେ ତାମିଲନାଡୁରେ ୧୧.୫ ପ୍ରତିଶତ, ଗୁଜରାଟରେ ୧୩.୪ ପ୍ରତିଶତ ଏବଂ ଛତିଶଗଡରେ ୧୧.୮ ପ୍ରତିଶତ ଭୋଟର ବାଦ୍ ପଡିଛନ୍ତି । ଯାହା ଅନ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ବାଦ୍ ପଡିଥିବା ଭୋଟରଙ୍କ ତୁଳନାରେ ଅଧିକ । ବାଦ୍ ପଡିଥିବା ଭୋଟରଙ୍କ ମଧ୍ୟରେ ମୃତ, ସ୍ଥାନାନ୍ତର, ଅନୁପ୍ରବେଶକାରୀ ଏବଂ ଏକାଧିକ ସ୍ଥାନରେ ନାମ ଥିବା ଭୋଟର ରହିଛନ୍ତି । ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରକାଶିତ ଚୂଡାନ୍ତ ତାଲିକା ଅନୁଯାୟୀ ଗୁଜରାଟରେ ସର୍ବାଧିକ ୬୮ଲକ୍ଷ ୧୨ହଜାର ୭୧୧ଜଣ ଭୋଟର ବାଦ୍ ପଡିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଏସଆଇଆର ପୂର୍ବରୁ ରାଜ୍ୟରେ ମୋଟ ଭୋଟଦାତାଙ୍କ ସଂଖ୍ୟା ୫କୋଟି ୮ଲକ୍ଷ, ୪୩ ହଜାର ୪୩୬ ଥିବାବେଳେ ଏବେ ତାହା ୪କୋଟି ୪୦ଲକ୍ଷ ୩୦ହଜାର ୭୨୫କୁ ଖସି ଆସିଛି । ସେହିପରି ମଧ୍ୟପ୍ରଦେଶରେ ୩୪ଲକ୍ଷ ୨୫ହଜାର ୭୮ଜଣ, ରାଜସ୍ଥାନରେ ୨,୪୨,୭୬୦ ଜଣ, ଗୋଆରେ ୧,୨୭,୪୬୮ ଜଣ, ଛତିଶଗଡରେ ୨୪,୯୯,୮୨୩ ଜଣ, ପୁଡୁଚେରୀରେ ୭୭ହଜାର ୩୬୭ ଜଣ ଏବଂ ତାମିଲନାଡୁରେ ୫୮ଲକ୍ଷ ଭୋଟର ମୂଳ ତାଲିକାରୁ ବାଦ୍ ପଡିଥିବା କୁହାଯାଏ । କେବଳ ରାଜସ୍ଥାନ ବ୍ୟତୀତ ଅନ୍ୟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ପୁରୁଷଙ୍କ ତୁଳନାରେ ଅଧିକ ମହିଳା ଭୋଟଦାତା ବାଦ୍ ପଡିଥିବା ଜଣାଯାଏ, ବିଶେଷ କରି ସ୍ଥାନାନ୍ତର ହୋଇଥିବା ଭୋଟର ତଥା କର୍ମସଂସ୍ଥାନ ଉଦ୍ଦେଶ୍ୟରେ ଅନ୍ୟତ୍ର ରାଜ୍ୟକୁ ଯାଇଥିବା ଶ୍ରମିକ, ବିବାହିତ ମହିଳା, ଯେଉଁମାନେ କି ନିଜର ବାସଭବନ ପରିବର୍ତ୍ତନ କରିଛନ୍ତି ଏବଂ ଅନୁପ୍ରବେଶକାରୀ ବିଦେଶୀ ନାଗରିକ ଭୋଟର ତାଲିକାରୁ ବାଦ୍ ପଡିଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ନିର୍ବାଚନ କମିଶନଙ୍କ ଏସଆଇଆରକୁ ଏଥର ଯେପରି ବିବାଦୀୟ ବା ଚର୍ଚ୍ଚିତ ହୋଇପଡିଛନ୍ତି, ଆଗରୁ କେବେ ହୋଇନଥିଲେ । ପ୍ରଥମତଃ ଆଧାର, ଭୋଟର ପରିଚୟ ପତ୍ରକୁ ପ୍ରମାଣପତ୍ର ଭାବେ ଗ୍ରହଣ କରିବାକୁ ନିର୍ବାଚନ କମିଶନ ମନା କରିବା, ନିର୍ବାଚନର ଅବ୍ୟବହିତ ପୂର୍ବରୁ ଏସଆଇଆର, ଆଦି ନିଷ୍ପତ୍ତିକୁ ବିରୋଧ ଦଳଗୁଡିକ ଦୃଢ ବିରୋଧ କରିଥିବାବେଳେ ମାମଲା ଏବେ ସୁପ୍ରିମକୋର୍ଟରେ ରହିଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ନିର୍ବାଚନ କମିଶନ ଆଧାର ଓ ଭୋଟର ପରିଚୟପତ୍ରକୁ ପ୍ରମାଣପତ୍ର ଭାବେ ଗ୍ରହଣ କରିଥିଲେ । ଅନ୍ୟଥା ଆହୁରି ଲକ୍ଷ ଲକ୍ଷ ଭୋଟଦାତା ନାମ ତାଲିକାରୁ ବାଦ ପଡିଥାନ୍ତେ । ଏହା ସତ୍ତ୍ୱେ ପଶ୍ଚିମବଙ୍ଗରେ ଏସଆଇଆର ଅତ୍ୟନ୍ତ ବିବାଦୀୟ ହୋଇପଡିଛି । ପଶ୍ଚିମବଙ୍ଗ ସରକାର ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିବାବେଳେ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ମମତାବାନାର୍ଜୀ ନିଜେ ଅଦାଲତରେ ଯୁକ୍ତି ଉପସ୍ଥାପନ କରିଥିଲେ । ଗଲା ଶୁକ୍ରବାର ଦିନ ସୁପ୍ରିମକୋର୍ଟରେ ପଶ୍ଚିମବଙ୍ଗ ସରକାର ଓ ନିର୍ବାଚନ କମିଶନଙ୍କ ଓକିଲଙ୍କ ମଧ୍ୟରେ ବିତର୍କ ଅତ୍ୟନ୍ତ ଉତ୍ତପ୍ତ ଥିଲା । ଉଭୟଙ୍କ ବିତର୍କ ପରସ୍ପର ବିରୁଦ୍ଧରେ ଅଭିଯୋଗ, ପ୍ରତିଅଭିଯୋଗ, ଆକ୍ଷେପ ଓ ପ୍ରତିଆକ୍ଷେପରେ ପରିପୂର୍ଣ୍ଣ ଥିଲା । ପଶ୍ଚିମବଙ୍ଗରେ ଏସଆଇଆରକୁ ନେଇ ସୃଷ୍ଟି ହୋଇଥିବା ତାର୍କିକ ଅସଂଗତିର ତଦାରଖ ଲାଗି ରାଜ୍ୟ ଏବଂ ରାଜ୍ୟ ବାହାରର ଅବସରପ୍ରାପ୍ତ ବିଚାରବିଭାଗୀୟ ଅଧିକାରୀଙ୍କୁ ନିଯୁକ୍ତି ଦେବା ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି, ଯାହା କି ଏକ ସ୍ୱାଗତଯୋଗ୍ୟ ନିଷ୍ପତ୍ତି ବୋଲି କୁହାଯାଇପାରିବ । ଅନ୍ୟପକ୍ଷରେ ଏସଆଇଆରକୁ ନେଇ ବିଜେପି ଏବଂ ଶାସକ ତୃଣମୂଳ କଂଗ୍ରେସ (ଟିଏମସି) ମଧ୍ୟରେ ବୟାନବାଜୀ ମଧ୍ୟ ବଢିଚାଲିଛି । ତେବେ ସେ ଯାହା ହେଉନା କାହିଁକି ଏସଆଇଆରକୁ ନେଇ ଦେଶର ଦୁଇ ସାମ୍ବିଧାନିକ ସଂସ୍ଥା ପଶ୍ଚିମବଙ୍ଗ ସରକାର ଏବଂ ନିର୍ବାଚନ କମିଶନଙ୍କ ମଧ୍ୟରେ ଯେଉଁଭଳି ବିବାଦ ଉଗ୍ରରୂପ ନେଇଛି, ତାହା ଦେଶର ଜନସାଧାରଣ ଏବଂ ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ ।

# ବହୁଚର୍ଚ୍ଚିତ ହିନ୍ଦୁରାଷ୍ଟ୍ର

◆ ଅଧ୍ୟାପକ ଗୋପବନ୍ଧୁ(ଅବସରପ୍ରାପ୍ତ), ଦର୍ଶନ ବିଭାଗ




ଏବେ ହିନ୍ଦୁତ୍ୱବାଦୀ ସଂଗଠନ ଗୁଡିକ ହିନ୍ଦୁରାଷ୍ଟ୍ର ଗଠନ ସପକ୍ଷରେ ଜୋରଦାର ଦାବୀ ଉପସ୍ଥାପନ କରିବାର ଶୁଣାଯାଉଛି । ଅନେକ ସାଧୁ-ସନ୍ଥ, ବାବା-ମାତା ଏବଂ ଏହି ମତବାଦୀ ସଂଗଠକ ଓ ରାଜନେତା ଏହାକୁ ସମର୍ଥନ କରୁଥିବାର ମଧ୍ୟ ଦେଖାଯାଉଛି । ହେଲେ ଏହି ହିନ୍ଦୁରାଷ୍ଟ୍ରର ରୂପରେଖ କ'ଣ ହେବ, ଏହାର ସ୍ପଷ୍ଟ ଚିତ୍ର ଓ ଏହାକୁ ନେଇ ସହମତି ଏଯାଏଁ ସମ୍ମୁଖକୁ ଆସିନାହିଁ । ଏ ବିଷୟକୁ ନେଇ ଅନେକ ଭାରତୀୟ ଦ୍ୱନ୍ଦ ଭିତରେ ଅଛନ୍ତି । ଭାରତ ଏକ ହିନ୍ଦୁ ବହୁଳ ରାଷ୍ଟ୍ର । ଦେଶର ପାଖାପାଖି ଶତକଡ଼ା ୮୦ ଭାଗ ଲୋକ ହିନ୍ଦୁ । ଏହା ଭିତରେ ଆଦିବାସୀ, ଦଳିତ, ଅନ୍ୟାନ୍ୟ ପଛୁଆବର୍ଗ ଓ ଅଗ୍ରସର ବର୍ଗର ଲୋକମାନେ ରହିଛନ୍ତି । ହିନ୍ଦୁରାଷ୍ଟ୍ରର ରୁପରେଖକୁ ନେଇ ଅନେକ ପ୍ରଶ୍ନ ଚର୍ଚ୍ଚାକୁ ଆସୁଛି । ଏହାର ସମ୍ବିଧାନ କ'ଣ ହେବ ? ସାମାଜିକ ଅବସ୍ଥା କିପରି ହେବ ? ହିନ୍ଦୁରାଷ୍ଟ୍ରରେ ପ୍ରଚଳିତ ସଂରକ୍ଷଣ ବ୍ୟବସ୍ଥା ରହିବ କି ନାହିଁ ? ସାମାଜିକ ସମତା ଉପରେ ଗୁରୁତ୍ୱ ରହିବ କି ନାହିଁ? ଏହା ବିଜ୍ଞାନର ଅନୁଗାମୀ ହେବ ଅଥବା ଧାର୍ମିକ ପରମ୍ପରା ଦ୍ୱାରା ପରିଚାଳିତ ହେବ ? ଏପରି ଅନେକ ପ୍ରଶ୍ନ ଲୋକଙ୍କ ମନକୁ ଆନ୍ଦୋଳିତ କରୁଛି । ହିନ୍ଦୁଧର୍ମର ଧାର୍ମିକ ପଦାଧିକାରୀ ଓ ପ୍ରବକ୍ତାମାନଙ୍କ ମତ ଅନୁସାରେ ଏ ଧର୍ମ ପରିଚାଳିତ ହୁଏ । ଅବଶ୍ୟ ଏମାନେ ଧର୍ମଶାସ୍ତ୍ର ଓ ଧାର୍ମିକ ପରମ୍ପରାର ତର୍ଜମା କରି ବିଧିବିଧାନ କଥା ଉଲ୍ଲେଖ କରନ୍ତି । ଏମାନେ ହେଉଛନ୍ତି ଚାରିପିଠର ଶଙ୍କରାଚାର୍ଯ୍ୟ (ଅନେକ ସ୍ୱୟଂଘୋଷିତ ଶଙ୍କରାଚାର୍ଯ୍ୟ ମଧ୍ୟ ଅଛନ୍ତି), ମଠାଧିଶ, ମନ୍ଦିର ପୂଜକ, ବାବାଜୀ, ମାତାଜୀ, ସାଧୁ, ସନ୍ଥ, ପ୍ରବଚକ, ବିଭିନ୍ନ ପ୍ରକାର ଧାର୍ମିକ ସଂଗଠନ ଓ ସମର୍ଥିତ ରାଜନୈତିକ ଦଳମାନେ ମଧ୍ୟ ରହିଛନ୍ତି । ଏମାନେ ପ୍ରାୟତଃ ସମସ୍ତେ ହିନ୍ଦୁତ୍ୱର କଥା କହନ୍ତି ଓ ଭାରତକୁ ହିନ୍ଦୁରାଷ୍ଟ୍ର ଘୋଷଣା କରିବାର ସପକ୍ଷରେ ମତବ୍ୟକ୍ତ କରନ୍ତି । କିନ୍ତୁ ଏମାନେ ହିନ୍ଦୁ ରାଷ୍ଟ୍ରର ସ୍ପଷ୍ଟ ରୂପରେଖ ଉପସ୍ଥାପନ କରନ୍ତି ନାହିଁ । ହିନ୍ଦୁଧର୍ମ ମତେ ଦେଶ ପରିଚାଳିତ ହେବା କଥା ଏମାନେ କହନ୍ତି, କିନ୍ତୁ ରାଷ୍ଟ୍ର ପରିଚାଳନାର ଅନେକ ଦିଗ ରହିଛି ସେ ସମ୍ବନ୍ଧରେ ସ୍ପଷ୍ଟ ଚିତ୍ର ଉପସ୍ଥାପନ କରନ୍ତି ନାହିଁ । ଦେଖିବାକୁ ଗଲେ ଭାରତବର୍ଷରେ ହିନ୍ଦୁ ସଂସ୍କୃତି ଓ ପରମ୍ପରାର ପ୍ରାଧାନ୍ୟ ରହିଛି । ସାମାଜିକ ଜୀବନରେ ଏହା ସ୍ପଷ୍ଟ ବାରି ହୁଏ । ଏ ଦିଗରେ କୌଣସି ପ୍ରତିବନ୍ଧକ ନାହିଁ । ସ୍କୁଲ-କଲେଜରେ ଗଣେଶ ପୂଜା ଓ ସରସ୍ୱତୀ ପୂଜା ହୁଏ । କେତେକ ସରକାରୀ ଦପ୍ତରରେ ଦୂର୍ଗାପୂଜା, ବିଶ୍ୱକର୍ମା ପୂଜାଆଦି ହୁଏ । ବିଭିନ୍ନ ହିନ୍ଦୁ ପର୍ବପର୍ବାଣୀରେ ଛୁଟି ମଧ୍ୟ ମିଳେ । ହିନ୍ଦୁରାଷ୍ଟ୍ର ଘୋଷିତ ହେଲେ ଆଉ ଅଧିକ କଣ ମିଳିବ, ତାହାର ହିସାବ ଉପସ୍ଥାପିତ ହୁଏ ନାହିଁ । ହିନ୍ଦୁଧର୍ମର ମୁଖ୍ୟ ନିୟାମକ ଗ୍ରନ୍ଥ ହେଉଛି 'ମନୁସ୍ମୃତି' । ଅତି ହିନ୍ଦୁ ଓ ହିନ୍ଦୁବାଦୀ ସଂଗଠନଗୁଡିକ ମତରେ ମନୁସ୍ମୃତି ଭାରତବର୍ଷର ସମ୍ବିଧାନ ହେବା ଉଚିତ କିମ୍ବା ଏହାର ଆଧାରରେ ନୂତନ ସମ୍ବିଧାନ ରଚନା କରାଯିବା ଉଚିତ । ଅତୀତରେ ସମ୍ବିଧାନ ପ୍ରଣୟନ ସଭାରେ ମଧ୍ୟ ଏକଥା ଉଠିଥିଲା । କିନ୍ତୁ ସେସମୟର ନେତୃମଣ୍ଡଳୀ ଏ କଥାକୁ ଗୁରୁତ୍ୱ ଦେଇନଥିଲେ । ଫଳରେ ଅତି ହିନ୍ଦୁବାଦୀ ସଂଗଠନଗୁଡିକ ବର୍ତ୍ତମାନର ପ୍ରଚଳିତ ସମ୍ବିଧାନକୁ ବହୁବର୍ଷ ପର୍ଯ୍ୟନ୍ତ ଗ୍ରହଣ କରିନଥିଲେ । ତାଙ୍କ ଭିତରୁ ଅନେକେ ଏବେବି ପ୍ରଚଳିତ ସମ୍ବିଧାନକୁ ସ୍ୱୀକାର କରିବାରେ କୁଣ୍ଠାବୋଧ କରୁଛନ୍ତି । ଧରାଯାଉ ଆଗାମୀ ଦିନରେ ଭାରତକୁ ହିନ୍ଦୁରାଷ୍ଟ୍ର ଘୋଷଣା କରାଗଲା ଓ ମନୁସ୍ମୃତିକୁ ସମ୍ବିଧାନରୂପେ ଗ୍ରହଣ କରାଗଲା, ତେବେ କ'ଣ ଏହାର ନୀତି ନିୟମକୁ କୋଠରତାର ସହିତ ପାଳନ କରାଯିବ । ଏହା ବିନା ହିନ୍ଦୁରାଷ୍ଟ୍ରର ଅର୍ଥ କ'ଣ ରହିବ ? ମନୁସ୍ମୃତିକୁ ସମ୍ବିଧାନରୂପେ ଗ୍ରହଣ କଲେ ଏଥିରେ ବର୍ଣ୍ଣିତ ବର୍ଣ୍ଣବ୍ୟବସ୍ଥା ମୁତାବକ ସମାଜର ବିଭାଜନକୁ ଆହୁରି ମଜଭୂତ କରାଯିବ । ଅର୍ଥାତ୍ ଜାତିବ୍ୟବସ୍ଥା ଆହୁରି ମଜଭୂତ ହେବ । ମନୁସ୍ମୃତିର ବର୍ଣ୍ଣନା ଅନୁଯାୟୀ ପ୍ରତ୍ୟେକ ଜାତିର କର୍ମ ଉପରେ ଗୁରୁତ୍ୱ ଦିଆଯିବ । ଶୂଦ୍ରମାନଙ୍କୁ ସେହି ଅନୁସାରେ ବ୍ୟବହାର ପ୍ରଦର୍ଶନ କରାଯିବ । ମହିଳାଙ୍କ ସ୍ୱାଧୀନତା ଓ ସମାନ ଅଧିକାର ଲୋପ ପାଇବ । ସମାଜ ମଧ୍ୟଯୁଗୀୟ ଧାର୍ମିକ କୋଠରତା ଆଡକୁ ଅଗ୍ରସର ହେବ । ଅନ୍ୟ ପ୍ରଶ୍ନ ହେଉଛି ଯେଉଁ ହିନ୍ଦୁରାଷ୍ଟ୍ର କଥା କୁହାଯାଉଛି ସେଠାରେ ସଂଖ୍ୟାଲଘୁମାନଙ୍କ ସ୍ଥିତି କ'ଣ ହେବ ? ପ୍ରସ୍ତାବିତ ରାଷ୍ଟ୍ରରେ କେବଳ ହିନ୍ଦୁମାନେ ରହିବେ ଓ ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ତଡ଼ି ଦିଆଯିବ କି ? ତାଙ୍କଠାରୁ ନାଗରିକତ୍ୱର ଅଧିକାର କାଢି ନିଆଯିବ କି ? ତାଙ୍କୁ ତାଙ୍କର ଧାର୍ମିକ ପରମ୍ପରା ପାଳନ କରିବାକୁ ଦିଆଯିବ ନାହିଁ କି ? ଏ ପ୍ରଶ୍ନ ଆସୁଛି ଯେହେତୁ ହିନ୍ଦୁତ୍ୱବାଦୀ ସଂଗଠନଗୁଡିକର ମୁଖ୍ୟ ଅସନ୍ତୋଷ ରହିଛି ଭାରତର ସଂଖ୍ୟାଲଘୁମାନଙ୍କୁ ନେଇ । ବିଶ୍ୱର ଅନେକ ରାଷ୍ଟ୍ରରେ ହିନ୍ଦୁମାନେ ସଂଖ୍ୟାଲଘୁଭାବେ ବସବାସ କରନ୍ତି ଓ ଅନାୟସରେ ନିଜ ଧର୍ମ-ପରମ୍ପରା ପାଳନ କରନ୍ତି । ଏପରିକି ମୁସଲମାନ କୋଟରପନ୍ଥୀ ରାଷ୍ଟ୍ର ପାକିସ୍ଥାନ ଓ ବାଂଲାଦେଶରେ ହିନ୍ଦୁମାନେ ସଂଖ୍ୟାଲଘୁ, ତଥାପି ସେଠାରେ ଏମାନେ ଧାର୍ମିକ ପରମ୍ପରାର ପାଳନ ଓ ନାଗରିକତ୍ୱର ଅଧିକାର ଉପଭୋଗ କରନ୍ତି । ଭାରତବର୍ଷରେ ମଧ୍ୟ ମୁସଲମାନ, ଖ୍ରୀଷ୍ଟିଆନ ଓ ଅନ୍ୟ ଧର୍ମର ଲୋକ ନାଗରିକତ୍ୱର ଅଧିକାର ପାଇଛନ୍ତି ଏବଂ ନିଜ ଧର୍ମ ଓ ପରମ୍ପରାକୁ ପାଳନ କରିବାର ଅଧିକାର ପାଇଛନ୍ତି । ଭାରତବର୍ଷରେ କେବଳ ହିନ୍ଦୁମାନେ ରହିବେ, ଅନ୍ୟମାନଙ୍କୁ ତଡି ଦିଆଯିବ, ହିନ୍ଦୁରାଷ୍ଟ୍ରର ସମ୍ବିଧାନ ଏପରି କହିଲେ ସାରା ବିଶ୍ୱରେ ଏହାର ଗଭୀର ପ୍ରଭାବ ପଡିବ । ଯେଉଁ ରାଷ୍ଟ୍ରରେ ହିନ୍ଦୁମାନେ ସଂଖ୍ୟାଲଘୁ ସେଠାରୁ ମଧ୍ୟ ହିନ୍ଦୁମାନଙ୍କୁ ତଡିଦେବାର ସମ୍ଭାବନା ଦେଖାଦେବ । ସଂଖ୍ୟାଲଘୁମାନେ ଭାରତବର୍ଷରେ ରହିପାରିବେ, କିନ୍ତୁ ନିଜ ଧାର୍ମିକ ପରମ୍ପରା ପାଳନ କରିପାରିବେ ନାହିଁ, ଏପରି କଲେ ମଧ୍ୟ ସମାନ ପ୍ରତିକ୍ରିୟା ଦେଖାଦେବ । ବିଶ୍ୱର ବିଭିନ୍ନ ଦେଶରେ ହିନ୍ଦୁମାନଙ୍କ ଉପରେ ସମାନ ନିୟମ ଲାଗୁହେବ । ଫଳରେ ଭାରତୀୟ ସମାଜ ବିଶ୍ୱ ସମୁଦାୟଠାରୁ ବିଚ୍ଛିନ୍ନ ହୋଇଯିବ । ଧର୍ମନିରପେକ୍ଷତା ଶବ୍ଦକୁ ହଟାଇ ଭାରତକୁ ହିନ୍ଦୁରାଷ୍ଟ୍ର ଭାବେ ଘୋଷଣା କରି ସଂଖ୍ୟାଲଘୁଙ୍କ ଉପରେ କେଉଁ କଟକଣା ଲଗାଯିବ ତାହା ସ୍ପଷ୍ଟ ହେବା ଉଚିତ୍ । ଆମ ସମ୍ବିଧାନରେ ଥିବା ସଂରକ୍ଷଣ ବ୍ୟବସ୍ଥା ଅନ୍ୟ ଏକ ବିତର୍କିତ ବିଷୟ । ଅନୁସୂଚୀତ ଜାତି ଓ ଜନଜାତି ଏବଂ ଅନ୍ୟାନ୍ୟ ପଛୁଆବର୍ଗ ନାମରେ ଯେଉଁ ସଂରକ୍ଷଣ ସୁବିଧା ସମାଜର ଅନଗ୍ରସର ବର୍ଗଙ୍କୁ ଦିଆଯାଉଛି ଏମାନଂକୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ, ତାହା ଉପରେ ମଧ୍ୟ ଅନେକ ହିନ୍ଦୁତ୍ୱବାଦୀ ସଂଗଠନର ବିରୋଧଭାବ ରହିଛି । ତେଣୁ ଯେଉଁ ହିନ୍ଦୁରାଷ୍ଟ୍ରର କଥା କୁହାଯାଉଛି ଯେଉଁଠାରେ ଏ ସମସ୍ତ ସାମ୍ବିଧାନିକ ଗୋଷ୍ଠୀ ଆଉ ରହିବ ନାହିଁ । ଏହା ସହିତ ପ୍ରଚଳିତ ସଂରକ୍ଷଣ ବ୍ୟବସ୍ଥାର ମଧ୍ୟ ସମାପ୍ତ ହେବ । ସଂରକ୍ଷଣ ବ୍ୟବସ୍ଥା ରହିଲେ ତାହା ଆର୍ଥିକ ଆଧାରରେ ହେବ । ଏବେ ପ୍ରଶ୍ନ ଉଠୁଛି ଏହି ଆଧାରରେ ଦଳିତ ଓ ଆଦିବାସୀ ବର୍ଗର ପିଲାମାନେ ଅଗ୍ରସର ବର୍ଗର ପିଲାମାନଙ୍କ ସହିତ ପ୍ରତିଯୋଗୀତା କରିପାରିବେ କି ? ସାମାଜିକ ଅନଗ୍ରସରତା ଭାରତବର୍ଷର ମୂଳ ସମସ୍ୟା । ସାମଜିକଭାବେ ଆଗକୁ ଆଣିବା ପାଇଁ ପ୍ରଚଳିତ ସଂରକ୍ଷଣ ବ୍ୟବସ୍ଥା ଉଦ୍ଦିଷ୍ଟ । ଆର୍ଥିକ ଆଧାରରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେଲେ ସମସ୍ତ ସୁବିଧା ସୁଯୋଗ ଗୋଟିଏ ଦୁଇଟି ଅଗ୍ରସର ଜାତି ହାତକୁ ଚାଲିଯିବ । କୌଣସି ସଂରକ୍ଷଣ ବ୍ୟବସ୍ଥା ଲାଗୁ ନହେଲେବି ସମାନ ଅବସ୍ଥା ସୃଷ୍ଟି ହେବ । ହିନ୍ଦୁତ୍ୱର ଅବିଚ୍ଛେଦ୍ୟ ଅଂଶ ହେଉଛି ଜାତିବ୍ୟବସ୍ଥା । ଏହା ବର୍ଣ୍ଣବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଏ । ପ୍ରଚଳିତ ଜାତିବ୍ୟବସ୍ଥା ବର୍ଣ୍ଣବ୍ୟବସ୍ଥାରୁ ଆସିଛି । ତେଣୁ ପ୍ରସ୍ତାବିତ ହିନ୍ଦୁରାଷ୍ଟ୍ରରେ ଜାତିବାଦ ରହିବ । ଫଳରେ ସମାଜରେ ଦଳିତ, ଆଦିବାସୀ, ପଛୁଆବର୍ଗ ମଧ୍ୟ ରହିବେ, ହୁଏତ ନାମ ଅଲଗା ହୋଇପାରେ । କାରଣ ହିନ୍ଦୁତ୍ୱ ଜାତିବିହୀନ ସମାଜ କଥା କହେ ନାହିଁ । ଏହା ଜାତିଗତ ସାମାଜିକ ବିଭାଜନକୁ ସ୍ୱୀକାର କରେ, ଏହାକୁ ଆଦର୍ଶ ଭାବେ । ପ୍ରସ୍ତାବିତ ହିନ୍ଦୁରାଷ୍ଟ୍ରରେ ବିଜ୍ଞାନ ଓ ବୈଜ୍ଞାନିକ ମନୋଭାବ ପ୍ରତି କେଉଁ ଦୃଷ୍ଟିକୋଣ ରହିବ ତାହା ଏକ ବଡ଼ ପ୍ରଶ୍ନ । ଏହା ବିଜ୍ଞାନକୁ ଜଳାଞ୍ଜଳି ଦେଇ କେବଳ ଶାସ୍ତ୍ର ଓ ପରମ୍ପରାର ଅନୁଗାମୀ ହେବ କିମ୍ବା ମିଶ୍ରିତ ଦୃଷ୍ଟିଭଙ୍ଗି ରଖିବ ତାହା ସ୍ପଷ୍ଟ ହେବା ଉଚିତ୍ । ହିନ୍ଦୁତ୍ୱର ଶକ୍ତି ହେଉଛି ବେଦ-ବେଦାନ୍ତ, ଶାସ୍ତ୍ର-ପୁରାଣ, ସଂସ୍କୃତି-ପରମ୍ପରା ଓ ପ୍ରଚଳିତ ସମାଜିକ ରୀତି-ନୀତି । ଏଗୁଡ଼ିକ ଉପରେ ଗୁରୁତ୍ୱ ଦେଲେ ଓ ଏଥିରେ ବର୍ଣ୍ଣିତ ସମସ୍ତ କଥାକୁ ସତ୍ୟ ବୋଲି ଗ୍ରହଣ କଲେ କେତେକ କ୍ଷେତ୍ରରେ ବୈଜ୍ଞାନିକ ସିଦ୍ଧାନ୍ତକୁ ଛାଡ଼ିବାକୁ ପଡିବ । ଶାସ୍ତ୍ରମତେ ମନୁଷ୍ୟର ସୃଷ୍ଟି ବ୍ରହ୍ମାଙ୍କ ଶରୀରର ବିଭିନ୍ନ ଅଙ୍ଗରୁ ହୋଇଛି, ପୃଥିବୀକୁ ବାସୁକୀ ନାଗ ଫଣାରେ ଟେକି ରଖିଛନ୍ତି, ହନୁମାନ ସୂର୍ଯ୍ୟକୁ ଗିଳି ଦେଇଥିଲେ, ରାହୁ-କେତୁ ସୂର୍ଯ୍ୟ ଓ ଚନ୍ଦ୍ରକୁ ଗିଳିବା ଦ୍ୱାରା ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ଗ୍ରହଣ ହୁଏ, ଅତୀତରେ ପଶୁପକ୍ଷୀ କଥା କହି ପାରୁଥିଲେ ଓ ମନୁଷ୍ୟକୁ ବିବାହ ମଧ୍ୟ କରୁଥିଲେ, ରାବଣର ଦଶଟା ମୁଣ୍ଡ ଥିଲା, ସେ ପୁଷ୍ପକ ବିମାନରେ ଯିବା ଆସିବା କରୁଥିଲା, ଶଲ୍ୟଚିକିତ୍ସା ଜରିଆରେ ମଣିଷ ଦେହ ସହିତ ହାତି ମୁଣ୍ଡକୁ ଯୋଡାଯାଇ ପାରୁଥିଲା, ଅତୀତରେ ବିରାଟକାୟ ରାକ୍ଷସ ଥିଲେ ଯଦିଓ ତାଙ୍କ ଫସିଲ୍ ଏବେ ଉପଲବ୍ଧ ହେଉନାହିଁ, ଜାତକ-ରାଶି, ଭାଗ୍ୟ-ଭାଗବାନ, ପୂଜା-ଆରାଧନା, ଦାନ-ଦକ୍ଷିଣା ପ୍ରଭୃତି ଉପରେ ଗୁରୁତ୍ୱ ଦିଆଯିବ । ଫଳରେ ବିଜ୍ଞାନ ଦୁରେଇବ ଓ ପାଠ୍ୟକ୍ରମରୁ ମଧ୍ୟ ହଟିବ । କାରଣ ଧର୍ମର ଅନେକ କଥା ବିଜ୍ଞାନର ପରିପନ୍ଥୀ, ଯେହେତୁ ସେଗୁଡିକ ପ୍ରମାଣ ବିହୀନ ଓ ବିଶ୍ୱାସ ଆଧାରିତ । ବର୍ତମାନର ସମ୍ବିଧାନରେ ପ୍ରଦତ ମୌଳିକ ଅଧିକାର ରହିବ କି ନାହିଁ ? ସମାନତା, ଭାତୃତ୍ୱଭାବ, ନ୍ୟାୟ ଓ ବ୍ୟକ୍ତି ସ୍ୱାତନ୍ତ୍ରତା ଉପରେ କେଉଁ ଅଭିମୁଖ୍ୟ ରହିବ ତାହା ମଧ୍ୟ ସ୍ପଷ୍ଟ ହେବା ଉଚିତ୍ । ଆଦିବାସୀ, ଦଳିତ ଓ ପଛୁଆବର୍ଗଙ୍କୁ ସମାନ ଅଧିକାର ମିଳିବ ଅଥବା ତାଙ୍କୁ ଦ୍ୱିତୀୟ ଶ୍ରେଣୀର ନାଗରିକଭାବେ ବିବେଚନା କରାଯିବ, ଏହାର ତର୍ଜମା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ । ପଛୁଆବର୍ଗମାନେ କଥାବାଚକ ହୋଇପାରିବେ ନାହିଁ, ଏପରି କଲେ ତାଙ୍କୁ ମୁଣ୍ଡନ କରି ନାକଘଷା କରାଇ ତାଙ୍କ ଉପରେ ସବର୍ଣ୍ଣ ମହିଳାଙ୍କ ମୂତ୍ର ସିଂଚନ କରି ପବିତ୍ର କରାଯିବ, ଏମାନେ ଚୁରୁକି ରଖିଲେ ତାକୁ ଉପାଡି ଦିଆଯିବ, ମନ୍ଦିରରେ ପ୍ରବେଶ କଲେ ଓ ସରକାରୀ ବାସଭବନ ଛାଡିଲେ ଗଙ୍ଗା ଜଳରେ ଧୋଇ ପବିତ୍ର କରାଯିବ, ଦଳିତ ଲୋକ ମନ୍ଦିରରେ ପ୍ରବେଶ କଲେ ତାକୁ ତଡି ଦିଆଯିବ, ଘୋଡା ଚଢିଲେ ଟାଣି ଓହ୍ଲାଇ ମାଡ ଦିଆଯିବ, ଠାକୁରଙ୍କୁ ଛୁଇଁଲେ ମାରି ଦିଅଯିବ, ଆଦିବାସୀ ରାଷ୍ଟ୍ରପତି ହେଲେବି ତାଙ୍କୁ ପ୍ରଥମେ ପବିତ୍ର କରାଯିବ, ତାଙ୍କୁ ମନ୍ଦିରର ଗର୍ଭଗୃହକୁ ପ୍ରବେଶ କରିବାକୁ ଦିଆଯିବ ନାହିଁ । ବର୍ତମାନର ସମ୍ବିଧାନରେ ଏ ସବୁର ବାରଣ ସତ୍ୱେ ଏସବୁ ଧର୍ମଭିତିକ ଘଟଣା ଘଟି ଚାଲିଛି । ଏ ସମସ୍ତ ଘଟଣା ଆହୁରି ପ୍ରସାରିତ ହେବ କି ? ଅନେକଙ୍କ ଆଶଙ୍କା ପ୍ରସ୍ତାବିତ ହିନ୍ଦୁରାଷ୍ଟ୍ରରେ ଏ ସମସ୍ତ ଘଟଣା ନିୟମସଙ୍ଗତ ହୋଇଯିବ । ଜାତିଗତ ଅତ୍ୟାଚାର ଓ ପାତରଅନ୍ତର ନ୍ୟାୟପୂର୍ଣ୍ଣ ସମାଜର ପରିଭାଷା ହୋଇଯିବ । ତର୍କବିତର୍କ ସମାପ୍ତ ହେବ । ଧର୍ମଗୁରୁମାନେ ଯାହା କହିବେ ତାହାହିଁ ଚୁଡାନ୍ତ ହେବ । ବୈଜ୍ଞାନିକ ଅନ୍ୱେଷଣ ସମାପ୍ତ ହେବ । ଶାସ୍ତ୍ର ପୁରାଣରେ ଯାହା ଲେଖାଯାଇଛି ତାକୁହିଁ ସତ୍ୟ ବୋଲି ଗ୍ରହଣ କରିବାକୁ ପଡିବ । ଯେଉଁମାନେ ଏକମତ ହେବେ ନାହିଁ ତାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ । ପ୍ରସ୍ତାବିତ ହିନ୍ଦୁରାଷ୍ଟ୍ରରେ ଏପରି ଆଶଙ୍କା ଯେ ଅମୂଳକ ଏହାର ସ୍ପଷ୍ଟ ରୂପରେଖ ଉପସ୍ଥାପିତ ହେବା ଅତ୍ୟନ୍ତ ଜରୁରୀ ।

*ବାରିପଦା, ମୟୂରଭଞ୍ଜ,*
*ମୋ.୭୦୦୮୯୭୬୧୮୦*

# ମୋବାଇଲ୍ ମାୟାଜାଲରେ ହଜିଯାଇଛି ବାସ୍ତବ ଦୁନିଆ

ହୃଷୀକେଶ ପାଣିଗ୍ରାହୀ



ପରିବର୍ତନ ହେଉଛି ସଂସାରର ନିୟମ । ସମୟ ସହିତ ଆମର ଜୀବନଶୈଳୀରେ ଅନେକ ପରିବର୍ତନ ଆସିଛି । ଦିନେ ଏମିତି ଏକ ସମୟ ଥିଲା, ଯେତେବେଳେ ଖରାଛୁଟି କିମ୍ବା ପୂଜାପର୍ବ ହେଲେ ପିଲାମାନେ ମାମୁଘର କିମ୍ବା ସମ୍ପର୍କୀୟଙ୍କ ଘରକୁ ଯିବା ପାଇଁ ବ୍ୟଗ୍ର ହେଉଥିଲେ । ସାଙ୍ଗସାଥୀଙ୍କ ମେଳରେ ଭୋଜିଭାତ, ଯାନିଯାତ୍ରା ଏବଂ ଖେଳକୁଦ ମାଧ୍ୟମରେ ମନକୁ ସତେଜ ରଖିବାର ପରମ୍ପରା ଥିଲା । ମାତ୍ର ଆଜିର ବିଜ୍ଞାନ ଯୁଗରେ ସେହି ସାମାଜିକ ମିଳାମିଶାର ସ୍ଥାନ ନେଇଛି ଏକ କ୍ଷୁଦ୍ର ଯନ୍ତ୍ର, ଯାହାକୁ ଆମେ 'ମୋବାଇଲ୍ ଫୋନ୍' ବୋଲି କହୁଛୁ । ଆଜି ମୋବାଇଲ୍ ଫୋନ୍ କେବଳ ଏକ ଯନ୍ତ୍ର ହୋଇ ରହିନାହିଁ, ବରଂ ଏହା ଆମ ଜୀବନର ଏକ ଅଙ୍ଗ ପାଲଟି ଯାଇଛି । ବସିବା, ଶୋଇବା, ରୋଷେଇ କରିବା କିମ୍ବା ଖାଇବା ସମୟରେ ମଧ୍ୟ ଫୋନ୍ ଆମ ହାତ ପାହାନ୍ତାରେ ରହୁଛି । ପୂର୍ବରୁ ଯେଉଁ ମନୋରଞ୍ଜନ ପାଇଁ ପଡ଼ିଆରେ ଖେଳକୁଦ ବା ବାହାରକୁ ବୁଲିବାକୁ ଯିବାକୁ ପଡୁଥିଲା, ଏବେ ତାହା ମୋବାଇଲ୍ ସ୍କ୍ରିନ୍ ଭିତରେ ସୀମିତ ହୋଇଯାଇଛି । ଆଜିର ଯୁବପିଢ଼ି ଶାରୀରିକ କସରତ ଭୁଲି ଦିନକୁ ୮ ରୁ ୧୫ ଘଂଟା 'ସ୍କ୍ରିନ୍ ଟାଇମ୍'ରେ ଅତିବାହିତ କରୁଛନ୍ତି । ଖେଳପଡ଼ିଆକୁ ଯିବା ଅପେକ୍ଷା ଛାତ ଉପରେ କିମ୍ବା ଗଛ ଉପରେ ଚଢ଼ି ୫-ଜି ନେଟୱାର୍କ ଖୋଜି ଅନଲାଇନ୍ ଗେମ୍ ଖେଳିବାକୁ ସେମାନେ ଅଧିକ ପସନ୍ଦ କରୁଛନ୍ତି । ଏପରିକି ଖବରକାଗଜ ପଢ଼ିବା ପାଇଁ ମଧ୍ୟ ଇ-ପେପରର ସାହାଯ୍ୟ ନିଆଯାଉଛି । ମୋବାଇଲ୍ ଫୋନର ଆବିଷ୍କାର ଦୂରରେ ଥିବା ବ୍ୟକ୍ତିଙ୍କ ସହ କଥା ହେବା ପାଇଁ ହୋଇଥିଲା, ମାତ୍ର ଆଜି ସେହି ଉଦ୍ଦେଶ୍ୟ ଗୌଣ ହୋଇଯାଇଛି । ଏବେ ମୋବାଇଲ୍ ଫୋନ୍ ଭିତରେ ସମଗ୍ର ଦୁନିଆ ଆବଦ୍ଧ । ଫଟୋ ଉଠାଇବା, ସପିଂ କରିବା, ବହି ପଢ଼ିବା, କ୍ୟାଲେଣ୍ଡର ଦେଖିବା, ଭାଗ୍ୟ କୁଣ୍ଡଳୀ ବିଚାର କରିବା ଠାରୁ ଆରମ୍ଭ କରି ଟ୍ରାଭେଲ୍ ଟିକେଟ୍ ଓ ପେମେ[ ପର୍ଯ୍ୟନ୍ତ ସବୁକିଛି ଚୁଟକିରେ ହୋଇଯାଉଛି । ଏତେ ସବୁ ସୁବିଧା ପାଇବା ପରେ ମଣିଷ ବାହାର ଦୁନିଆ ପ୍ରତି ବିମୁଖ ହେବା ସ୍ୱାଭାବିକ ।ମାତ୍ର ଏହି ଅହେତୁକ ନିର୍ଭରଶୀଳତା ଏକ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରୁଛି । ଯଦି କେବେ ଫୋନରେ ଚାର୍ଜ ନଥାଏ, ନେଟୱାର୍କ କଟିଯାଏ କିମ୍ବା ଫୋନ୍ ଖରାପ ହୋଇଯାଏ, ତେବେ ମଣିଷକୁ ଲାଗୁଛି ଯେମିତି ସେ ନିଃସଙ୍ଗ ହୋଇଯାଇଛି । ସେହି ସମୟରେ ଅନୁଭବ ହେଉଛି ଯେମିତି କୌଣସି ଆତ୍ମୀୟଙ୍କ ବିୟୋଗ ଘଟିଛି କିମ୍ବା ନିଜ ଶରୀରର କୌଣସି ଅଙ୍ଗ କଟିଯାଇଛି । ଥରେ ଗଭୀର ଭାବେ ଚିନ୍ତା କରନ୍ତୁ, ଏହି ଅତ୍ୟଧିକ ନିର୍ଭରଶୀଳତା ପରେ ଯଦି କୌଣସି କାରଣ ବଶତଃ ମୋବାଇଲ୍ ଫୋନ୍ ସେବା ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ହୋଇଯାଏ, ତେବେ ଆମର ସ୍ଥିତି କଣ ହେବ ? ଯେଉଁ ସମାଜ ଆଜି ପ୍ରତିଟି କାମ ପାଇଁ ଗୋଟିଏ କ୍ଲିକ୍ ଉପରେ ନିର୍ଭର କରୁଛି, ସେ ପୁଣିଥରେ ବାସ୍ତବ ଜୀବନର ସାଧାରଣ ଧାରାକୁ ଫେରିପାରିବ ତ ? ହୁଏତ ସେତେବେଳେ ଆମକୁ ପୁଣିଥରେ ଚିଠି ଲେଖିବା, ବହିର ପୃଷ୍ଠା ଓଲଟାଇବା ଏବଂ ମଣିଷ ସହ ସଚକ୍ଷୁରେ କଥା ହେବା ପାଇଁ ସଂଘର୍ଷ କରିବାକୁ ପଡ଼ିପାରେ । ଏହି ପ୍ରଶ୍ନ ଆଜିର ଯୁବପିଢ଼ି ପାଇଁ ଏକ ବଡ଼ ଚେତାବନୀ । ବିଜ୍ଞାନର ବରଦାନ ଭାବେ ମୋବାଇଲ୍ ଫୋନ୍ ଆମକୁ ଅନେକ ସୁବିଧା ଦେଇଛି ସତ, କିନ୍ତୁ ଏହାର ଅତ୍ୟଧିକ ବ୍ୟବହାର ଆମକୁ ଆତ୍ମୀୟତା ଏବଂ ସାମାଜିକ



ଜୀବନରୁ ଦୂରେଇ ନେଉଛି । ଆମେ ଯନ୍ତ୍ରର ଦାସ ନହୋଇ ଏହାକୁ ସୀମିତ ଭାବେ ବ୍ୟବହାର କରିବା ଶିଖିବା ଜରୁରୀ । ଯଦି ଆମେ ଆଜିଠାରୁ ବାସ୍ତବ ଦୁନିଆ ସହ ସମ୍ପର୍କ ଯୋଡ଼ିବା ନାହିଁ, ତେବେ ଭବିଷ୍ୟତରେ ମୋବାଇଲ୍ ବିନା ଆମର ଅସ୍ତିତ୍ୱ ବିପନ୍ନ ହୋଇପଡ଼ିବ । ଜୀବନର ପ୍ରକୃତ ସ୍ୱାଦ ମୋବାଇଲ୍ ସ୍କ୍ରିନ୍ ଭିତରେ ନୁହେଁ, ବରଂ ବାସ୍ତବ ଦୁନିଆର ମିଳାମିଶା ଏବଂ ପ୍ରକୃତିର ସାନ୍ନିଧ୍ୟରେ ହିଁ ମିଳିଥାଏ ।

*ଶିକ୍ଷକ ଶିକ୍ଷା ବିଭାଗ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ,*
*ବ୍ରହ୍ମପୁର-ମୋ: ୯୯୩୮୫୦୬୨୦୭*

# ରକ୍ତଚାପ ବଢିବାରୁ କାରଣ

ଆମ ସମସ୍ତଙ୍କର ରକ୍ତଚାପ ରହିଛି । ଯେତେବେଳେ ହୃତ୍‌ପିଣ୍ଡ ସଂକୋଚିତ ହୁଏ ବାମ ଅଳିନ୍ଦରୁ ବିଶୁଦ୍ଧ ରକ୍ତ ମହାଧମନୀ ଦେଇ ବିଭିନ୍ନ ଧମନୀ ମାଧ୍ୟମରେ ଶରୀରର ବିଭିନ୍ନ ଅଂଶକୁ ଯାଏ । ଏହି ରକ୍ତର ବିକ୍ଷେପ ସବୁ ଦମନୀ ମାଧ୍ୟମରେ ଶରୀରର ବିଭିନ୍ନ ଅଂଶକୁ ପ୍ରେରିତ ହୁଏ । ଏହି ରକ୍ତର ବିକ୍ଷେପ ସବୁ ଧମନୀ ମାନଙ୍କର କାନ୍ଥରେ ଗୋଟେ ଚାପ ସୃଷ୍ଟି କରିଥାଏ । ଏହି ଚାପକୁ ରକ୍ତଚାପର ସିଷ୍ଟୋଲ ବୋଲି କୁହାଯାଏ । ଏହାପରେ ହୃତ୍‌ପିଣ୍ଡ ପୂର୍ବ ଅବସ୍ଥାକୁ ଫେରିଆସେ । ଫଳରେ ଧମନୀରେ ରକ୍ତର ପ୍ରବାହର ଗତି କମିଯାଏ । ଦ୍ୱାର ଧମନୀ କାନ୍ଥରେ ନିମ୍ନ ଧରଣର ଚାପ ସୃଷ୍ଟି ହୁଏ । ଯାହାକୁ ଆମେ ଡାୟାଷ୍ଟୋଲ ବୋଲି କହୁ । ଯେତେବେଳେ ଏହି ଧମନୀର କାନ୍ଥଗୁଡ଼ିକ ଟାଣ ହୋଇଯାଏ, ପୂର୍ବପରି ନମନୀୟ ରହେନି, ସେତେବେଳେ ରକ୍ତ ପ୍ରବାହର ଚାପ ଧମନୀର କାନ୍ଥ ଉପରେ ପଡ଼େ ଓ ମାପଯନ୍ତ୍ର ଦ୍ୱାରା ସାଧାରଣ ରକ୍ତଚାପ ଅଧିକ ଦେଖାଯାଏ । ତେଣୁ ପ୍ରଥମରୁ ଯଦି ଆମେ ଏହି ଉଚ୍ଚ ରକ୍ତଚାପ ବିଷୟରେ ସଚେତନ ହେବା ତା' ହେଲେ ତାହାର ପ୍ରଭାବ ଅନ୍ୟ ପ୍ରଧାନ ଅଙ୍ଗ ହୃତ୍‌ପିଣ୍ଡ, ବୃକ୍କ, କେତେକ ଧମନୀ, ଆଖିର ସ୍ନାୟୁପଟଳ, ମସ୍ତିଷ୍କ ଆଦିକୁ ଆକ୍ରାନ୍ତ କରିପାରେନି । ଉଚ୍ଚ ରକ୍ତଚାପର ପରିମାପ ଅନୁସାରେ କେଉଁ ଅବସ୍ଥାରେ କେଉଁ ଅଙ୍ଗ ସଂକ୍ରମିତ ହେବ, ତାହା ମଧ୍ୟ ନିର୍ଣ୍ଣୟ କରାଯାଇଛି । ପ୍ରଥମ ସୋପାନରେ ରକ୍ତଚାପ ୧୬୦/୯୦ ମିମି ମରକ୍ୟୁରୀ ରହିବା ଦ୍ୱିତୀୟ ଷ୍ଟେଜ୍‌ରେ ରକ୍ତଚାପ ୧୬୦ରୁ ୧୭୦/୧୦୦ ରହୁଥିବ । ତୃତୀୟ ଷ୍ଟେଜ୍‌ରେ ରକ୍ତଚାପ ୧୮୦/୧୧୦ ମିମି ମରକ୍ୟୁରୀ ରହୁଥିବ ବା ଅଦିକ ମଧ୍ୟ ହୋଇପାରେ । ତେଣୁ ପ୍ରଥମ ଷ୍ଟେଜ୍‌ରୁ ହିଁ ଆମକୁ ଏହି ଉଚ୍ଚ ରକ୍ତଚାପକୁ ସାଧାରଣ ଅବସ୍ଥାକୁ ଆଣିବାକୁ ପଡ଼ିବ । ଜଣେ ବ୍ୟକ୍ତିର ୫୦ ବର୍ଷ ବୟସ ମଧ୍ୟରେ ଉଭୟେ ସିଷ୍ଟୋଲିକ ଓ ଡାୟାଷ୍ଟୋଲିକ ଚାପ ଉପରେ ଗୁରୁତ୍ୱ ଦିଆଯାଏ । ୫୦ ବର୍ଷରୁ ଅଧିକ ବୟସର ବ୍ୟକ୍ତିଙ୍କ ପାଇଁ ଅଧିକ ସିଷ୍ଟୋଲିକ୍ ଚାପ ଉପରେ ଗୁରୁତ୍ୱ ଦିଆଯାଏ । ଯଦି ଆମେ ଏହି ଉଚ୍ଚ ରକ୍ତଚାପକୁ ଔଷଧ ଓ ଚଳଣି ଦ୍ୱାରା ସୀମିତ ନକରିବା, ତା'ହେଲେ କେତେଗୁଡ଼ିଏ ବିଶେଷ ରୋଗର ଉତ୍ପତି ହୋଇ ପାରେ । ଯଥା- ବୟସାଧିକ, ସ୍ତ୍ରୀମାନଙ୍କ ଅପେକ୍ଷା ପୁରୁଷ ଲୋକମାନେ ବେଶି ଆକ୍ରାନ୍ତ ହୁଅନ୍ତି । ସେହିପରି ଟବାକୋ ଖାଉଥିବା, ଧୂମପାନ କରୁଥିବା ବ୍ୟକ୍ତି ସମୂହ, ମଧୁମେହ ରୋଗୀ, ମେଦ ବହୁଳତା କ୍ଷେତ୍ରରେ ଅଧିକରୁ ଅଧିକ ଉଚ୍ଚ ରକ୍ତଚାପ ପରିଲକ୍ଷିତ ହୁଏ ପିତାମାତାଙ୍କର ମଧ୍ୟ ଉଚ୍ଚ ରକ୍ତଚାପ ଥିଲେ ସନ୍ତାନମାନଙ୍କ ଠାରେ ପରିଲକ୍ଷିତ ହୁଏ । ଉଚ୍ଚ ରକ୍ତଚାପ ବିଷୟରେ ସାଧାରଣ ଜ୍ଞାନ ଶିକ୍ଷାର ପ୍ରସାର, ନିଜର ବୟସ ଅନୁସାରେ ଓଜନକୁ ସୀମିତ କରିବା, ଆଲକହଲ ଖାଉଥିବା ବ୍ୟକ୍ତିଙ୍କ ପାଇଁ ଆଲକହଲ ଖାଇବା ମନା, ଅଧିକ ଲୁଣ ଓ ଲୁଣିଆ ଖାଦ୍ୟ ଖାଇବା ନିଷେଧ, ଅତ୍ୟଧିକ ତେଲ, ଘିଅ, ଛଣାଛଣି ପଦାର୍ଥ, ଘିଅ, ଜଙ୍କ୍‌ଫୁଡ୍, ଫାଷ୍ଟଫୁଡ୍, ରେଡ୍ ମିଟ୍, କୁକୁଡ଼ା ମାଂସ, କଡ଼ାପାନ ଓ କଡ଼ା ପୁଡ଼ିଆ ଖାଇବା ମନା । ଖାଦ୍ୟ ଖାଇବାର ଇଚ୍ଛାଶକ୍ତିକୁ ଦମନ କରିବା ଆବଶ୍ୟକ । ଏହାଦ୍ୱାରା ମାନସିକ ସନ୍ତୁଳନ ରକ୍ଷା ହୋଇପାରିବ । ଆଜିକାର ସମୟରେ ପୁଅ ଝିଅମାନେ ଆଇଟି ସେକ୍ଟରରେ ଅଧିକ କାମ କରୁଛନ୍ତି । ସେଠାରେ କାମ କରିବାର ତରିକା ଭିନ୍ନ । ଶୀତତାପ ନିୟନ୍ତ୍ରିତ ଘରେ ଦୀର୍ଘ ସମୟ ଧରି କାମ କରିବା, ସବୁ ସମୟ ପାଇଁ ବ୍ୟସ୍ତ ବହୁଳ ମାନସକତାରେରହିବା । ରାତିରେ ଡେରିରେ ବାସଗୃହକୁ ଫେରି ପୁଣି ବଳକା କାମକୁ କମ୍ପ୍ୟୁଟର ମାଧ୍ୟମରେ କରିବା ଦ୍ୱାରା ଯୁବପିଢ଼ୀଙ୍କର ମେଦବୃଦ୍ଧି ହେଉଛି । ଏଣୁ ଅଳ୍ପ ବୟସରୁ ସେମାନେ ଉଚ୍ଚ ରକ୍ତଚାପରେ ପୀଡ଼ିତ ହେଉଛନ୍ତି । ସେମାନଙ୍କର କାର୍ଯ୍ୟଶୈଳୀରେ କିଛି ପରିବ□ନ ଆବଶ୍ୟକ । ତରୁଣ ବୟସ୍କ ବ୍ୟକ୍ତିମାନେ କୌଣସି କାମ ନକରି ଖାଲି ବସି ରହୁଛନ୍ତି । ସେମାଙ୍କଠାରେ ମଧ୍ୟ ସ୍ୱଇଚ୍ଛାରେ କାମ କରିବାର ଆଗ୍ରହ ନାହିଁ । ଏହି ଯୁବକମାନେ ଯେତେବେଳେ କୌଣସି କର୍ମକ୍ଷେତ୍ରରେ କାମ କରିବାର ସୁଯୋଗ ପାଉଛନ୍ତି, ସେଥିରେ ସନ୍ତୁଷ୍ଟ ହୋଇପାରୁ ନାହାଁନ୍ତି । ତେଣୁ ମନ ଭିତରେ ଗୋଟେ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି ହେଉଛି । ଫଳରେ ମାନସିକ ଭାରସାମ୍ୟରେ ସନ୍ତୁଳନ ମଧ୍ୟ ଉଚ୍ଚ ରକ୍ତଚାପ ବଢ଼ାଇବାରେ ଏକ କାରଣ । ଏହି ତରୁଣ ଯୁବକ ମାନଙ୍କ ସଂଖ୍ୟା ଆମ ଜନସଂଖ୍ୟାର ୪୦ ପ୍ରତିଶତ । ଏହି ସବୁ କାରଣଗୁଡ଼ିକ ଜଣେ ବ୍ୟକ୍ତିକୁ ଉଚ୍ଚ ରକ୍ତଚାପ ରୋଗରେ ପୀଡ଼ିତ କରାଉଛି । ଉଚ୍ଚ ରକ୍ତଚାପ, ମଧୁମେହ, ହୃଦ୍‌ରୋଗ ପରସ୍ପର ସହ ଜଡ଼ିତ । ତେଣୁ ସତର୍କତା ଅବଲମ୍ବନ ବାଞ୍ଛନୀୟ । ସରଳ ସମାଧାନ ହେଉଛି ଚର୍ବି ବିହୀନ ଖାଦ୍ୟ ଖାଇବା ବ୍ୟାୟାମ କରିବ ।











# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ



ଖଲ୍ଲିକୋଟ : ଏକକ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇ ଯାଇଛି । ଏହି ଉପଲକ୍ଷେ ଗଣେଶ ହଲ୍ ଠାରେ ଏକ ଭବ୍ୟ ସଭାର ଆୟୋଜନ କରା ଯାଇଥିଲା । କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମଟି ଶ୍ରୀଜଗନ୍ନାଥଙ୍କୁ ପୁଷ୍ପ ଅର୍ପଣ ପୂର୍ବକ ଉଦଘାଟିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଶିଷ୍ଟ ନାରୀବାଦୀ ତଥା ରାଜନୀତି ବିଜ୍ଞାନର ପ୍ରଫେସର ବିଜୟ କୁମାର ବହିଦାର ନିଜ ବକ୍ତବ୍ୟରେ ନାରୀ ଓ ପୁରୁଷ ମଧ୍ୟରେ ସମାନତା ଆଣିବା ନିମନ୍ତେ ଚେତନାରେ ପରିବର୍ତ୍ତନ ଆବଶ୍ୟକ ବୋଲି କହିଥିଲେ । ନାରୀ କୌଣସି ଗୁଣରେ ହେୟ ନୁହେଁ, ପ୍ରତ୍ୟେକ କାମରେ ନାରୀ ପୁରୁଷଙ୍କର ସମାନ ଭୂମିକା ରହିବା ଉଚିତ ବୋଲି ସେ ମତ ଦେଇଥିଲେ । ସମ୍ମାନିତ ଅତିଥି ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ ନିଜ ବକ୍ତବ୍ୟରେ ପରିବାରରେ ହିଁ କନ୍ୟାକୁ ଗୁରୁତ୍ୱ ଦେବା ସହ ପୁଅ ସହିତ ସମାନ ସୁଯୋଗ ଦେବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ପ୍ରଫେସର ପଦ୍ମିନୀ ସାହୁ ନାରୀକୁ ଦୟା ନୁହେଁ, ସମ୍ମାନ ଲୋଡ଼ା ବୋଲି କହିଥିଲେ । କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ସଭାପତି ଅଭିଭାଷଣରେ ନାରୀ ନିଜକୁ ନିଜେ ସଶକ୍ତ କରିବା ସହ ଅର୍ଥନୈତିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହେବା ତଥା ଉଚ୍ଚଶିକ୍ଷାକୁ ବିବାହ ଏ ଯୋଗ୍ୟତାର ମାପଦଣ୍ଡ ଭାବେ ବିଚାର ନକରି ନିଜର ପ୍ରଗତି ଦିଗରେ ବିନିଯୋଗ କରିବାକୁ ଆହ୍ୱାନ ଦେଇଥିଲେ । କୁଳସଚିବ ଶ୍ରୀମତୀ ପାର୍ବତୀ ମଞ୍ଜରୀ ମହାଲିକ ନାରୀମାନଙ୍କ ନିମନ୍ତେ ନାରୀ ସ୍ତରରେ ହେଉଥିବା ବିଭିନ୍ନ କଲ୍ୟାଣ ମୂଳକ ଯୋଜନା ଉପରେ ଆଲୋକପାତ କରି ନାରୀର ମହତ୍ୱ ପ୍ରତିପାଦନ ପୂର୍ବକ ସ୍ୱରଚିତ କବିତା ଆବୃତ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ର ସୁମନ ଦାଶ ଆକର୍ଷଣୀୟ ବଂଶୀ ବାଦନ କରିଥିଲେ । ଅଧ୍ୟାପିକା ଡ. ଅନ୍ନପୂର୍ଣ୍ଣା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ପରିଚୟ ଦେଇଥିଲେ ଛାତ୍ର କଲ୍ୟାଣ ଅଧିକାରୀ ଡ. ଉଷାରାଣୀ ରଥ । ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପିକା ଡ. ସସ୍ମିତା କୁମାରୀ ବେହୁରା । କାର୍ଯ୍ୟକ୍ରମ ଶେଷରେ ପ୍ରିନସ୍ ଜେନା, ପ୍ରବୀଣ କୁମାର ବେହେରା, ଦୀପକ କୁମାର ରାଉତ, ମୁକ୍ତିରାଜ ସାହୁ, ରାମେଶ୍ୱରୀ ଗୌଡ଼, ଶ୍ରୀମା ପାଣିଗ୍ରାହୀ, ଭୁବନେଶ୍ୱର ପଣ୍ଡା ପ୍ରମୁଖ ଚିତାକର୍ଷକ ହାସ୍ୟରସାତ୍ମକ ନାଟକ 'ମିଷ୍ଟର ଗାବ୍ରିଡନ୍' ପରିବେଷଣ କରିଥିଲେ । ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ଡ. ଗୌତମ ସାବତ, ଡ. ସୁଶୀଲ କୁମାର ରାଠୋର, ଡ. ବିଭୂତି ପ୍ରସାଦ ବାରିକ, ଡ. ପ୍ରଣତି ରଥ, ଡ. ବିଭୂ ପ୍ରସାଦ ସାହୁ, ଡ. ସୁସ୍ମିତା ପଟ୍ଟନାୟକ,ଡ. ଇନ୍ଦ୍ରାଣୀ ସାହୁ, ଡ. ମନୋରଞ୍ଜନ ବିଷୋୟୀ, ଡ. ରଶ୍ମିତା ପଣ୍ଡା, ସୁଶ୍ରୀ ସ୍ୱର୍ଣ୍ଣଲତା ବିଷୋୟୀ,ଡ. ରଶ୍ମିତା ପାଢ଼ୀ, ଶ୍ରୀମତୀ କାବେରୀ ପାଢ଼ୀ, ଡ. ନୀଳିମା ପ୍ରିୟଦର୍ଶିନୀ ସ୍ୱାଇଁ, ଆଶା, ଡ.ବିଭାରାଣୀ ତ୍ରିପାଠୀ, ଶ୍ରୀମତୀ ପ୍ରଜ୍ଞା ପ୍ରିୟଦର୍ଶିନୀ ସାହୁ,ଡ. ସୁନୀଲ କୁମାର ସାମନ୍ତରାୟ, ଅଶୋକ ମୁଦୁଲି, ତପସ୍ୱିନୀ ପାଣିଗ୍ରାହୀ, ଡ. ମନୀଷା ଦାଶ, ସୁହାସିନୀ ବିଶ୍ୱାଳ, ସୁପ୍ରିୟା ସାହୁ, ସୁଚରିତା ମହାରଣା,ଚିନ୍ମୟ ରାଉତ,ଅର୍ପିତା ଜେନା,ସୋଫିଆ ମହାନ୍ତି, ଆଶୁତୋଷ ପଣ୍ଡା, ବିଷ୍ଣୁ ପାତ୍ର,ସୁନିତା, ସୁଦେଷ୍ଣା, ଶ୍ରୀଚନ୍ଦନ,ନିହାରିକା ନାୟକ, ଅଳକା ମିଶ୍ରଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ସହ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତି ରହି ଥିଲେ । ବିଶ୍ୱବିଦ୍ୟାଳୟ କର୍ମଚାରୀ ଶ୍ରୀ ଜଗନ୍ନାଥ ଚୌଧୁରୀ, ଶ୍ରୀ ଉମା ମହେଶ୍ୱର ରାଓ, ଶ୍ରୀ ପ୍ରକାଶ କୁମାର ସାହୁ , ଶ୍ରୀ ମଙ୍ଗୁଲୁ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଏପିଏଫ ପେନସନର୍ସ ଆସୋସିଏସନ କୋରାପୁଟ ଜିଲ୍ଲା କମିଟି ର ବୈଠକ

ଜୟପୁର:(ହି.ସ.) - ଇପିଫ ପେନସନର୍ସ କୋରାପୁଟ ଜିଲ୍ଲା କମିଟି ର ବୈଠକ ନଳିନୀ ରଥଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇ ଯାଇଛି । ଦିଲ୍ଲୀ ର ଯନ୍ତର ମନ୍ତର ଠାରେ ଚାଲିଥିବା ଆନ୍ଦୋଳନ ଆହୁରି ବ୍ୟାପକ କରିବା ପାଇଁ ସର୍ବଭାରତୀୟ ସ୍ତରରେ ନିଷ୍ପତି ନିଆ ଯାଇଛି । ପାର୍ଲ୍ୟାମେଂଟର ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ରେ ସାଂସଦ ମାନେ ଜୋରଦାର ଦାବି କରିବା ପାଇଁ ସ୍ଥିର କରିଛନ୍ତି । ମାସିକ ନ ହଜାର ଟଙ୍କା ପେନସନ ସହ ମେଡିକାଲ ସୁବିଧା ପାଇଁ ଆନ୍ଦୋଳନ ଲଗାତାର ଜାରି ରହିବ । କୋରାପୁଟ ଜିଲ୍ଲା କମିଟି କେନ୍ଦ୍ର ସଂଗଠନ କୁ ସହଯୋଗ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି । ଆଜିର ସଭା ରେ ସର୍ବଶ୍ରୀ ପ୍ରମୋଦ ମହାନ୍ତି, ପି ଗୌରୀ ଶଙ୍କର ରାଓ, ଜି ପ୍ରସାଦ ରାଓ, ମୁଦି ନାଥ ରଥ, ବସନ୍ତ ବେହେରା ପ୍ରମୁଖ ମତାମତ ରଖିଥିଲେ ।

# ଆନ୍ତର୍ଜାତିକ ମହିଳା ଦିବସ ପାଳିତ

ବୈସିଙ୍ଗା : ବେତନଟୀର ବିଭିନ୍ନ ସ୍ଥାନରେ ଅନ୍ତର୍ଜାତିକ ମହିଳା ଦିବସ ପାଳନ କରାଯାଇଅଛି । ଦିବା ଘ ୧୧.୩୦ ମିନିଟ୍ ସମୟରେ ସ୍ଥାନୀୟ ବିଚାର ବିଭାଗ ଅଦାଲତ ପ୍ରକୋଷ୍ଠରେ ବେତନଟୀ ବାର ଏସୋସିଏସନର ପଦାଧିକାରୀଙ୍କ ଉପସ୍ଥିତି ତଥା ମୁଖ୍ୟ ଅତିଥି ଭାବେ ତାଲୁକ ଆଇନ ସେବାର ମୁଖ୍ୟ ବିଚାରପତି ରଶ୍ମୀ ନାରାୟଣୀ ମିଶ୍ରଙ୍କ ଅଧକ୍ଷତାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ବକ୍ତା ଭାବେ ପ୍ରଭାତୀ ମହାନ୍ତି, ରୂପଶ୍ରୀ ବାରିକଙ୍କ ସହ ପ୍ରବୀର କୁମାର ବାରିକ, ସଂପାଦକ ଏବଂ ଆଇନଜୀବୀ ସଂହିତା ଦାସ,ସଞ୍ଜୟ କୁମାର ରାଉତ,ସଚ୍ଚିଦାନନ୍ଦ ମହାନ୍ତି ପ୍ରମୁଖ ଦିବସର ତାତ୍ପର୍ଯ୍ୟ, ଆଗାମୀ ଦିନର ଆହ୍ୱାନକୁ ସାମନା କରିବା ଓ ଆମର କାର୍ଯ୍ୟ ସମ୍ବନ୍ଧରେ ବିଶଦ ଆଲୋଚନା କରିଥିଲେ ।ଇତ୍ୟବସରରେ ବିଶେଷ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ତିନିଜଣ ମହିଳାଙ୍କୁ ସମ୍ମାନିତ କରାଯିବା ପରେ ଦେବବ୍ରତ ପରିଡା ଧନ୍ୟବାଦ ଜ୍ଞାପନ କରିଥିଲେ । ଏତଦ ବ୍ୟତୀତ ଇନ୍ଦିରା ନଗରର ବିଶ୍ୱଜନନୀ ମହିଳା ମହାସଂଘ ଆନୁକୂଲ୍ୟରେ ମଧ ଦିବସଟିକୁ ମହାଆଡମ୍ବର ସହକାରେ ପାଳନ କରାଯାଇଥିଲା । ସଭାନେତ୍ରୀ ନିର୍ମଳା ସାହୁଙ୍କ ଆବାହକତ୍ୱ ରେ ଅନୁଷ୍ଠିତ ସଭାରେ ସଭାପତି ରୂପେ ବାସୁଦେବ ନାପିତ, ମୁଖ୍ୟ ଅତିଥି ରୂପେ ସିଭିଲି ସୋସାଇଟି ର ସୋମ୍ପାଦକ ସୋଚିଦାନନ୍ଦ ମହାନ୍ତି ପୂର୍ବତନ ଅଧକ୍ଷା ସଂଯୁକ୍ତା ଜି ମୁଖ୍ୟ ବକ୍ତା, ବିଶେଷ ଅତିଥି ପ୍ରପେସର ଉଷା ସତପୋଥି ଓ ମନୋରଂଜନ ପରିଡା, ବକ୍ତା ରୂପେ ଅବସୋର ପ୍ରାପ୍ତ ପ୍ରଧାନ ଶିକ୍ଷକ ଅନିଲ କୁମାର ମାଇତି, ଅଧାପିକା କଜ୍ଜଳତା ବେହେରା, ସୋହଦ୍ରେ ଗିରି, ସମାଜ ସେବି ହୃଦାନନ୍ଦ ସାହୁ, ପ୍ରମୁଖ ନାରୀ ଶୋଷଡି କରନ ଓ ମହିଳା ଦିବସ ପାଳନ ବିଷୟରେ ଆଲୋଚନା କରିଥିଲେ ଦୁଇ ଜଣ ବରିଷ୍ଠ ମହିଳାଙ୍କୁ ମହାସଂଘ ତୋରଫରୁ ସୋମ୍ବର୍ଦ୍ଧନା କରା ଯାଇଥିଲା କାର୍ଯ୍ୟକ୍ରମ କୁ ବସୁଂଧରା ଭୋଇ ସଂଜଜନା କରିଥିବାବେଳେ କୋମଳ ଲଚନ କର, ହରେନ୍ଦ୍ର ନାଥ ବାରିକ ସୋହଯୋଗ କରିଥିଲେ ଶେଷରେ ମହିଳା ସଂଘର ସଭାପତି ବିନତା ବେହେରା ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ




ଭଦ୍ରକ : ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦ□ କାର୍ଯକ୍ରମ ଅନୁସାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରାପ୍ରାପ୍ତ ଅଧକ୍ଷ ଶ୍ରୀ ପ୍ରଭାତ କୁମାର ରାଜଗୁରୁଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ରହଣିଆ, (ଚରମ୍ପା) ଭଦ୍ରକ ଠାରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭରପ୍ରାପ୍ତ ସଚିବ ଶ୍ରୀମତୀ ଶିବାନୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କହିଥିଲେ ଯେ ଦେଶର ପ୍ରଗତିରେ ନାରୀମାନଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ । ନାରୀ ଓ ପୁରୁଷ ହେଉଛନ୍ତି ସମାଜର ଦୁଇଟି ମୁଖ୍ୟ ଅଙ୍ଗ, ଜଣଙ୍କ ବିନା ଅନ୍ୟ ଜଣଙ୍କ ସ୍ଥିତି ଅସମ୍ଭବ ଓ ସମାଜରେ ମହିଳାମାନଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ । ମହିଳାମାନଙ୍କୁ ଶିକ୍ଷିତ କରିବା ସହ ସେମାନଙ୍କୁ ଉଚିତ ସମ୍ମାନ ଦେବା । ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲ୍‌ଡିଏସ୍ ସହାୟକ ଡ । ତାପସ କୁମାର ମହାନ୍ତି, ନେପାଳ ଚନ୍ଦ୍ର ଦାସ, ସଦସ୍ୟ, ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତ, ଭଦ୍ରକ ତଥା ପାରା ଲିଗାଲ ସ୍ୱେଚ୍ଛାସେବୀ, ଭଦ୍ରକଙ୍କ ଦ୍ୱାରା ଏକ ଶୋଭାଯାତ୍ରା ବାହାରି ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ସଚେତନ କରଯାଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧିକରଣ ର କର୍ମୀଗଣ ପରିଚାଳନା ରେ ସଂପୂର୍ଣ୍ଣ ସହଯୋଗ କରିଥିଲେ ।

# ଶିଶୁମାନଙ୍କ ମାନସିକ ସ୍ୱାସ୍ଥ୍ୟ ଓ ହିସାବ ଖାତା ଉପରେ ଜିଲ୍ଲାସ୍ତରୀୟ କର୍ମଶାଳା

ଭଦ୍ରକ: ଜିଲ୍ଲା ଶିଶୁ ମିଶୁ ସୁରକ୍ଷା ୟୁନିଟ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ, ଭଦ୍ରକ ଠାରେ ଶିଶୁମାନଙ୍କ ମାନସିକ ସ୍ୱାସ୍ଥ୍ୟ ଓ ହିସାବ ଖାତା ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇ ଚାପମୁକ୍ତ ଓ ସୁସ୍ଥ ମାନସିକ ପରିବେଶ ଶିଶୁମାନଙ୍କ ଶିକ୍ଷାଗତ ଉନ୍ନତି ସହ ତାଙ୍କର ସମଗ୍ର ବ୍ୟକ୍ତିତ୍ୱ ବିକାଶରେ ମୂଳ ଭୂମିକା , ଉପଯୁକ୍ତ ପୋଷଣ ଓ ଚାପମୁକ୍ତ ଜୀବନ , ଶିଶୁମାନଙ୍କ ବୌଦ୍ଧିକ ବିକାଶ , ସ୍ୱାସ୍ଥ୍ୟ , ମୌଳିକ ଅଧିକାର , ଉପରେ ଆଲୋଚନା କରି ଥିଲେ । ଜିଲ୍ଲାର ଶିଶୁ ସୁରକ୍ଷା ଅନୁଷ୍ଠାନର କର୍ମକର୍ତା ଏବଂ ଗରଦପୁର ଗାନ୍ଧୀ ଓଡ଼ିଶା ବାଳା ଆଶ୍ରମର ର ସଂପାଦକ ପ୍ରମୁଖ ଯୋଗ ଦେଇଥିଲେ ।

# ସଶକ୍ତ ମହିଳା, ସଶକ୍ତ ସମାଜ : ବରିଷ୍ଠ କଳାକାର ସଂଘ




ବ୍ରହ୍ମପୁର : ବିଶ୍ୱ ମହିଳା ଦିବସ ଅବସରରେ କଳା ଓ କଳାକାର ହିତୈଷୀ ମହାମଂଚ 'ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ' ତରଫରୁ ସ୍ଥାନୀୟ ଗିରି ମାର୍କେଟ ଛକ ସ୍ଥିତ ପ୍ରକାଶମ୍ ହଲ୍ - ଆନ୍ଧ୍ର ଭାଷା ବିବର୍ଦ୍ଧନୀ ସମାଜମ୍ ସଭା ପ୍ରକୋଷ୍ଠ ପରିସରରେ ମହା ସମାରୋହରେ ପାଳିତ ହୋଇଯାଇଛି । ସଂଘ ସଭାପତି ସୀମାନ୍ତ ନଟରାଜ ଡ଼ା. ତିରୁପତି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟ ଆନୁଷ୍ଠାନିକ ଉଦ୍ଘାଟନ ସହ କଳାକାରମାନେ ସମାଜ ସଂସ୍କାରକ ହେତୁ ସେମାନଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସମାଜ ତରଫରୁ ପ୍ରୟାସ କରାଯିବା ଆବଶ୍ୟକ ବୋଲି ଉପସ୍ଥିତ କଳାକାରମାନଙ୍କୁ ଉଦବୋଧନ ଦେଇଥିଲେ । ମୁଖ୍ୟ ବକ୍ତା ବରିଷ୍ଠ ସାରସ୍ୱତ ସାଧକ ଡଃ. ବିଧୁପ୍ରଭା ରଥ ମୁଖ୍ୟ ବକ୍ତା, ବରିଷ୍ଠ ଶିକ୍ଷାବିତ୍ ମୃତ୍ୟୁଞ୍ଜୟ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳାମାନେ ସଶକ୍ତ ହେଲେ ସମାଜ ସଶକ୍ତ ହେବ ଓ ପ୍ରଗତିର ଶୀର୍ଷରେ ପହଂଚି ପାରିବ ବୋଲି ନିଜ ନିଜ ବକ୍ତବ୍ୟରେ ଉପସ୍ଥାପନ କରିଥିଲେ । କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ସଂଯୋଜନା କରିଥିଲେ । ଏହି ଅବସରରେ ଶଙ୍କର୍ଷଣ ସାବତ, ବଳଦେବ ସାହୁ ଏବଂ ଗୀତାସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସଂଘର କେତେକ ପ୍ରତିଭାଦୀପ୍ତ ମହିଳା କଳାକାରଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ପାଦକ ସୁବାସ ଚନ୍ଦ୍ର ସାହୁ ରୋଶନ୍ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହିତ ସଂଘର ଆଭିମୁଖ୍ୟ ତଥା କୃତି ଓ କୃତିତ୍ୱ ସମ୍ପର୍କରେ ସମ୍ୟକ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭଗବାନ ପାତ୍ର ଓ ସାଥୀଙ୍କ ଦାସକାଠିଆ ଏବଂ ବନ୍ଧାଗୁଡା ଗ୍ରାମର ଲୋକ ନାଟକ 'ଭାରତଲୀଳା' ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନା କ୍ଷେତ୍ରରେ ସର୍ବଶ୍ରୀ ସୁଦାମ ପଟ୍ଟନାୟକ, କଳାପ୍ରାଣ କୈଳାସ ପାଣିଗ୍ରାହୀ, ଚିତ ରଂଜନ ଦଳେଇ, ମହେନ୍ଦ୍ର କୁମାର ସାହୁ, ଚନ୍ଦ୍ରଭାନୁ ନାୟକ, ସରୋଜ କୁମାର ପଣ୍ଡା, ପ୍ରଦୀପ କୁମାର ସାହୁ, ବନ୍ଦନା ନନ୍ଦ, ଛବି ରାଣୀ ମହାନ୍ତି, ବେବି ହାଲଦାର, ପ୍ରମୁଖ ସହଯୋଗ କରିଥିଲେ । ପରିଶେଷରେ ଅଶୋକ ପାତ୍ର ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ପିଚୁଡ଼ି ଗାଁରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ



ରାୟଗଡ଼ା : (ନିପ୍ର) ରାୟଗଡା ଜିଲ୍ଲାର ରାୟଗଡା ବ୍ଲକ୍ ଅଧୀନସ୍ଥ କୁମ୍ଭିକୋଟା ଗ୍ରାମ ପଂଚାୟତର ପିଚୁଡ଼ି ଗାଁରେ ଆଜି ଆନ୍ତର୍ଜାତୀୟ ମହିଳା ଦିବସ ଉତ୍ସାହ ଓ ଗର୍ବର ସହିତ ପାଳନ କରାଯାଇଛି । ସାମାଜିକ ସଂସ୍ଥା ଶାଲାର ଫାଉଣ୍ଡେସନ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି ଅବସରରେ କୁମ୍ଭିକୋଟା ଗ୍ରାମ ପଂଚାୟତର ପିଚୁଡ଼ି, କୋସୋକୋନା, ଉଦୟପୁର ଓ ଫୁଲକୋନା ଗାଁରୁ ୧୦୦ରୁ ଅଧିକ ଆଦିବାସୀ ମହିଳା କୃଷକ ଯୋଗଦେଇ ନାରୀଙ୍କ ଅଧିକାର, ସମାନତା ଓ ସାମାଜିକ ଉନ୍ନତି ବିଷୟରେ ଆଲୋଚନା କରିଥିଲେ । ମହିଳାମାନେ କୃଷି କ୍ଷେତ୍ରରେ ନିଜର ଅବଦାନ, ସ୍ୱାବଲମ୍ବନ ଓ ଗ୍ରାମୀଣ ଅର୍ଥନୀତିରେ ତାଙ୍କର ଭୂମିକାକୁ ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମରେ ଶାଲାର ଫାଉଣ୍ଡେସନର କର୍ମୀ ସ୍ୱର୍ଣ୍ଣଲତା ପାଣିଗ୍ରାହୀ, ଦୀପ୍ତିମୟୀ ନାୟକ, ରଞ୍ଜନ ମଣ୍ଡାଙ୍ଗୀ ଓ ନର୍ସ କୁଲେସିକା ଉପସ୍ଥିତ ରହି ମହିଳାଙ୍କ ସଶକ୍ତିକରଣ, ସ୍ୱାସ୍ଥ୍ୟ ସଚେତନତା, ସ୍ୱୟଂରୋଜଗାର ଓ ପ୍ରାକୃତିକ କୃଷି ପ୍ରଚାର ଉପରେ ଆଲୋଚନା କରିଥିଲେ । ସେମାନେ ମହିଳା କୃଷକମାନଙ୍କୁ ସଙ୍ଗଠିତ ହୋଇ କୃଷି କାର୍ଯ୍ୟକଳାପକୁ ଆଗକୁ ବଢ଼ାଇବା ସହିତ ଆତ୍ମନିର୍ଭର ହେବା ପାଇଁ ପ୍ରେରିତ କରିଥିଲେ । ଏହି ସଭାରେ ମହିଳାମାନେ ନିଜ କୃଷି ଅଭିଜ୍ଞତା ଅଦଳବଦଳ କରିଥିଲେ ଏବଂ ଜୈବିକ କୃଷି, ସ୍ୱୟଂସହାୟକ ଗୋଷ୍ଠୀ ଓ ଗ୍ରାମୀଣ ଜୀବିକା ବିକାଶ ବିଷୟରେ ମତ ବିନିମୟ କରିଥିଲେ । ଗ୍ରାମୀଣ ଅଂଚଳରେ ମହିଳାମାନଙ୍କ ଅବଦାନକୁ ସମ୍ମାନ ଜଣାଇ ସମସ୍ତଙ୍କ ମଧ୍ୟରେ ନାରୀ ସମାନତା ଓ ସଶକ୍ତିକରଣର ସନ୍ଦେଶ ପ୍ରଚାର କରାଯାଇଥିଲା । ଏହି ପାଳନ ମାଧ୍ୟମରେ ଆଦିବାସୀ ମହିଳା କୃଷକମାନଙ୍କ ଆତ୍ମବିଶ୍ୱାସ ବଢ଼ିବା ସହିତ ସମାଜରେ ନାରୀଙ୍କ ସମ୍ମାନ ଓ ସମାନ ଅଧିକାର ପ୍ରତି ସଚେତନତା ବୃଦ୍ଧି ପାଇଛି । ଶାଲାର ଫାଉଣ୍ଡେସନ ପକ୍ଷରୁ ଭବିଷ୍ୟତରେ ମଧ ଏପରି କାର୍ଯକ୍ରମ ମାଧ୍ୟମରେ ମହିଳାମାନଙ୍କ ସଶକ୍ତିକରଣ ପାଇଁ ଅବିରତ ପ୍ରୟାସ ଜାରି ରହିବ ବୋଲି ଶାଲାର ଫାଉଣ୍ଡେସନର ପ୍ରତିଷ୍ଠାତା ପ୍ରମୋଦ କୁମାର ପଣ୍ଡା ମତ ଦେଇଥିଲେ

# ଶ୍ରୀ ବିଦ୍ୟା ମେମୋରିଆଲ ଟ୍ରଷ୍ଟ ।ଦ୍ୱାରା ରକ୍ତଦାନ ଶିବିର

ଉଦଳା : (ନି ପ୍ର) ରବିବାର ଦିନ ଶ୍ରୀବିଦ୍ୟା ମେମୋରିଆଲ ଟ୍ରଷ୍ଟ ଦ୍ୱାରା ଏକ ବୃହତ୍ ରକ୍ତ ଦାନ ଶିବିର କଇଁ ସାରୀ ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ରେ ଶ୍ରୀବିଦ୍ୟା ଶୁଭ ଦର୍ଶିନୀ ଙ୍କ ସ୍ମୃତି ଉଦ୍ଦେଶ୍ୟ ରେ ତାଙ୍କ ୬ ଷ୍ଠ ତମ ପୁଣ୍ୟ ତିଥି ରେ ଅନୁଷ୍ଠିତ ହୋଇ ଯାଇ ଅଛି ।ଉକ୍ତ ଶିବିର ର ଶୁଭ ଉଦଘାଟନ ଶ୍ରୀଯୁକ୍ତ ପ୍ରତୀକ କୁମାର ପଣ୍ଡା, ଡେପୁଟି କଲେକ୍ଟର କାପ୍ତିପଦା,ଶ୍ରୀଯୁକ୍ତ ବନମାଳୀ ବାରିକ ଆଇ ଆଇ ସି ଉଦଳା, ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ପଣ୍ଡା ଚାଟାର୍ଡ ପ୍ରେସିଡେଂଟ ରୋଟାରୀ କ୍ଲବ୍ ଉଦଳା, ଶ୍ରୀଯୁକ୍ତ ସରୋଜ କୁମାର ପ୍ରଧାନ ସୂଚନା ଜନ ସମ୍ପର୍କ ଅଧିକାରୀ ଉଦଳା , ଡକ୍ଟର ପ୍ରଜ୍ଞା ମାଡାମ ଉଦଳା ହସ୍ପିଟାଲ ଏବଂ ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର ପରିଚ୍ଛା ଜଗନ୍ନାଥ କମିଟି ଚେୟାର ମେନ୍ ପ୍ରମୁଖ ଙ୍କ ଉପସ୍ଥିତ ରେ ଦ୍ୱିପ ପ୍ରଜ୍ୱଳନ ପୂର୍ବକ ଶ୍ରୀ ବିଦ୍ୟା ଙ୍କ ସ୍ମୃତି ଚାରଣ କରି ରକ୍ତଦାନ ଶିବିର ର ଉଦଘାଟନ କରିଥିଲେ ।ଏଥିରେ ଜଗନ୍ନାଥ କମିଟିର ସଦସ୍ୟ ଏବଂ ଶ୍ରୀବିଦ୍ୟା ମେମୋରିଆଲ ଟ୍ରଷ୍ଟ ର ସଦସ୍ୟ ଗଣ ଏବଂ ଚେୟାରମେନ ଶ୍ରୀ ଦୁଳମଣି ପୁହାଣ ଏବଂ ଶ୍ରୀବିଦ୍ୟା ଙ୍କ ମାତା ସୁଭଦ୍ରା ରାଉତ ଉକ୍ତ କାମ ରେ ସହ ଯୋଗ ପ୍ରଦାନ କରି ମୋଟ ୫୬ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ । ସମସ୍ତ ଗ୍ରାମ ବାସୀ ଏବଂ ସ୍ୱେଚ୍ଛା ସେବୀ ଙ୍କ ସହଯୋଗରେ ଉକ୍ତ କାର୍ଯ ସଫଳତା ପୂର୍ବକ ସମ୍ପର୍ଣ୍ଣ ହୋଇ ପାରିଛି । ଉଲ୍ଲେଖ ଥାଉ କି ଶ୍ରୀବିଦ୍ୟା ଙ୍କ ଆକସ୍ମିକ ସଡ଼କ ଦୁର୍ଘଟଣା ରେ ଦେହାବସାନ ପରେ ତାଙ୍କ ସ୍ମୃତିରେ ଆଜକୁ ୬ ବର୍ଷ ତଳେ ଶ୍ରୀବିଦ୍ୟା ଙ୍କ ମାତା ଶ୍ରୀମତୀ ସୁଭଦ୍ରା ରାଉତ ଏବଂ ପିତା ଶ୍ରୀ ଦୂଳ ମଣି ପୁହାଣ ଉକ୍ତ ଟ୍ରଷ୍ଟ ମାଧ୍ୟମରେ ଏହି ପରି ଅନେକ ଲୋକ ହିତକର ସେବା ମୂଳକ କାର୍ଯ୍ୟ କରି ଆସୁଛନ୍ତି ।

# ବେତନଟୀ ଥାନାର ନୂତନ ଆଇ ଆଇ ସି କ୍ରିଷ୍ଣା ପିଙ୍ଗୁଆଙ୍କ ଯୋଗଦାନ



ବେତନଟୀ ( ନି ପ୍ର) : ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ ଥାନାରେ ନୂତନ ଆଇ ଆଇ ସି ଭାବେ ଶ୍ରୀଯୁକ୍ତ କ୍ରିଷ୍ଣା ପିଙ୍ଗୁଆ ଯୋଗ ଦେଇଛନ୍ତି । ସେ ପୂର୍ବରୁ ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନାର ଆଇ ଆଇ ସି ଭାବେ କାର୍ଯ୍ୟ ତୁଲାଉଥିଲେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ଜିଲାରୁ ମୟୂରଭଞ୍ଜ ଜିଲ୍ଲାର ପୋଲିସ ମୁଖ୍ୟାଳୟରେ ପହଂଚିବା ପରେ ମୟୂରଭଞ୍ଜ ଏସ ପି ଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ବେତନଟୀ ଥାନା ଆଇ ଆଇ ସି ଭାବରେ ବଦଳି କରାଯାଇଛି । ସେ ଆଜି ମଧ୍ୟାହ୍ନରେ ବେତନଟୀ ଥାନାର ପୂର୍ବତନ ଆଇ ଆଇ ସି ସସ୍ମିତା ମହାନ୍ତ ଓ ସବୁ ଥାନା କର୍ମଚାରୀଙ୍କ ଉପସ୍ଥିତିରେ ବେତନଟୀ ଥାନାରେ ଯୋଗଦାନ କରିଥିଲେ । ସେହିଭଳି ବେତନଟୀ ଥାନା ଆଇ ଆଇ ସି ଭାବେ ଦାୟିତ୍ୱରେ ଥିବା ସସ୍ମିତା ମହାନ୍ତଙ୍କୁ ବେତନଟୀ ଥାନାରୁ ବାରିପଦା ସଦର ଥାନାକୁ ବଦଳି କରାଯାଇଛି । ନୂତନ ଆଇ ଆଇ ସି ଭାବେ ଥାନାରେ ଯୋଗ ଦେବା ପରେ ବେତନଟୀ ବ୍ଲକ ମିଡ଼ିଆ ଏସୋସିଏସନ ପକ୍ଷରୁ ତାଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ଏଥିରେ ସାମ୍ବାଦିକ ରାଜେଶ ଖଣ୍ଡେଲୱାଲ, ଧରଣୀଧର ମହାନ୍ତି, ଭବାନୀ ଶଙ୍କର ପରିଡା, ଉଦିତ କୁମାର ପରିଡା, ହରିଶଚନ୍ଦ୍ର ସାମଲ, ଲାଲମୋହନ ନାଏକ, ପ୍ରକଶ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ଦିନରେ ବେତନଟୀରେ ଆଇନଶୃଙ୍ଖଳା ପରିସ୍ଥିତି ସୁରୁଖୁରୁରେ କିପରି ଚାଲିବ ସେ ନେଇ ସମସ୍ତେ ଆଲୋଚନା କରିଥିଲେ ।

# ସମ୍ଭାବ୍ୟ ଅଂଶୁଘାତ ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଆସନ୍ତା ଗ୍ରୀଷ୍ମ ଋତୁରେ ସମ୍ଭାବ୍ୟ ଅଂଶୁଘାତ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଜିଲ୍ଲା ପରିଷଦ ସଭାଗୃହ ରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ଦିଲୀପ ରାଉତରା ଙ୍କ ଅଧ୍ୟକ୍ଷତାରେ ଅଂଶୁଘାତ ସମୟରେ ଲୋକମାନଙ୍କ ସୁରକ୍ଷା ଓ ସଚେତନତା ସମ୍ପର୍କରେ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେବା ସହ ପାନୀୟ ଜଳ ସହର ଓ ଗ୍ରାମା*ଳରେ ଶିତଳ ପାଣି ଘର ସ୍ଥାପନ, ଚିକିତ୍ସାଳୟଗୁଡ଼ିକରେ ଅଂଶୁଘାତ ଚିକିତ୍ସା ପାଇଁ ୱାର୍ଡ ବ୍ୟବସ୍ଥା ଆବଶ୍ୟକ ଔଷଧ ମହଜୁଦ ରଖୁବା, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ମାଧ୍ୟମରେ ଗ୍ରାମସ୍ତରରେ ସଚେତନତା ସୃଷ୍ଟି କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ରବି ନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଶୁଭେନ୍ଦ୍ର ସାମଲ, ଉପ ଜିଲ୍ଲାପାଳ ଶ୍ରୀ ସୌରଭ ଚକ୍ରବର୍ତୀ,ଡେପୁଟି କଲେକ୍ଟର ଜ୍ଞାନ ରଞ୍ଜନ ସାହୁ ଉପସ୍ଥିତ ରହି ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ଅଂଶୁଘାତ ଜନିତ ପରିସ୍ଥିତିକୁ ସଫଳତାର ସହ ମୁକାବିଲା କରିବାକୁ ପରାମର୍ଶ ଦେଇଥିଲେ ।

# ମହିଳା ଦିବସ ଅବସରରେ ଭବ୍ୟ 'ପଦଯାତ୍ରା'

ବଲାଙ୍ଗିର : (ହି.ସ.)- ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସ୍ଥାନୀୟ ପ୍ରଶାସନ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ମିଳିତ ଆନୁକୂଲ୍ୟରେ ଶକ୍ତିର ଗତୀ ରାଷ୍ଟ୍ରର ପ୍ରଗତୀ ଥିମ୍ ନେଇ ଏକ ବିଶାଳ 'ୱକାଥନ' ବା ଶକ୍ତୀ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମହିଳାମାନଙ୍କ ସଶକ୍ତିକରଣ, ସମାନ ଅଧିକାର ଏବଂ ସମାଜରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଆଜି ସକାଳ ୭ଟା ସମୟରେ ସ୍ଥାନୀୟ ଟାଉନ ବାଳିକା ଉଚ୍ଚବିଦ୍ୟାଳୟ ପରିସରରୁ ଏହି ପଦଯାତ୍ରାର ଶୁଭାରମ୍ଭ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଜିଲ୍ଲାପରିଷଦ ଅଧକ୍ଷା ଦେବକୀ ସାହୁ, ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା ଲିକା ସାହୁ, ସଦର ବ୍ଲକ ଅଧକ୍ଷା ସରିତା ବାଗ, ଅତିରିକ୍ତ ଜିଲ୍ଲାପାଳ ଡଃ. ବିଜୟାନନ୍ଦ ସେଠୀ ଯୋଗଦେଇ ସବୁଜ ପତାକା ଦେଖାଇ ଏହାର ଉଦ୍ଘାଟନ କରିଥିଲେ । ଏହି ୱକାଥନ ସହରର ମୁଖ୍ୟ ରାସ୍ତା ଦେଇ ପରିକ୍ରମା କରିବା ସହ ଜନସାଧାରଣଙ୍କ ମଧ୍ୟରେ ମହିଳା ସୁରକ୍ଷା ଓ ଶିକ୍ଷାର ବାର୍ତା ପ୍ରଚାର କରିଥିଲା । ଏହି ପଦଯାତ୍ରାରେ ମହିଳା, ଛାତ୍ରଛାତ୍ରୀ, କ୍ରୀଡ଼ାବିତ୍, ଆଶାକର୍ମୀ ଓ ସରକାରୀ କର୍ମଚାରୀ ଅଂଶଗ୍ରହଣ କରିଥିଲେ । ପଦଯାତ୍ରା ପରେ ପରେ ମାଇଁ ଯୁବା ଭାରତ ପକ୍ଷରୁ ଆଥେଲେଟିକ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଶେଷରେ ଏକ ସଭାର ଆୟୋଜନ କରାଯାଇଥିଲା । ଏହି ଅବସରରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା କିଛି ପ୍ରତିଭାବାନ ମହିଳା ଓ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରିଶେଷରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଅର୍ପଣ କରାଯିବା ସହ କାର୍ଯ୍ୟକ୍ରମଟି ସଫଳତାର ସହ ସମାପ୍ତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ହରିଓମ ଶମ୍ଭୁ ନାରାୟଣ ଦାସ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରୀନା କୁମାରୀ ବେହେରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝୀ, ପ୍ରଧାନଶିକ୍ଷକ ନରେନ୍ଦ୍ର ମିଶ୍ର, ଖେଳ ଅଧିକାରୀ ପରାଶର ବାଗ ଓ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀ ସାକିଆ ପ୍ରମୁଖ ଯୋଗଦାନ କରିଥିଲେ । ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟତ୍ରୀ ଓ କର୍ମଚାରୀ ଏହି ପଦଯାତ୍ରାରେ ସାମିଲ ଥିଲେ ।

# ବିଶ୍ୱ ମହିଳା ଦିବସ ଉପଲକ୍ଷେ ଶୋଭାଯାତ୍ରା



ନୟାଗଡ଼(ନିପ୍ର): ରଣପୁର ଅଂଚଳ ର ମହିଳା, କୃଷକ ମାନଙ୍କୁ ନେଇ ମହିଳାଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା, ଉକ୍ତ ଶୋଭାଯାତ୍ରା ପଟିଆ ରୁ ବାହାରି କେନ୍ଦୁଆ, ଗୋଦାସାହି, କୁସୁପଲ୍ଲୀ, କଂଟାରି, ପାଇକସାହି, ଜିରୀପଡା, ପରିକ୍ରମା କରି କଦମ୍ବ ଝୋଲା ଠାରେ ପହଂଚିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ବିଜୟ କୁମାର ଯେନାଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିବା ସଭାରେ ନୟାଗଡ଼ ଜିଲ୍ଲା କୃଷକ ସଭାର ସଭାପତି ହରିଶ୍ଚନ୍ଦ୍ର ମିଶ୍ର, ସମ୍ପାଦକ ପବିତ୍ର କୁମାର ଇନ୍ଦ୍ରଜିତ, ରଣପୁର ବ୍ଲକ ସଭାପତି ରଜତ ଜେନା, ସମ୍ପାଦକ ଗଦାଧର ପ୍ରଧାନ ଓ ନୟାଗଡ଼ ବ୍ଲକ କମିଟି ସଦସ୍ୟ ଆଦିତ୍ୟ ବିଶ୍ୱାଳ ପ୍ରମୁଖ । ମହିଳା କୃଷକ ମାନଙ୍କ ମଧ୍ୟରେ ରମା ନାୟକ, ତିଳୋତମା ନାୟକ, କୁମାରୀ ବେଉଆ, ନମିତା ଦେଇ ଓ ମଞ୍ଜୁ ପ୍ରଧାନ ପ୍ରମୁଖ । ୧୯୦୮ ମସିହା ରୁ ବିଶ୍ୱ ମହିଳା ଦିବସ ପାଳନହୋଇ ଆସୁଥିଲେ ମଧ ମହିଳା ମାନେ ଆଜିବି ଅବହେଳିତ, ସମାନ କାମକୁ ସମାନ ମଜୁରୀ, ଦୈନିକ ଆଠ ଘଂଟା କାର୍ଯ୍ୟ ଆଜିବି ଏ ସରକାର ପାଖରେ ସମ୍ଭବ ହୋଇ ପାରିଲା ନାହିଁ, ରଣପୁର ଅଂଚଳର କାଜୁ ଚାଷ ସହିତ ଯେଉଁ ମହିଳା ମାନେ ଅଛନ୍ତି ସେମାନଙ୍କ ଠାରୁ କାଜୁ ବଗିଚା ମାଫିଆ ମାନଙ୍କ ହାତକୁ ଟେକି ଦେବାକୁ ଚକ୍ରାନ୍ତ ଚାଲିଛି । ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ସରକାର ନ ଯୋଗାଇ କୁକୁଡ଼ା କୁ ଦାନା ଦେଲାଭଳି ସୁଭଦ୍ରା ଯୋଜନା ଭେଳିକି ଦେଖାଉଛି, ନାରୀ ଶକ୍ତି ଦେଶର ଶକ୍ତି ଏ କଥାକୁ ଯଦି ସରକାର ବୁଝି ପାରିବେନି ତେବେ ଆଗାମୀ ଦିନରେ ଏ ଅଂଚଳର ମହିଳା ମାନେ ସଙ୍ଘବଧ ହୋଇ ସରକାର ବିରୋଧରେ ରାଜରାସ୍ତାକୁ ଓଲ୍ହାଇ ବାକୁ ଚେତାବନୀ ଦେଇଥିଲେ ।

# "ଲିଗାଲ ଲେନ୍ସ ଫାଉଣ୍ଡେସନ" ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ



କଟକ(ନିପ୍ର): ଲିଗାଲ ଲେନ୍ସ ଫାଉଣ୍ଡେସନ' ପକ୍ଷରୁ ପ୍ରତିଷ୍ଠାତା ଆଡଭୋକେଟ୍ ଶର୍ମିଷ୍ଠା ପ୍ରିୟଦର୍ଶିନୀଙ୍କ ଅଧ୍ୟକ୍ଷତାରେ 'କଟକ କ୍ଲବ' ପରିସରରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସମାଜରେ ଆଜିର ନାରୀର ସ୍ଥାନ ଏବଂ ମହିଳା ସୁରକ୍ଷା ଓ ସଶକ୍ତିକରଣ ସମ୍ପର୍କିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବରେ ଡ଼ ଐଶ୍ୱର୍ଯ୍ୟା ବିଶ୍ୱାଳ, ସ୍ୱତନ୍ତ୍ର ଅତିଥି ଭାବରେ ଡା. ଲୋପାମୁଦ୍ରା ମିଶ୍ର, ସମ୍ମାନୀୟ ଅତିଥି ଭାବରେ ବରିଷ୍ଠ ଆଇନଜୀବୀ ସୁଜାତା ଜେନା ଓ ସମାଜସେବୀ ବିଜୟଲକ୍ଷ୍ମୀ ସାହୁ ଯୋଗଦେଇ ମହିଳା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ । ବୈଦିକ ଯୁଗରୁ ଆରମ୍ଭ କରି ଐତିହାସିକ ଯୁଗ ପର୍ଯ୍ୟନ୍ତ ନାରୀର ଆସନ ସମାଜରେ ଉଚ୍ଚ ଥିଲା । ସମାଜରେ ନାରୀ ଓ ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ । ନାରୀକୁ ଅବଳା ଓ ଦୁର୍ବଳା କହି ତାକୁ ଅବହେଳା କଲେ ସମାଜର ପ୍ରଗତି ବାଧାପ୍ରାପ୍ତ ହେବ ବୋଲି ବକ୍ତାମାନେ କହିଥିଲେ । ନାରୀ ହେଉଛି ଶକ୍ତି, ଦୟା । କ୍ଷମା, ସହନଶୀଳତା ଓ ସେବା ଆଦି ମହତ ଗୁଣର ଆଧିକାରିଣୀ । ନାରୀ ଜନନୀ, ଭଗିନୀ, ଜାୟା ଭାବରେ ପୁରୁଷର ସହଗାମିନୀ । ନାରୀମାନଙ୍କର ସର୍ବବିଧ ଉନ୍ନତି ଓ ସୁରକ୍ଷା ପାଇଁ ୧୯୭୫ ମସିହା ମାର୍ଚ୍ଚ ୮ ତାରିଖ ଦିନ ଆନ୍ତର୍ଜାତୀୟ ମହିଳା ଦିବସର ଶୁଭାରମ୍ଭ ହୋଇଥିଲା ।ବାଲ୍ୟ ବିବାହ, ସତୀଦାହ ପ୍ରଥା, ବହୁନାରୀ ବିବାହ, ପରଦା ପ୍ରଥା, ତିନି ତଲାକ ପ୍ରଥା ଭଳି ବହୁ କୁସଂସ୍କାର ଆଜିର ଦିନରେ ନାହିଁ । ତଥାପି ନାରୀ ଶିକ୍ଷା, ସ୍ୱାଧୀନତା, ସୁରକ୍ଷା ସଶକ୍ତିକରଣ ହେବାର ଆହୁରୀ ଆବଶ୍ୟକତା ରହିଛିବୋଲି ମତପ୍ରକାଶ ପାଇଥିଲା । ଏହି କାର୍ଯ୍ୟକ୍ରମରେ ସମାଜରେ ବିଭିନ୍ନ ବର୍ଗରେ କାର୍ଯ୍ୟକରୁଥିବା କିଛି ସଫଳ ନାରୀ ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବନବିଭାଗ ପକ୍ଷରୁ ଗଣଦୌଡ଼

ନୀଳଗିରି(ନିପ୍ର): ନିଆଁଦାଉରୁ ଜଙ୍ଗଲକୁ ସୁରକ୍ଷାଦେବା ପାଇଁ ଏକ ସଚେତନତା ଗଣଦୌଡ଼ କାର୍ଯକ୍ରମ ନୀଳଗିରି କୁଳଡ଼ିହା ବନବିଭାଗ ପକ୍ଷରୁ ହୋଇ ଯାଇଛି । ଏହି ଗଣଦୌଡ଼ କଳାକାଦ ଛକଠାରୁ ଆରମ୍ଭହୋଇ କୁଳଡ଼ିହା ବାଲିଆ ନାଳ ଗେଟ୍ ରେ ଶେଷ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ଫିତାକାଟି ଶୁଭାରମ୍ଭ କରିବାସହିତ ଏହି ଗଣଦୌଡ଼ରେ ସାମିଲ ହୋଇଥିଲେ । ଦୀର୍ଘ ୧୦ କିଲୋମିଟର ବ୍ୟାପି ଏହି ଗଣଦୌଡ଼ରେ ଶହେ ପାଖାପାଖି ଜନସାଧାରଣ ଓ କଲେଜ ଛାତ୍ର ଭାଗ ନେଇଥିଲେ । ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷାକରିବା ପାଇଁ ସଚେତନତା ବାର୍ତା ଦେଇଥିଲେ । ପରେ ସମସ୍ତ ଜନସାଧାରଣ ବାଲିଆନାଳ ଗେଟ୍ ଠାରେ ପହଂଚିବା ପରେ ଏକସଭାର ଆୟୋଜନ କରାଯାଇ ଥିଲା । ଏଥିରେ ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ବରହମପୁର ଆଇଆଇସି ପ୍ରେମଦା ନାୟକ, କୁଳଡ଼ିହା ରେଞ୍ଜର ସୁବ୍ରତ ବେହେରା, ପରିବେଶବିତ୍ ପ୍ରକାଶ ମର୍ଦ୍ଦରାଜ ଉପସ୍ଥିତରହି ଆଗାମୀ ଗ୍ରୀଷ୍ମଋତୁକୁ ଅଖିଆଗରେ ରଖି ନିଆଁଦାଉରୁ ଜଙ୍ଗଲକୁ ସୁରକ୍ଷାପ୍ରଦାନ କଲେ ଜୀବଜନ୍ତୁ ସୁରକ୍ଷା ସହ ପରିବେଶ ପ୍ରଦୂଷଣରୁ ମୁକ୍ତହୋଇ ଏକ ସୁସ୍ଥସମାଜ ଗଠନ ହୋଇପାରିବ ବୋଲି ଅଭିଭାଷଣ ରଖିଥିଲେ । ଗଣଦୌଡ଼ରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଯୁବକଙ୍କୁ ୫ହଜାର ଟଙ୍କା, ୩ହଜାର ଟଙ୍କା ଓ ୨ହଜାର ଟଙ୍କା ସହିତ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ଥିଲା । ଏହି ଦୌଡ଼ରେ ସଦର ବ୍ଲକ୍ ପୁରୁଷୋତମପୁର ଅଂଚଳର ସିଦ୍ଧାର୍ଥ ଗୌତମ ଜେନା ପ୍ରଥମ, ସୂର୍ଯ୍ୟକାନ୍ତ ପ୍ରଧାନ ଦ୍ୱିତୀୟ ଏବଂ ନୀଳଗିରି ଛୋଟକାନପୁର ଅଂଚଳର ସତ୍ୟପ୍ରକାଶ ସେଠୀ ତୃତୀୟସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ତେବେ ଏହି ଗଣଦୌଡ଼ କାର୍ଯ୍ୟକ୍ରମରେ କୁଳଡ଼ିହା ବନବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତଥିଲେ ।

# ଯୁଗ୍ମ ଜନଶୁଣାଣୀରେ ୧୬୫ ଅଭିଯୋଗ: ଜିଲାପାଳ, ଏସ୍‌ପିଙ୍କ ଅନୁପସ୍ଥିତ ଯୋଗୁଁ ଫେରିଗଲେ ବହୁଲୋକ

ଜଳେଶ୍ୱର(ନିପ୍ର): ପୂର୍ବ ସୂଚନା ଅନୁଯାୟୀ ଆଜି ବାଲେଶ୍ୱର ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଜଳେଶ୍ୱର ବ୍ଲକରେ ଜନଶୁଣାଣୀ ଥିଲା । କିନ୍ତୁ ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଅନୁପସ୍ଥିତି ଯୋଗୁଁ କେତେକ ଅଭିଯୋଗକାରୀ ଫେରିଯାଇଥିବା ଜଣାଯାଇଛି । ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜନଶୁଣାଣୀରେ ଏଡିଏମ୍ ହେମନ୍ତ ସିଂ, ଅତିରିକ୍ତ ଆରକ୍ଷି ଅଧିକ୍ଷକ ନିରଞ୍ଜନ ବେହେରା, ପିଡି ସଂଜୟ କୁମାର ରାଉତ, ସିଡିଏମ୍ ?ଓ ପ୍ରଭାତ କୁମାର ବେହେରା ପ୍ରମୁଖ ଯୋଗଦେଇ ବିଭିନ୍ନ ଅଭିଯୋଗମାନ ଶୁଣାଣୀ କରିଥିଲେ । ୧୬୫ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ସମୟ ଅତିକ୍ରାନ୍ତ ହେବାରୁ ଶୁଣାଣୀକୁ ବନ୍ଦ



କରିଦିଆଯାଇଥିଲା । ଫଳରେ କେତେକ ଅଭିଯୋଗକାରୀ ନିରାଶ ହୋଇ ଫେରିଯାଇଥିବା ଜଣାଯାଇଛି । ବିଶେଷଭାବେ ସୁବର୍ଣ୍ଣରେଖା ନଦିରୁ ଚୋରା ବାଲି ଚାଲାଣ, ସରକାରୀ ମଣ୍ଡିରେ ଚାଷୀମାନଙ୍କ ଧାନ ବିକ୍ରି ନ ହେବା, ବିଦ୍ୟାଳୟର ଶିଶୁ ବାଟିକାରେ ଶିକ୍ଷକ ନିଯୁକ୍ତିରେ ଦୁର୍ନିତୀ, ପାନୀୟ ଜଳ ସମସ୍ୟା, ଭତା ସମସ୍ୟା, ୫ଟି ଦୁର୍ନୀତି, ରାସ୍ତା ସଂପର୍କରେ ଲୋକମାନଙ୍କ ପକ୍ଷରୁ ଅଭିଯୋଗ ଗ୍ରହଣ କରାଯାଇଥିଲା । କେତେକ ଅଭିଯୋଗର ତୁରନ୍ତ ଶୁଣାଣୀ କରାଯାଇଥିବା ବେଳେ ଅନ୍ୟ କେତେକ ଅଭିଯୋଗ ବିଭାଗୀୟ ଅଧିକାରୀମାନଙ୍କୁ ଅବଗତ କରାଯାଇଥିବା ଜଣାଯାଇଛି । ଏହି ଜନଶୁଣାଣୀରେ ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ ବେହେରା, ତହସିଲଦାର ସତ୍ୟଜିତ୍ ମହାନ୍ତି, ବିଡିଓ ଗୌରାଙ୍ଗ ଘୋଷ, ବିଇଓ ଜଗବଂଧୁ ଜେନା, ପୌର ନିର୍ବାହୀ ଅଧିକାରୀ ହେମନ୍ତ ସିଂ, ଆଇଆଇସି ଅଶୋକ ବାରିକ, ଉଠାଜଳସେଚନ ନିର୍ବାହୀ ଯନ୍ତ୍ରୀ ସୁରେଶ ଚନ୍ଦ୍ର ଦେଙ୍କ ସହିତ ବହୁ ଅଧିକାରୀମାନେ ଉପସ୍ଥିତ ଥିଲେ । ନିର୍ଦ୍ଦିଷ୍ଟ କେତେକ ସମସ୍ୟା ସଂପର୍କରେ ମିଳିତ ଜନଶୁଣାଣୀରେ ଅଭିଯୋଗ କରାଯାଉଥିଲେ ମଧ ଏହାର ସମାଧାନ ହେଉନଥିବାରୁ ଏବଂ ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଅନୁପସ୍ଥିତି ଯୋଗୁଁ କେତେକ ଅଭିଯୋଗକାରୀ ଫେରିଯାଇଥିବା ଜଣାଯାଇଛି ।

# ଗୋଷ୍ଠୀ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଅବ୍ୟବସ୍ଥା

ଧାମନଗର(ନିପ୍ର): ଧାମନଗର ବ୍ଲକ ର ପ୍ରାଣୀ ସମ୍ପଦର ସୁରକ୍ଷା ଓ ଚିକିତ୍ସା ପାଇଁ ଉଦ୍ଦିଷ୍ଟ ଗୋଷ୍ଠୀ ପ୍ରାଣୀ ଚିକିତ୍ସା କେନ୍ଦ୍ର ଏବେ ନିଜେ ଅସୁସ୍ଥ ହୋଇପଡ଼ିଛି । କର୍ମଚାରୀ ଅଭାବ ସାଙ୍ଗକୁ ଭିତିଭୂମିର ବିପର୍ଯ୍ୟସ୍ତ ଅବସ୍ଥା ଯୋଗୁଁ ସାଧାରଣ ପଶୁ ପାଳକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅଫିସ ଅଛି କିନ୍ତୁ ଯିବାକୁ ରାସ୍ତା ନାହିଁ କି ସେବା ଯୋଗାଇବାକୁ ଆବଶ୍ୟକୀୟ କର୍ମଚାରୀ ନାହାନ୍ତି । ସୂଚନା ଅନୁଯାୟୀ, ଧାମନଗର ଗୋଷ୍ଠୀ ପ୍ରାଣୀ ଚିକିତ୍ସା କେନ୍ଦ୍ର ଅଧୀନରେ ମୋଟ ୯ ଟି ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ର ରହିଛି । ମାତ୍ର ଦୁର୍ଭାଗ୍ୟର ବିଷୟ, କର୍ମଚାରୀ ଅଭାବ ଯୋଗୁଁ ଚିକିତ୍ସା ସେବା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି । କେନ୍ଦ୍ରରେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଅଧିକାରୀ ଓ ପି.ଏ.ଏନ୍ ପଦବୀ ଖାଲି ପଡ଼ିଥିବାରୁ ଜରୁରୀ କାଳୀନ ସେବା ମିଳି ପାରୁନାହିଁ । ନଦୀଗାଁ ଓ ପାହାଡ଼ପୁର ପରି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଥିବା ଏଲ.ଏ.ସି ଗୁଡ଼ିକରେ ଦୀର୍ଘ ଦିନ ହେବ ଚିକିତ୍ସକ ନାହାନ୍ତି । ସୋହଡ଼ା ଠାରେ ନୂତନ ଏଲ.ଏ.ସି ଗୃହ ନିର୍ମାଣ ଶେଷ ହୋଇଥିବା ବେଳେ ଚୁଡ଼ାକୁଟିରେ ଏହା ଏବେ ମଧ ନିର୍ମାଣାଧୀନ ଅବସ୍ଥାରେ ରହିଛି । କେବଳ କର୍ମଚାରୀ ନୁହେଁ, କେନ୍ଦ୍ରର ପରିବେଶ ମଧ ଅତ୍ୟନ୍ତ ଶୋଚନୀୟ । ମୁଖ୍ୟ ଅଫିସକୁ ଯିବା ପାଇଁ ଏକ ରାସ୍ତାଟିଏ ନାହିଁ । ଫଳରେ ଗୃହପାଳିତ ପଶୁଙ୍କୁ ନେଇ ଚିକିତ୍ସାଳୟକୁ ଆସିବା ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି । ପ୍ରାଣୀ ଚିକିତ୍ସା ସେବା ଠିକ୍ ଭାବରେ ମିଳୁନଥିବାରୁ ସ୍ଥାନୀୟ ଚାଷୀ ଓ ପଶୁପାଳକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସୂଚନା ଥାଉକି କେତେକ ସହାୟକ ପ୍ରାଣୀ ଚିକିତ୍ସା କେନ୍ଦ୍ର ରେ କର୍ମଚାରି ନଥିବାରୁ ଘର ଗୁଡିକ ଜରାଜୀର୍ଣ୍ଣ ହୋଇ ପଡିଥିବା ବେଳେ ତାହା ଜବର ଦଖଲ ବି ହେଉ ଗଲାଣି । ସରକାର ପ୍ରାଣୀ ସମ୍ପଦର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ, ଧାମନଗରରେ କେବଳ କର୍ମଚାରୀ ଅଭାବରୁ ଏହି ଯୋଜନା ବାଟବଣା ହେଉଥିବା ଅଭିଯୋଗ ହେଉଛି । ଏ ନେଇ ସେବା ବି ଠିକ୍ ସେ ମିଳି ପାରୁନି । ତୁରନ୍ତ ଖାଲି ପଡ଼ିଥିବା ପଦବୀ ପୂରଣ କରିବା ସହ ଅଫିସକୁ ରାସ୍ତା ନିର୍ମାଣ ଓ ଚିକିତ୍ସା ସେବାକୁ ସୁଧାରିବା ପାଇଁ ଅଂଚଳବାସୀ ଦାବି କରିଛନ୍ତି ।

# ସୁଭଦ୍ରା ଶକ୍ତି ଚତୁର୍ଥ କିସ୍ତି ପ୍ରଦାନ ଉତ୍ସବ ସହ ଆନ୍ତର୍ଜାତିକ ମହିଳା ଦିବସ ପାଳିତ



ନୂଆପଡ଼ା(ନିପ୍ର): ନୂଆପଡ଼ା ରେ ମହିଳାଙ୍କ ସମାଜରେ ସମଭାବ ଏବଂ ସମାନତା ଅଧିକାର ବଳରେ ସମାଜ ର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିଛନ୍ତି । ପୋଲିସ ପଡିଆ ଠାରେ ଜିଲ୍ଲା ପ୍ରଶାସନ ପକ୍ଷ ରୁ ସୁଭଦ୍ରା ଶକ୍ତି ଚତୁର୍ଥ କିସ୍ତି ପ୍ରଦାନ ଉତ୍ସବ ସହ ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ଜିଲ୍ଲାରେ ମହିଳା ମାନେ ନିଜ ଜୀବନକୁ ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ହରିପ୍ରୀୟା ପୋଡ କୁ ସମ୍ମାନିତ କରିଛନ୍ତି । ଆଜି ସୁଭଦ୍ରା ଶକ୍ତି ଚତୁର୍ଥ କିସ୍ତି ପ୍ରଦାନ ଦିବସରେ ଜିଲ୍ଲାପାଳ ମଧୁସୂଦନ ଦାସ ଯୋଗ ଦେଇ ସୃଷ୍ଟି ର ଦୁଇ ପାର୍ଶ୍ୱ ମହିଳା ଓ ପୁରୁଷ । ତେଣୁ ଉଭୟଙ୍କୁ ଏକ ଭାବ, ଏକ ଧାରା ଏବଂ ସମାନତା ପ୍ରଦାନ କରିଅଛି । ମହିଳା ମାନେ ପ୍ରତ୍ୟେକ କ୍ଷେତ୍ର ରେ ନିଜ ଉପସ୍ଥିତି ଜାହିର କରିପାରିଛନ୍ତି । କହିଥିଲେ । ସଭାରେ ଉପଜିଲ୍ଲାପାଳ ସର୍ମି ସୋରେନ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ନୂଆପଡ଼ା ବ୍ଲକ ଅଧକ୍ଷ ତାରେଶ୍ୱରୀ ସାହୁ, କୋମନା ବ୍ଲକ ଅଧକ୍ଷା ଅନୁଷୟା କୁମ୍ଭାର, ସୁମନ ଢୋଲକିଆ ପ୍ରମୁଖ ଯୋଗ ଦେଇଥିବା ବେଳେ ଜିଲ୍ଲା ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ମୁଖ୍ୟ ଚିକିତ୍ସା ଅଧିକାରୀ ଧନେଶ୍ୱର ସେଠୀ ପ୍ରମୁଖ ଯୋଗ ଦେଇଥିଲେ ।

# ଦିଶମ ଜାହେରରେ ସାଗୁନ 'ବାହାବଂଗା' (ପୂଜା)ପର୍ବ ପାଳିତ

ଖୁଂଟା(ନିପ୍ର): ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ଦିଶମ ଜାହେର ଡୁକୁରାରେ 'ବାହାବଙ୍ଗା' ପର୍ବର କର୍ମକର୍ତା ମାନଙ୍କ ଦ୍ୱାରା ଆୟୋଜିତ ହୋଇଛି । ଏହି ପର୍ବ ଆୟୋଜନ କରିବାରେ ମୁଖ୍ୟ କର୍ତାମାନେ ହେଲେ ପୁର୍ଣ୍ଣ ଚନ୍ଦ୍ର ହାଁସଦା, ଶ୍ୟାମ ସୁନ୍ଦର ହାଁସଦା, ସୂର୍ଯ୍ୟାନନ୍ଦ ମାଝୀ, ରଘୁନାଥ ମୁର୍ମୁ,ଶ୍ରୀଯୁକ୍ତ ସନାତନ ମୁର୍ମୁ ଏବଂ ଅନ୍ୟ ସକ୍ରିୟ କର୍ମକର୍ତା ମାନେ । ଏହି ପର୍ବକୁ ସାନ୍ତାଳି ସମାଜର ବର୍ଷର ପ୍ରାରମ୍ଭିକ ପର୍ବ ହିସାବ ରେ ମନା ଯାଇଥାଏ । ଯେତେବେଳେ ଫଗୁଣ ମାସରେ ପ୍ରକୃତି ନୂଆ ଫୁଲ, ନୂଆ ପତ୍ର ଦ୍ୱାରା ସୁସଜ୍ଜିତ ହୁଏ, ସେତେବେଳେ ପୂର୍ଣ୍ଣିମାର ପଂଚମ ତିଥିରେ ଏହି ଉତ୍ସବ ଆୟୋଜନ କରାଯାଇଥାଏ । ଏଥିରେ ମୁଖ୍ୟତଃ ଶାଳ ଫୁଲ କଡ଼ି, ମହୁଲ ଫୁଲ କଡ଼ି, ଫୁଲ କଡି ଗୁଚ୍ଛ ଏବଂ ପଳାଶ ଫୁଲ କଡି ଇତ୍ୟାଦି ଠାକୁର ଅର୍ପଣ କରାଯାଇଥାଏ । ଯେହେତୁ ଆଦି କାଳରେ ଅଧିବାସୀ ମାନେ ଫୁଲ ଫଳ ଏବଂ ମୂଳ ସଂଗ୍ରହ କରି ଜୀବିକା ନିର୍ବାହ କରୁଥିଲେ ତେଣୁ ସମାନେ ତାହାକୁ ସେବନ କରିବା ପୁର୍ବରୁ, ତାଙ୍କର ଆରାଧ ଦେବତା ଜାହେର ଆୟ, ମାରାଙ୍ଗବୁରୁ ଏବଂ ମଣେ କ ତୁରୁୟ କ ଇତ୍ୟାଦି ପାର୍ଶ୍ୱ ଦେବତାଙ୍କୁ ଅର୍ପଣ କରି ଆସୁଥିଲେ । ଏହି ପର୍ବର ତୃତୀୟ ଦିନରେ ପାରମ୍ପାରିକ ଆଖାନ ସେନ୍ଦ୍ରା ପର୍ବ ପ୍ରାରମ୍ଭ କରାଯାଇଥାଏ । ତେଣୁ ଏହି ପର୍ବ ସାନ୍ତାଳ ଜାତିର ଏକ ମୁଖ୍ୟ ଏବଂ ଜୀବିକା ନିର୍ବାହ ପାଇଁ ଅତ୍ୟାବଶ୍ୟକୀୟ ପର୍ବ ଅଟେ । ସରଳ ଭାବରେ ବୁଝାଇବାକୁ ଗଲେ, ପୃଥିବୀର ଜୀବ ଜନ୍ତୁଙ୍କର ବଂଚି ରହିବାର ମୂଖ୍ୟ ଉତ୍ସ ହେଉଛି ପୁଷ୍ପ । ଫୁଲ ନାହିତ ଫଳ ନାହିଁ ଏବଂ ଫଳ ନାହିଁ ତ ଜୀବ ଜନ୍ତୁ ଅନା ହାର ରେ ମୃତ୍ୟୁ ବରଣ କରିବା ସୁନିଶ୍ଚିତ । ଏହା ମଧ କହିବା ଯଥାର୍ଥ ଯେ, ସମାଜର ପ୍ରତ୍ୟେକ ନାରୀ ଏହି ଫୁଲର ସଙ୍ଗିନୀ ପରି । ଯେହେତୁ ଆମେ ମଧ ମନୁଷ୍ୟରୁପି ମାଆଙ୍କର କ୍ଷୀର ବୃକ୍ଷ ର ଗୋଟାଏ ଗୋଟାଏ ପୁଷ୍ପ ଏବଂ ଫଳ ତୁଲ୍ୟ । ତେଣୁ ଏହି ଶୁଭ ଦିନରେ ସମାଜର ସମସ୍ତ ନାରୀ ମାନେ ଫୁଲ ପରିକା ସୁସଜ୍ଜିତ ହୋଇ ନୃତ୍ୟ ଏବଂ ସଂଗୀତ ପରିବେଷଣ ଦ୍ୱାରା ଏହି 'ବାହାବଙ୍ଗା' ପର୍ବର ମାନ ବଢାଇ ଥାନ୍ତି । ପୁରୁଷ ମାନେ ମଧ ପାରମ୍ପାରିକ ବସ୍ତ୍ର ପରିଧାନ କରି ଏହି ଜାହେର ଆୟଙ୍କ ଆଶୀର୍ବାଦରେ ନାଚ ଗୀତ ପ୍ରାରମ୍ଭ କରିଥାନ୍ତି । ଏହି ପର୍ବରେ ସାମିଲ ହେବା ପୁର୍ବରୁ ଶାଳ ଫୁଲ ଏବଂ ମହୁଲ ଫୁଲ ନାଏକେ ବାବା ପୂଜାରୀଙ୍କ ଠାରୁ ଆଶୀର୍ବାଦ ଗ୍ରହଣ କରି ନାଚ ଗୀତରେ ଅଂଶ ଗ୍ରହଣ କରିଥାନ୍ତି । ଏହି ଉତ୍ସବ ପାଳନ ଅବସରରେ ସମ୍ମାନିତ ଅତିଥି ଭାବେ ଖୁଂଟା ବ୍ଲକ ଅଧକ୍ଷ ସୁଧନ୍ୟା ନାଏକଙ୍କ ସମେତ ବହୁ ନେତୃସ୍ଥାନୀୟ ଏବଂ ମାନ୍ୟ ଗଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ । ଚଳିତ ବର୍ଷ 'ବାହା ବଙ୍ଗା' ଉତ୍ସବରେ ଓଡିଶା ସମେତ ଝାରଖଣ୍ଡ, ବେଙ୍ଗଲ, ବିହାର ଓ ଛତିଶଗଡ ଆଦି ରାଜ୍ୟରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତମାନେ ଆସି ଠାକୁରଙ୍କ ନିକଟରେ ଆଶୀର୍ବାଦ ଲାଭ କରିଥିଲେ । ଖୁଂଟା ପୋଲିସ ପ୍ରଶାସନ ତରଫରୁ ଟ୍ରାଫିକ ନିୟନ୍ତ୍ରଣ ସହ ଶାନ୍ତି ଶୃଂଖଳା ରକ୍ଷା କରାଯାଇଥିଲା ।

**ଶ୍ରୀ ଗୌର ରାଧା କୃଷ୍ଣ ଶିକ୍ଷା କେନ୍ଦ୍ର, ପାଣିସାଓଁଳି**

ଗ୍ରାମ – ପାଣିସାଓଁଳ, ଖଇରା, ବାଲେଶ୍ୱର

ଓଡିଶା ସରକାର ଙ୍କ ଶିକ୍ଷା ବିଭାଗ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଓ ଭାରତୀୟ ଶିକ୍ଷା ପରିଷଦ, ଭୁବନେଶ୍ୱର ସହ ଅନୁବନ୍ଧିତ ।

**U DISE Code-21080616903**

ଶିଶୁ କଳିକା ରୁ ଅଷ୍ଟମ ଶ୍ରେଣୀ

(ଶିକ୍ଷା ବର୍ଷ 2026-27)

**Recognition Code No- SGRSSKPKB/022/2022**

N-101: ଏତଦ୍ୱାରା ଓଡିଶା ର ସର୍ବ ସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଛି ଯେ ଚଳିତ ବର୍ଷ (2026-27 ଶିକ୍ଷା ଅଧିକାର ୧୨-(୧- (c )୨୦୦୯) ଆଇନ ଅନୁଯାୟୀ ପ୍ରଥମ ପର୍ଯ୍ୟାୟ ଚୟନ ନିମନ୍ତେ ଓଡ଼ିଆ / ଇଂରାଜୀ ମାଧ୍ୟମ ବେସରକାରୀ ବିଦ୍ୟାଳୟ ଗୁଡିକ ରେ ନାମ ଲେଖା ପାଇଁ www.rteparadarshi.odisha.gov.in ପୋର୍ଟାଲ ରେ

ଆବେଦନ ଗ୍ରହଣ କରା ଯାଉଛି। ସାମାଜିକ ଓ ଆର୍ଥିକ ଅନଗ୍ରସର,ଭିନ୍ନକ୍ଷମ,HIV ଆକ୍ରାନ୍ତ ପିତାମାତାଙ୍କ ଶିଶୁ,ଶିଶୁ ଶ୍ରମିକ, ପଥପ୍ରାନ୍ତ ଶିଶୁ ତଥା ନିର୍ମାଣ ଶ୍ରମିକ ଙ୍କ ଶିଶୁ ମାନଙ୍କର ବେସରକାରୀ ବିଦ୍ୟାଳୟ ଗୁଡିକ ରେ ନିଶୁଳ୍କ ନାମଲେଖା ପାଇଁ ଆବଶ୍ୟକୀୟ ଦସ୍ତାବିଜ ସହିତ ଆବେଦନ କରିବା ପାଇଁ www.rteparadarshi.odisha.gov.in ପୋର୍ଟାଲ ରେ log in କରନ୍ତୁ। ଆବେଦନ ପଞ୍ଜିକରଣ ସମୟ ସୀମା **10. 02. 2026 ରୁ 10.03.2026** ଏବଂ ଆବେଦନ ପତ୍ର ଯାଞ୍ଚ କରିବା ଶେଷ ତାରିଖ **17.03.26 ରୁ 31.03.2026** । ଦ୍ୱିତୀୟ ପର୍ଯ୍ୟାୟ ପଞ୍ଜିକରଣ ନିମନ୍ତେ ସମୟ ସୀମା **04.04.2026 ରୁ 24.04.2026** ଏବଂ ଆବେଦନ ପତ୍ର ଯାଞ୍ଚ କରିବା ଶେଷ ତାରିଖ 28.04.2026 ରଖାଯାଇଛି। ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆରମ୍ଭ **29.04.2026 ରୁ 18.05.2026** । ତୃତୀୟ ପର୍ଯ୍ୟାୟ ପଞ୍ଜିକରଣ ଆବେଦନ **22.05.2026 ରୁ 15.06.2026** । ଶେଷ ତାରିଖ **18.06.2026** । ନାମଲେଖା ଆରମ୍ଭ **19.06.2026** ରୁ । ଆବେଦନ କରିସାରିବା ପରେ ଯଥା ଶୀଘ୍ର ଆବେଦନ ପତ୍ର ଓ ପରିଚୟ ପତ୍ର ବ୍ଲକ ଶିକ୍ଷା କାର୍ଯ୍ୟାଳୟ ରେ ଦାଖଲ କରନ୍ତୁ।

ଗୀତାଞ୍ଜଳି ରାଉତ
ପ୍ରଧାନ ଆଚାର୍ଯ୍ୟ
Mob- 7381696635/904073370



# ଡିଏଭି ପବ୍ଲିକ ସ୍କୁଲ ଝାରସୁଗୁଡ଼ାରେ ଅନ୍ତଃରାଷ୍ଟ୍ରୀୟ ମହିଳା ଦିବସ ପାଳିତ



ଝାରସୁଗୁଡ଼ା(ନି.ପ୍ର.) ଝାରସୁଗୁଡ଼ା ସ୍ଥିତ ଡିଏଭି ପବ୍ଲିକ ସ୍କୁଲ ପରିସରରେ ଡିଏଭି ପରିବାର ତରଫରୁ ପ୍ରୟାସରେ ଅନ୍ତଃରାଷ୍ଟ୍ରୀୟ ମହିଳା ଦିବସ ହର୍ଷୋଲ୍ଲାସର ସହିତ ପାଳିତ ହୋଇଯାଇଛି । ନାରୀ ଶକ୍ତିର ସମ୍ମାନ, ସମତା ଓ ସଶକ୍ତିକରଣର ସନ୍ଦେଶକୁ ଦୃଷ୍ଟିରେ ରଖି ମହିଳା ଦିବସ ପାଳନ କରାଯାଇଥିଲା । କାର୍ଯ୍ୟକ୍ରମରେ ବ୍ଲୁ ବେଲ ଇଂଲିଶ ମିଡ଼ିଅମ ସ୍କୁଲ ଅଧ୍ୟକ୍ଷା ସଂଚିତା ମୁଖାର୍ଜୀ ଓ ଡିଏଭି ବିଦ୍ୟାଳୟ ଅଧ୍ୟକ୍ଷଙ୍କ ସହଧର୍ମିଣୀ ସୀମା ଦେବତା ବିଶେଷ ଅତିଥି ଭାବେ ଯୋଗ ଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱରେ ଏକ ଆନୁଷ୍ଠାନିକ ସଭା ଅନୁଷ୍ଠିତ ହୋଇଥିଲା । ଅଧ୍ୟକ୍ଷ ଶ୍ରୀ ଦେବତା ସମସ୍ତଙ୍କୁ ସ୍ୱାଗତ ଜଣାଇ ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ସମାଜ ଗଠନରେ ନାରୀମାନଙ୍କ ଅପରିହାର୍ଯ୍ୟ ଭୂମିକା, ଅନୁଷ୍ଠାନରେ ସାମ୍ୟ ବିଚାର, ସମାନ ସୁବିଧା, ନାରୀ ଶକ୍ତିର ଉତଥାନ ଆଦି ସମ୍ପର୍କରେ ଭାବ ବ୍ୟକ୍ତ କରିଥିଲେ ଏବଂ ନାରୀ ସମ୍ମାନ, ସମତା ତଥା ସୁରକ୍ଷା ପ୍ରତି ସମସ୍ତଙ୍କୁ ସଚେତନ ହେବାକୁ ଆହ୍ୱାନ କରିବା ସହ ଶିକ୍ଷକମାନଙ୍କ ଦ୍ୱାରା ଶପଥ ପାଠ କରାଇଥିଲେ । ଏହି ଅବସରରେ ବିଭିନ୍ନ ରୋଚକ ଓ ମନୋହର ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା । ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସଙ୍ଗୀତ, ନୃତ୍ୟ ଓ ଅନ୍ୟାନ୍ୟ ସାହିତ୍ୟିକ ପ୍ରସ୍ତୁତି ମାଧ୍ୟମରେ ନାରୀଶକ୍ତିର ମହତ୍ତ୍ୱକୁ ସୁନ୍ଦର ଭାବେ ପ୍ରକାଶ କରିଥିଲେ । ମହିଳା ଦିବସର ମୂଲ୍ୟବୋଧକୁ ସମ୍ମାନ ଜଣାଇ ସମଗ୍ର କାର୍ଯ୍ୟକ୍ରମଟି ଏକ ଆନନ୍ଦମୟ ଓ ପ୍ରେରଣା ଦାୟକ ପରିବେଶରେ ସଫଳତାର ସହ ଅନୁଷ୍ଠିତ ହୋଇଥିଲା ।

# ଶରତ ବାବୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ

ବୋରିଗୁମ୍ମା(ନି.ପ୍ର.)ବୋରିଗୁମ୍ମା ସ୍ଥିତ ସତ୍ୟସାଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅବସରପ୍ରାପ୍ତ ପିଇଓ ଶରତ ଚନ୍ଦ୍ର ଦାସ ଙ୍କୁ ମନ୍ଦିର ପ୍ରାଙ୍ଗଣରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା ।ସତ୍ୟସାଇ ପରିବାର ବୃନ୍ଦ ଶ୍ରୀ ଦାସ ଙ୍କୁ ସାଲ ଓ ଫୁଲତୋଡା ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ । ଶରତ ଚନ୍ଦ୍ର ଦାସ କୋଟପାଡ଼ ବ୍ଲକ ର ବତାସନା ପଂଚାୟତ ରେ ପଂଚାୟତ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରିଆସୁଥିଲେ । ଫେବ୍ରୁଆରୀ ,୨୮ ତାରିଖ ଦିନ ଶ୍ରୀ ଦାସ ଚାକିରୀ କୁ ଅବସରଗ୍ରହଣ କରିଛନ୍ତି ।ଶରତ ଚନ୍ଦ୍ର ଦାସ ବୋରିଗୁମ୍ମା ସତ୍ୟସାଇ ଭଜନ ମଣ୍ଡଳୀ ର କନଭିନର ଭାବେ ଗତ ଚାରି ବର୍ଷ ହେଲା ରହିଛନ୍ତି ।ଭଗବାନ ସତ୍ୟସାଇ ବାବା ଙ୍କ ବିଭିନ୍ନ କାର୍ଯ୍ୟକ୍ରମ କୁ ସୁପରିଚାଳନା କରିବା ସହ ସତ୍ୟସାଇ ବାବା ଙ୍କ ମନ୍ଦିର ନିମନ୍ତେ ତାଙ୍କ ଅବଦାନ ଅତୁଳନୀୟ ବୋଲି ସମ୍ବର୍ଦ୍ଧନା ସଭା ରେ ସଭ୍ୟ ସଭ୍ୟା ମାନେ କହିଛନ୍ତି ।



# ଅସ୍ମିତା ଖେଲୋ ଇଣ୍ଡିଆ ପେନଚାକ ସିଲଟ (ଇଷ୍ଟ ଜୋନ )ପ୍ରତିଯୋଗିତା ଉଦ୍‌ଯାପିତ

ବ୍ରହ୍ମପୁର (ନି.ପ୍ର.): ପୂର୍ବ ଭାରତର ଓଡିଶା ରାଜ୍ୟ ର ଝାରସୁଗୁଡା ର ମଙ୍ଗଳ ବଜ଼ାର ର ସ୍ପୋର୍ଟ୍ସ କମ କଂପ୍ଲେକ୍ସ ଅଡିଟରିମ ଠାରେ ଅସ୍ମିତା ଖେଲୋ ଇଣ୍ଡିଆ ପେନଚାକ ସିଲଟ (ଇଷ୍ଟ ଜୋନ )ପ୍ରତିଯୋଗିତା ହୋଇଥିଲା । ଗତ ୦୭/୦୩/୨୬ ଓ ୦୮/୦୩/୨୬ ଦୁଇ ଦିନ ଧରି ଆୟୋଜିତ ହୋଇଥିବା ଏହି ଖେଳରେ ବ୍ରହ୍ମପୁରରୁ ସାତ ଜଣ ଖେଳାଳି ଅଂଶ ଗ୍ରହଣ କରିଥିଲେ । ଜୁନିଅର ବର୍ଗ ରେ ଅର୍ପିତା ଗୌଡ଼ ସ୍ୱର୍ଣ୍ଣ ପଦକ, ଆଦର୍ଶ ପବ୍ଲିକ ସ୍କୁଲ (ବାଲିପଡ଼ା)ରୁ ସବ ଜୁନିଅର ବର୍ଗ ରେ ସ୍ୱାଗତିକା ସ୍ୱାଇଁ ରୋପ୍ୟ ପଦକ ଏବଂ ସିନିଅର ବର୍ଗ ରେ ଚିନ୍ମୟୀ ମିଶ୍ର ବ୍ରୋଂଚ ପଦକ ହାସଲ କରିଛନ୍ତି । ଷ୍ଟେସନ ପରିସରରେ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷ ରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଗଞ୍ଜାମ ପେନଚାକ ସିଲଟ ଆସୋସିଏସନର ସଭାପତି ରବି କୁମାର ସାହୁ, ଉପସଭାପତି ଭୃଗୁରାମ ପଣ୍ଡା, ଟେକ୍ନିକାଲ ଡିରେକଟର ସ୍ନେହାଂଶୁ ବିଷୋୟୀ, ସାଧାରଣ ସମ୍ପାଦକ ଶ୍ରୀଧର ସାହୁ(କୋଚ), ରିଧ୍ୱୀକା ଗ୍ରୁପ ଅଫ ଏକାଡେମୀର ସଦସ୍ୟ ରୁପା, ରଶ୍ମି, ରୋଜି ଏବଂ ବଳରାମ ଗୌଡ଼, ଟୁଁଗୁରୁ ବିଷୋୟୀ ପୁଷ୍ପାଗୁଚ୍ଛା ଓ ଉପଢୌକନ ଦେଇ ଶୁବେଚ୍ଛା ଜଣାଇଛନ୍ତି ।



# ଲଖନପୁର ବ୍ଲକରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ଝାରସୁଗୁଡ଼ା(ନି.ପ୍ର.) ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଆଜି ଲଖନପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲାପାଳ ସାଧାରଣ ଜନତାଙ୍କ ବିଭିନ୍ନ ସମସ୍ୟାକୁ ଗୁରୁତର ସହ ଶୁଣିବା ସହ ସେଗୁଡ଼ିକର ସମୟାନୁବର୍ତୀ ସମାଧାନ ଉପରେ ଗୁରୁତ୍ୱାରୋପ କରିଛନ୍ତି । ବିଶେଷ କରି ସରକାରୀ କାର୍ଯ୍ୟରେ ଅହେତୁକ ବିଳମ୍ବ କରୁଥିବା ଏବଂ ଅବହେଳା ପ୍ରଦର୍ଶନ କରୁଥିବା ଅଧିକାରୀଙ୍କ ବିରୁଦ୍ଧରେ ଆଗାମୀ ଦିନରେ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସ୍ପଷ୍ଟ ଚେତାବନୀ ଦେଇଛନ୍ତି ।ଆଜିର ଏହି ଶୁଣାଣି ଶିବିରରେ ମୋଟ ୪୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ୮ଟି ଗୋଷ୍ଠୀଗତ ଆବେଦନ ହୋଇଥିବା ବେଳେ ୩୩ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା । ଆସନ୍ନ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାର ଜନସାଧାରଣଙ୍କୁ ଆବଶ୍ୟକୀୟ ସୁବିଧା ସୁଯୋଗ ଯୋଗାଇଦେବା ସହ ପାନୀୟ ଜଳ ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅଧିକ ଯତ୍ନବାନ ହେବାକୁ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଶିବିରରେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ବିଶ୍ୱ ରଞ୍ଜନ ନାୟକ, ଉପ-ଜିଲ୍ଲାପାଳ ଶ୍ରୀ ସବ୍ୟସାଚୀ ପଣ୍ଡା, ଲଖନପୁର ବ୍ଲକ ଉନ୍ନୟନ ଅଧିକାରୀ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟାର ସମାଧାନ ଦିଗରେ ଆଲୋଚନା କରିଥିଲେ ।



# ବରହମପୁର ମଣ୍ଡଳ ଅବସରପ୍ରାପ୍ତ କର୍ମଚାରୀ ସଂଘର ୧୫ତମ ବାର୍ଷିକ ସମ୍ମିଳନୀ

ନୀଳଗିରି, (ନି.ପ୍ର.) ନୀଳଗିରି ବ୍ଲକ ଧରମପୁର ପଂଚାୟତ ଇସାନେଣ୍ଡି ଗ୍ରାମଠାରେ ଥିବା ଅବସର କର୍ମଚାରୀ ସଂଘ ଭବନରେ ୧୫ ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସକାଳ ୯ଘଟିକା ସମୟରେ ସଂଘର ସଭାପତି ରବି ନାରାୟଣ ଚୌଧୁରୀ ସାଙ୍ଗଠନିକ ଭାଷଣ ପ୍ରଦାନ କରିଥିଲେ । ପରେ ୯ ଟା ୨୦ ମିନିଟ ସମୟରେ ସାଙ୍ଗଠନିକ ନିର୍ବାଚନ ହୋଇଥିଲା । ପୂର୍ବାହ୍ନ ୧୦ ଘଟିକା ସମୟରେ ସାଧାରଣ ଅଧିବେଶନ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ଜଜ ଭାସ୍କର ଚନ୍ଦ୍ର ସାହୁ ଯୋଗଦେଇ ଶ୍ରୀ ଜଗନ୍ନାଥଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱୋଳନ କରି ଅନୁଷ୍ଠାନିକ ଭାବେ ଶୁଭ ଉଦ୍ଘାଟନ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂଘର ସ୍ଥାୟୀ ସଭାପତି ଅବସର ପ୍ରାପ୍ତ ପ୍ରଫେସର ରବି ନାରାୟଣ ଚୌଧୁରୀ ଅତିଥି ପରିଚୟ ପ୍ରଦାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପରେ ଦିବଙ୍ଗତ ଅବସରପ୍ରାପ୍ତ କର୍ମଚାରୀଙ୍କ ଆତ୍ମାରେ ସଦଗତି ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ସଂଘର ସମ୍ପାଦକ ପ୍ରଫୁଲ୍ଲ କୁମାର ରାଉତ ସମ୍ପାଦକୀୟ ବାର୍ଷିକ ବିବରଣୀ ପଠ କରିଥିଲେ । ଏଥିରେ ବର୍ଷର ଆୟ, ବ୍ୟୟର ହିସାବ ଉପସ୍ଥାପନ କରିବା ସହିତ ୨୦୦୮ ମସିହାରୁ କିଛି ସଦସ୍ୟଙ୍କୁ ନେଇ ଆରମ୍ଭ କରାଯାଇଥିବା ଉକ୍ତ ସଙ୍ଘ ବହୁ ଅଭାବ ଅନାଟନ ଭିତରେ ଗତି କରୁଥିଲାବେଳେ ବୃକ୍ଷରୋପଣ, ରକ୍ତଦାନ ଶିବିର, ଅସହାୟଙ୍କୁ ସହାୟତା, ତତ୍କାଳ ସେବା ସଙ୍ଘ ଦେଇ ଆସୁଛି । ଜାତୀୟ ପେନସନ ଦିବସ, ସ୍ୱାଧୀନତା ଓ ସାଧାରଣତନ୍ତ୍ର ଦିବସ ପାଳନ ସହିତ ଉକ୍ତ ସଙ୍ଘ କୁଞ୍ଜଲତା ରବିନାରାୟଣ ଚୌଧୁରୀ ମେମୋରିଆଲ ଫଣ୍ଡସ ମାଧ୍ୟମରେ ମେଧା ପୁରସ୍କାର ପ୍ରୋତ୍ସାହନ କାର୍ଯ୍ୟକ୍ରମ ପ୍ରତିବର୍ଷ କରିଆସୁଛି ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଜିଲ୍ଲା ସଂଘର ଉପସଭାପତି ଡ଼. ସୁଦର୍ଶନ ଦାସ ଯୋଗଦେଇ ଥିବା ବେଳେ ତାଙ୍କ ଅଭିଭାଷଣରେ ଅନୁଷ୍ଠାନର ସମସ୍ତ ସଦସ୍ୟ ଙ୍କୁ ସାଧୁବାଦ ଦେବା ସହିତ ନିରାମୟ ଓ ଦୀର୍ଘାୟୁ କାମନା କରିଥିଲେ । ଅନୁଷ୍ଠାନ ବଂଚାଇ ରଖିଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ । ସମ୍ମାନିତ ଅତିଥି ଭାବେ ଅବସରସପ୍ରାପ୍ତ ରେଞ୍ଜର ବଙ୍ଗରାଜ ସୋରେନ ମଂଚାସୀନ ଥାଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।ପରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରେ ବୟୋଜ୍ୟୋଷ୍ଠ ବ୍ୟକ୍ତି ଓ ମେଧାବୀ ଛାତ୍ର ଛାତ୍ରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଉତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଲକ୍ଷ୍ମଣ କୁମାର ସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମ୍ପାଦକ ପରିଚାଳନା ପ୍ରଦୀପ ପଶା, କୋଷାଧ୍ୟକ୍ଷ ବାଇଧର ପଣ୍ଡା, ସହ ସମ୍ପାଦକ କୈଳାଶ ଚନ୍ଦ୍ର ମିଶ୍ର, ଅଡିଟର ଦୀନବନ୍ଧୁ କବାଟ ଓ ନରେନ୍ଦ୍ର ନାଥ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଉତ୍କଳ ଆଲୁମିନା ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ



ରାୟଗଡ଼ା, (ନି.ପ୍ର.) ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ମହାଡମ୍ବରରେ ଅନ୍ତର୍ଜାତୟ ମହିଳା ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ନୂଆପଡ଼ା ଟାଉନସିପ ସ୍ଥିତ କ୍ଲବ୍ ହାଉସ ଠାରେ ଆୟୋଜତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥି ଭାବେ ସହକାରୀ ଜିଲ୍ଲାପାଳ ରୂପାଲି ପାତ୍ର (ଓପ୍ରସେ) ଓ ସହକାରୀ ଜିଲ୍ଲାପାଳ ଲିପ୍ସା ପଟେଲ୍ (ଓଆରଏସ୍) ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ସୁଶ୍ରୀ ପାତ୍ର କହିଛନ୍ତି ଯେ, ସାଂପ୍ରତିକ ସମୟରେ ମହିଳା ସମସ୍ତ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଛନ୍ତି । ନିଜକୁ ସିମୀତ ନକରି ଜ୍ଞାନ ଆହରଣ ଓ ଦକ୍ଷତା ବୃଦ୍ଧି କରିଆରେ ନିଜକୁ ସ୍ୱାବଲମ୍ବୀ କରିବାକୁ ସେ ପରାମର୍ଶ ଦେଇଥିଲେ । ସେହିପରି ସୁଶ୍ରୀ ପଟେଲ୍ ଉଦବୋଧନ ଦେଇ କହିଥିଲେ ଯେ, ଶିକ୍ଷା ହିଁ ପରିବର୍ତନର ମୁଖ୍ୟ ଅସ୍ତ୍ର । ପୂରାତନ କାଳରୁ ବର୍ତମାନ ଆଧୁନିକ ଯୁଗରେ ଶିକ୍ଷା ସବୁବେଳେ ମହିଳାଙ୍କ ଜୀବନରେ ପରିବର୍ତନ ଆଣିଚି । ସମାଜ ମହିଳାଙ୍କ ଦ୍ୱାରା ପରିଚାଳିତ । ତେଣୁ ମହିଳା, ଶିକ୍ଷିତ ତଥା ନିଜକୁ ଶକ୍ତିଶାଳୀ ନକଲେ ସମାଜ ସକାରାତ୍ମକ ପରିବର୍ତନ ହେବନାହିଁ ବୋଲି ସୁଶ୍ରୀ ପଟେଲ୍ ପ୍ରକାଶ କରିଥିଲେ । ଅନୁରୂପ ଭାବେ କାରଖାନା ମୁଖ୍ୟ ତଥା ଅଧ୍ୟକ୍ଷ ଶ୍ରୀ ରବି ନାରାୟଣ ମିଶ୍ର ପ୍ରକାଶ କରିଥିଲେ ଯେ, ମହିଳା ସବୁବେଳେ ପୂଜ୍ୟ, ତାଙ୍କ ସହଯୋଗ ବିନା ପରିବାର ତଥା ସମାଜରେ ପ୍ରଗତି ହୁଏନି । ମହିଳା ଅଗ୍ରସର ହେଲେ ସମାଜରେ ଉନ୍ନତି ହେବ । ଜଣେ ମହିଳା ନିଜ ଜୀବନରେ ପରିବାର ପାଇଁ ବହୁ ତ୍ୟାଗ କରନ୍ତି । ସେମାନଙ୍କ ବିନା ସହଯୋଗରେ ସମାଜରେ ଉନ୍ନତୀ ଅପରିକଳ୍ପିତ ବୋଲି ଶ୍ରୀ ମିଶ୍ର କହିଛନ୍ତି । ଏହି ଅବସରରେ କାରଖାନାରେ କାର୍ଯ୍ୟରତ ୧୦୦ରୁ ଉର୍ଦ୍ଧ୍ୱ ମହିଳା କର୍ମଚାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସୁରକ୍ଷା ବିଭାଗ ମୁଖ୍ୟ ବିଶ୍ୱଜିତ୍ ଯୋଗ୍ୱରଦର୍ ଘରୋଇ ଗ୍ୟାସ ସିଲିଣ୍ଡର୍ ବ୍ୟବହାର ଓ ଜରୁରୀକାଳୀନ ପରିସ୍ଥିତିରେ ସୁରକ୍ଷା ସମ୍ପର୍କରେ ସଚେତନତା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ମୁଖ୍ୟ ନାରାୟଣ ମୀତ୍ରା, ଉତମ୍ ଗିରି, ଲୋପାମୁଦ୍ରା ପ୍ରିୟଦର୍ଶିନୀ, ପିତାମ୍ବର ବେହେରାଙ୍କ ସମେତ ମଧୁମିତା ମଣ୍ଡଳ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ମତ୍ସ୍ୟ ଚାଷ କେନ୍ଦ୍ର ପରିଦର୍ଶନ କଲେ ଜିଲ୍ଲାପାଳ



ଝାରସୁଗୁଡ଼ା(ନି.ପ୍ର.) ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ ଆଜି ଲଖନପୁର ବ୍ଲକ ଗସ୍ତ କରି ମତ୍ସ୍ୟ ପ୍ରକଳ୍ପ କ୍ଷେତ୍ର ପରିଦର୍ଶନ କରିବା ସହ ଏହାର ଭିତିଭୂମି ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାପାଳ ପ୍ରଥମେ ବାଘମୁଣ୍ଡା ସ୍ଥିତ ମତ୍ସ୍ୟ ପ୍ରଜନନ ଫାର୍ମ ପରିଦର୍ଶନ କରି ସେଠାରେ ଥିବା ୧୧ଟି ନର୍ସରୀ ଟ୍ୟାଙ୍କର ସ୍ଥିତି ଅନୁଧ୍ୟାନ କରିଥିଲେ । ଏହି ଟ୍ୟାଙ୍କ ଗୁଡ଼ିକର ପୁନରୁଦ୍ଧାର ଏବଂ ଆନୁଷଙ୍ଗିକ ଭିତିଭୂମିର ଉନ୍ନତି ପାଇଁ ତୁରନ୍ତ ଏକ ବ୍ୟୟ ଅଟକଳ ପ୍ରସ୍ତୁତ କରିବାକୁ ସେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସ୍ଥାନୀୟ ଅଂଚଳରେ ମତ୍ସ୍ୟ ଜାଆଁଳା ଉତ୍ପାଦନ ବୃଦ୍ଧି ପାଇବ, ଯାହାଦ୍ୱାରା ଲଖନପୁର ବ୍ଲକ ସମେତ ସମଗ୍ର ଝାରସୁଗୁଡ଼ା ଜିଲ୍ଲାର ମତ୍ସ୍ୟ ଚାଷୀମାନେ ବିଶେଷ ଭାବେ ଉପକୃତ ହୋଇପାରିବେ ।ଏହାପରେ ଜିଲ୍ଲାପାଳ ଲଛିପାଲି ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ପରିଦର୍ଶନ କରି ସମିତିର ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ ଆଲୋଚନା କରିଥିଲେ । ସେଠାରେ ଥିବା ନର୍ସରୀ ଟ୍ୟାଙ୍କ ଗୁଡ଼ିକ ବୁଲି ଦେଖିବା ସହ ଏକ 'ମତ୍ସ୍ୟ ଅବତରଣ କେନ୍ଦ୍ର' ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ । ଏହି ପରିଦର୍ଶନ ସମୟରେ ଲଖନପୁର ବ୍ଲକର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଅତିରିକ୍ତ ମତ୍ସ୍ୟ ଅଧିକାରୀ ଉପସ୍ଥିତ ଥିଲେ । ଜିଲ୍ଲାପାଳ ଶ୍ରୀ ଚହ୍ୱାଣ, ଏହି ସମସ୍ତ ଯୋଜନା ବାବଦରେ ଲଖନପୁର ବିଡ଼ିଓଙ୍କ ସହ ବିସ୍ତୃତ ଆଲୋଚନା କରିବାକୁ ଏବଂ ନର୍ସରୀ ଟ୍ୟାଙ୍କର ପୁନରୁଦ୍ଧାର ଓ ନୂତନ ଏଫ.ଏଲ.ସି ନିର୍ମାଣ ପାଇଁ ଖୁବଶୀଘ୍ର ଯୋଜନା ପ୍ରସ୍ତୁତ କରିବାକୁ ଏବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ତିର୍ତୋଲ ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର ( ନି, ପ୍ର )ତା ୦୯.୦୩.୨୦୨୬- ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ତିର୍ତୋଲ ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିର ରେ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗ ର ଶୁଣାଣି କରିଥିଲେ । ଆଜି ମୋଟ ୧୧୭ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୯୯ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୮ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୧୧ ଟି, ଆବାସ ଯୋଜନା ସମ୍ପର୍କୀୟ ୨୫ ଟି,ଜମିଜମା ସମସ୍ୟା ସମ୍ପର୍କୀୟ ୨୩ ଟି, ଭତା ପାଇବା ପାଇଁ ୮ ଟି,ପୋଲିସ ସହାୟତା ପାଇଁ ୩ ଟି ଏବଂ ଅନ୍ୟାନ୍ୟ ୧୯ ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୧୦ ଟି ଅଭିଯୋଗର ତତକାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ, ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ, ବ୍ଲକ୍ ଉନ୍ନୟନ ଅଧିକାରୀ ଶ୍ରୀ ଗିରିଜା ଶଙ୍କର ମଲ୍ଲିକ ତହସିଲଦାର, ତିର୍ତୋଲ , ଶ୍ରୀ ମହେଶ୍ୱର ବେହେରା,ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ୍ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗ ର ଶୁଣାଣି କରିଥିଲେ ।ଆଜି ତିର୍ତୋଲ ବ୍ଲକ ର ନୂତନ ସମ୍ମିଳନୀ କକ୍ଷ ଉଦ୍ଘାଟନ କରାଯାଇଥିଲା ।

# ସ୍ଥାୟୀ ବିକାଶ ଲକ୍ଷ୍ୟ ଏନଜିଓ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ଅନୁଷ୍ଠିତ



ବ୍ରହ୍ମପୁର(ନି.ପ୍ର.) : ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସ୍ଥାୟୀ ବିକାଶ ଲକ୍ଷ୍ୟ ଏନଜିଓ ପକ୍ଷରୁ ଗଞ୍ଜାମ ଜିଲ୍ଲାର ରଙ୍ଗେଇଲୁଣ୍ଡା ବ୍ଲକ୍ ଅନ୍ତର୍ଗତ ଭାବିନୀପୁର ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ମହାନ ଉତ୍ସାହର ସହ ଉଦ୍‌ଯାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ସକାଳ ୧୦ ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୫ ରେ ଶେଷ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ର ମାନ୍ୟବର ଅଧ୍ୟକ୍ଷା ଶ୍ରୀମତୀ ବବିତା ପାତ୍ର, ଜିଲ୍ଲା ଉପଭୋକ୍ତା ବିବାଦ ନିବାରଣ କମିଶନ ଗଞ୍ଜାମର ମାନ୍ୟବର ସଦସ୍ୟା ଶ୍ରୀମତୀ ସାବିତ୍ରି ପଟ୍ଟନାୟକ, ଭାବିନୀପୁର ଗ୍ରାମ ପଂଚାୟତ ସରପଂଚ ଶ୍ରୀମାନ ରଞ୍ଜିତ ସାହୁ ଯିଏ କି ଏହି ପ୍ରୋଗ୍ରାମ ର ମୂଳଧାର ଥିଲେ,ସ୍ଥାୟୀ ବିକାଶ ଲକ୍ଷ୍ୟ ଏନଜିଓର ସଭାପତି ତଥା ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ରବୀନ୍ଦ୍ର କୁମାର ମିଶ୍ର, ପଂଚାୟତ ଅଫିସର୍ ସୁଶ୍ରୀ ନିରୁପମା ପ୍ରଧାନ, ମହିଳା ସଂଘ ସଭାପତି ଶ୍ରୀମତୀ ଗାୟତ୍ରୀ ଶତପଥି, ନାଏବ ସରପଂଚ ଶ୍ରୀମତୀ ଶିବାନୀ ପାତ୍ର, ସ୍ଥାୟୀ ବିକାଶ ଲକ୍ଷ୍ୟର ଉପଦେଷ୍ଟା ପ୍ରଫେସର ସୂର୍ଯ୍ୟ ନାରାୟଣ ତ୍ରିପାଠୀ, ଏମ୍ ?କେସିଜି ମେଡିକାଲ୍ କଲେଜ ଓ ହସ୍ପିଟାଲର ଓବ୍ସ ଏଣ୍ଡ ଗାଇନକଲଜି ବିଭାଗର ଡାକ୍ତର. ଭାରତୀ ମିଶ୍ର, ଡାକ୍ତର. ପୋଲାକି ଶ୍ରୀ, ଡୁରା କଲେଜର ଲେକ୍ଚରାର ଡାକ୍ତର. ଉଷାରାଣୀ ବ୍ରହ୍ମା, ସ୍ଥାୟୀ ବିକାଶ ଲକ୍ଷ୍ୟର ଉପ ସଭାପତି ବି. ଜନାର୍ଦ୍ଦନ ରେଡ୍ଡୀ, ସେକ୍ରେଟାରୀ ଉମା ଶଙ୍କର ସାହୁ, ଯୁଗ୍ମ ସେକ୍ରେଟାରୀ ରବୀନ୍ଦ୍ର ଗୌଡ, କୋଷାଧ୍ୟକ୍ଷ ଜୟସେନ ସାସମଲ, ମଧୁସ୍ମିତା ଠାକୁର ଯିଏ କି ଏହି ପ୍ରୋଗ୍ରାମ କୁ ପରିଚାଳନା କରିଥିଲେ, ସମୀର କୁମାର ମୁନି, ମୋତିଲାଲ ଠାକୁର, ରାଜୀବ ମିଶ୍ର, ପ୍ରଦୀପ ଖଟେଇ, ସୋନାଲି ନାୟକ, ସ୍ୱପ୍ନା ବେହେରା, ସ୍ୱାଗତିକା ଶତପଥି, ସୁରେଶ ସାହୁ ଏବଂ ଅନ୍ୟାନ୍ୟ ସଦସ୍ୟମାନେ ଯୋଗ ଦେଇଥିଲେ ଏବଂ ଏହି ପ୍ରୋଗ୍ରାମ କୁ ସଫଳ୍ୟ ମଣ୍ଡିତ କରିଥିଲେ । ଭାବିନୀପୁର ଗ୍ରାମ ପଂଚାୟତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ମହିଳା ଓ ସମାଜର ବିଭିନ୍ନ ବର୍ଗର ଲୋକମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ଏଥିରେ ପ୍ରାୟ ୧୬୮ ଜଣ କିଶୋରୀ ବାଳିକା, ମହିଳା, ଏନମ, ଅଙ୍ଗନୱାଡ଼ି କର୍ମୀ,ଆଶା କର୍ମୀ, ନର୍ସିଂ ଅଫିସର୍, ନର୍ସ, ଶିକ୍ଷକ, ଡାକ୍ତର, ଆଇନଜୀବୀ, ସାମାଜିକ କର୍ମୀ, ଏବଂ ଅନ୍ୟାନ୍ୟ ବିଭିନ୍ନ ବର୍ଗର ଲୋକମାନେ ଯୋଗ ଦେଇ ସଫଳ କରିଥିଲେ ।ଏହି ଅବସରରେ ସ୍ଥାୟୀ ବିକାଶ ଲକ୍ଷ୍ୟ ଏନଜିଓ ପକ୍ଷରୁ ଗଞ୍ଜାମ ଜିଲ୍ଲାର ୩୦ ଜଣ ପ୍ରେରଣାଦାୟକ ମହିଳା ବ୍ୟକ୍ତିତ୍ୱଙ୍କୁ "୨୦୨୬ ବର୍ଷର ଶ୍ରେଷ୍ଠ ମହିଳା (ଡବ୍ଲୁଙ୍କରଭ କ୍ଷୁଲ ଷ୍ପଷର ଣରବକ୍ସ ୨୦୨୬)" ସମ୍ମାନରେ ସମ୍ମାନିତ କରାଯାଇଥିଲା । ସମ୍ମାନିତ ମହିଳାମାନଙ୍କ ମଧ୍ୟରେ ଇଘଗ, ଆଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ନର୍ସ, ନର୍ସିଂ ଅଫିସର, ଲେକ୍ଚରାର ଓ ସମାଜ ସେବାରେ ନିରନ୍ତର କାର୍ଯ୍ୟରତ ଅନ୍ୟାନ୍ୟ ମହିଳାମାନେ ଅନ୍ତର୍ଭୁକ୍ତ ଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମହିଳା ସଶକ୍ତିକରଣ, ସ୍ୱାସ୍ଥ୍ୟ ସଚେତନତା ଓ ସମାଜ ଉନ୍ନୟନ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ ଏନଜିଓର ସ୍ଥାୟୀ ସମାଜ ଉନ୍ନୟନ ପ୍ରତି ଅତୁଟ ପ୍ରତିବଦ୍ଧତାକୁ ପୁନରୁଚ୍ଚାରଣ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ସୋମ ହସ୍ପିଟାଲ ର ୭ ଜଣ ବରିଷ୍ଠ ଡ଼ାକ୍ତର ମାନଙ୍କ ସହ ତାଙ୍କ ଟିମ୍ ପ୍ରାୟ ୧୫୦ ରୁ ଉର୍ଦ୍ଧ କିଶୋରୀ ବାଳିକା ଏବଂ ମହିଳାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ସେମାନଙ୍କୁ ମାଗଣା ମେଡିସିନ ପ୍ରଦାନ କରିଥିଲେ ସରପଂଚଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ । ସ୍ଥାୟୀ ବିକାଶ ଲକ୍ଷ୍ୟ ଏନଜିଓର ମୂଳ ଉଦ୍ଦେଶ୍ୟ ଥିଲା ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟକୁ ତ୍ୱରାନ୍ୱିତ କରିବା ସହ ନୀତି ଆୟୋଗର ଭିସନ୍ କୁ ସଫଳ କରିବା ଏବଂ ନୂତନ ଭାରତ, ନୂତନ ଓଡ଼ିଶା ସହ ବିକଶିତ ଭାରତ ଗଢିବାରେ ସମସ୍ତ ବର୍ଗର ପୀଡ଼ିତ ଲୋକଙ୍କୁ ଆଗ ଧାଡ଼ିର ଲୋକଙ୍କ ସହ ମିଶାଇବା ଏବଂ ନିଃସ୍ୱାର୍ଥପର ସମାଜସେବା କରିବା । ସ୍ଥାୟୀ ବିକାଶ ଲକ୍ଷ୍ୟ ଏନଜିଓ ଏହି ପ୍ରୋଗ୍ରାମ ର ସଫଳତା ପାଇଁ ସରପଂଚ ଶ୍ରୀମାନ ରଞ୍ଜିତ ସାହୁ, ସୋମ ହସ୍ପିଟାଲ୍, ଏମ. କେ. ସି.ଜି ହସ୍ପିଟାଲ ର ସମସ୍ତ ଡାକ୍ତର, ନର୍ସ, ଏବଂ ଏହି ପ୍ରୋଗ୍ରାମ ରେ ଭାଗ ନେଇଥିବା ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲା ।

# ଶ୍ରୀମନ୍ଦିରରେ ଖସାପଡ଼ା ଲାଗି ନୀତି

ପୁରୀ : ସୋମବାର ଚୈତ୍ର କୃଷ୍ଣ ଷଷ୍ଠୀ ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଖସାପଡ଼ା ଲାଗି ନୀତି ଅନୁଷ୍ଠିତ ହୋଇଥିଲା । ଏହି ସ୍ୱତନ୍ତ୍ର ନୀତି ସମୟରେ ଶ୍ରଦ୍ଧାଳୁମାନେ ଠାକୁରଙ୍କ ଦର୍ଶନ ପାଇ ନଥିଲେ । ଶ୍ରୀମନ୍ଦିର ପ୍ରଶାସନ ସୂଚନା ଅନୁସାରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ସମୟରେ ଠାକୁରଙ୍କ ଖସାପଡ଼ା ଲାଗି ନୀତି ହୋଇଥିଲା । ଏଣୁ ଉକ୍ତ ସମୟରେ ଭକ୍ତମାନେ ଠାକୁରଙ୍କ ଦର୍ଶନ ପାଇନଥିଲେ । ମହାପ୍ରଭୁଙ୍କ ଏହା ଗୁପ୍ତ ନୀତି ।



ଶ୍ରୀଅଙ୍ଗ ସୁରକ୍ଷା ପାଇଁ ସେବକଙ୍କ ଦ୍ୱାରା ଏହି ନୀତି କରାଯାଉଥିବା କୁହନ୍ତି । ଦ୍ୱିତୀୟ ଭୋଗ ମଣ୍ଡପ ନୀତି ସରିଲେ ଖସାପଡ଼ା ଲାଗି ନୀତି କରାଯାଇଥିଲା । ଏସବୁ କେବଳ ସଭିଙ୍କ ସୂଚନା ପାଇଁ ।

# ସାମ୍ବାଦିକ ଆଶୁତୋଷ ମିଶ୍ରଙ୍କ ବିୟୋଗ ଓଡ଼ିଶାର ସାମ୍ବାଦିକତା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ବରିଷ୍ଠ ସାମ୍ବାଦିକ ଆଶୁତୋଷ ମିଶ୍ରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏକ୍ସରେ ଏକ ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ବରିଷ୍ଠ ସାମ୍ବାଦିକ ଆଶୁତୋଷ ମିଶ୍ରଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ । ତାଙ୍କର ବିୟୋଗ ଓଡ଼ିଶାର ସାମ୍ବାଦିକତା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି । ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଦିବଙ୍ଗତ ଆତ୍ମାର ସଦ୍‌ଗତି କାମନା କରୁଛି । ଓଁ ଶାନ୍ତି ।



# ରିଫାଇନ ଓ ପାମୋଲିନ ତେଲ ଦର ବୃଦ୍ଧି

ଭୁବନେଶ୍ୱର : ଆମଦାନୀ ହେଉଥିବା ଖାଇବା ତେଲ ବୃଦ୍ଧି ନେଇ ବଢ଼ିଲା ଚିନ୍ତା । ରିଫାଇନ ଓ ପାମୋଲିନ ତେଲ ଦର ଲିଟର ପିଛା ୫ ଟଂକା ବୃଦ୍ଧି ହୋଇଛି । ଓଡ଼ିଶାରେ ଅଧିକ ଗଚ୍ଛିତ ନାହିଁ ତେଲ । ଓଡିଶା ମାର୍କେଟରେ ଦିନ ପିଛା ୧୦୦୦ ରୁ ୧୨୦୦ ଟନ ରିଫାଇନ ଓ ପାମୋଲିନ ତେଲ ଆବଶ୍ୟକ ତା ଅଛି । ବର୍ତ୍ତମାନ କିନ୍ତୁ



କେବଳ ଓଡ଼ିଶାରେ ୧୫ ଦିନ ପାଇଁ ତେଲ ଷ୍ଟକ ରହିଛି । ବ୍ୟବସାୟୀ ସଂଘ ସଭାପତି କହିଛନ୍ତି ଯେଉଁମାନେ ଏହାକୁ ବାହାର ଦେଶରୁ ଆମଦାନୀ କରୁଛନ୍ତି ସେମାନେ ଅସୁବିଧା ଦେଖୁଛନ୍ତି । ଦେଶ ଦେଶ ଭିତରେ ଯୁଦ୍ଧ ପାଇଁ ଏହି ପ୍ରଭାବ ପଡିଥିବା କୁହାଯାଉଛି । କିଛି ଷ୍ଟକ ରହିଛି । ମାତ୍ର ଆଗାମୀ ଦିନରେ ଏହା କମ ହୋଇପାରେ ।



# ଟିମ୍ ଇଣ୍ଡିଆର ସଫଳତା ସଂଯମ ଓ ଆତ୍ମବିଶ୍ୱାସ ଶକ୍ତିର ପ୍ରମାଣ : ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟି-୨୦ କ୍ରିକେଟ୍ ବିଶ୍ୱକପ୍‌ରେ ଭାରତୀୟ କ୍ରିକେଟ ଟିମର ଐତିହାସିକ ବିଜୟକୁ ପ୍ରଶଂସା କରି ଏହାକୁ ଜୀବନର ବଡ଼ ଲକ୍ଷ୍ୟ ହାସଲ କରିବାର ଜୀବନ୍ତ ଉଦାହରଣ ବୋଲି କହିଛନ୍ତି । ସେ କହିଛନ୍ତି ଯେ ଟିମ୍ ଇଣ୍ଡିଆର ଏହି ସଫଳତା କେବଳ ଖେଳର ବିଜୟ ନୁହେଁ, ବରଂ ଦୃଢ ସଙ୍କଳ୍ପ, ସଂଯମ ଓ ଆତ୍ମବିଶ୍ୱାସର ଶକ୍ତିର ପ୍ରମାଣ । ପ୍ରଧାନମନ୍ତ୍ରୀ ମୋଦି 'ଏକ୍ସ'ରେ ଲେଖିଛନ୍ତି— "ଟି-୨୦ କ୍ରିକେଟ୍ ବିଶ୍ୱକପ୍ ଜିତି ଭାରତୀୟ ଟିମ୍ ଏହା ପ୍ରମାଣ କରିଛି ଯେ ଦୃଢ ସଙ୍କଳ୍ପ, ସଂଯମ ଓ ଆତ୍ମବିଶ୍ୱାସର ସମନ୍ୱୟ ହିଁ ଜୀବନରେ ସଫଳତାର ଚାବି । ଏହି ବିଜୟ ଏହାକୁ ମଧ୍ୟ ଦର୍ଶାଏ ଯେ ସଠିକ୍ ଦିଗରେ କଠିନ ପରିଶ୍ରମ କଲେ ପ୍ରତ୍ୟେକ ଲକ୍ଷ୍ୟକୁ ଅର୍ଜନ କରିପାରିବ ।" ପ୍ରଧାନମନ୍ତ୍ରୀ ଏକ ସଂସ୍କୃତ ସୁଭାଷିତ — "ଅଭୀପ୍ସାଂ ସ୍ୱାତ୍ମନୋ ରକ୍ଷାଽବିରତଂ ସୁସ୍ଥିରଂ ତୟା । ଯତ୍ନମାତିଷ୍ଠ ଧୈର୍ଯ୍ୟେଣ ତତଃ ସିଦ୍ଧିର୍ଭବେଦ୍ ଧ୍ରୁବମ୍" — ମଧ୍ୟ ସେୟାର କରିଛନ୍ତି । ଏହାର ଅର୍ଥ ବ୍ୟାଖ୍ୟା କରି ସେ କହିଛନ୍ତି ଯେ ଜୀବନରେ ଉନ୍ନତି ଚାହୁଁଥିବା କେହି ମଧ୍ୟ ଦୃଢତା ଓ ନିଷ୍ଠା ସହିତ ପ୍ରୟାସ କରିବା ଉଚିତ । ଧୈର୍ଯ୍ୟ ସହିତ ନିରନ୍ତର କଠିନ ପରିଶ୍ରମ ନିଶ୍ଚୟ ସଫଳତାର ପଥକୁ ପ୍ରସ୍ତୁତ କରିଥାଏ ।

# ସଚିବାଳୟରେ ଖାଲି ପଡ଼ିଥିବା ପଦବୀଗୁଡ଼ିକ ପୂରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ସଚିବାଳୟର ବିଭିନ୍ନ ବର୍ଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଛି । ବିଧାନସଭାରେ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ଏକ ଅଣତାରକା ପ୍ରଶ୍ନର ଲିଖିତ ଉତର ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଚିନ୍ତାଜନକ ତଥ୍ୟ ପ୍ରଦାନ କରିଛନ୍ତି । ସୌଭିକ ମୁଖ୍ୟମନ୍ତ୍ରୀଙ୍କୁ ପଚାରିଥିଲେ ଓଡ଼ିଶା ସଚିବାଳୟ ସେବାରେ କେଉଁ ପଦବୀରେ କେତେ ପଦବୀ ଖାଲି ପଡ଼ିଛି ତାହା ପୂରଣ ପାଇଁ କି ପଦକ୍ଷେପ ନିଆଯାଇଛି । ଏହାର ଉତର ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ, ୩୬୫ଟି ଉପବିଭାଗ ଅଧିକାରୀ (Section Officer) ଏବଂ ୩୪୮ଟି ସହକାରୀ ଉପବିଭାଗ ଅଧିକାରୀ ପଦବୀ ଖାଲି ପଡିଛି । ୧୦୫ ଅନୁ ଶାସନ ସଚିବ ଓ ଗୋଟିଏ ଅତିରିକ୍ତ ଶାସନ ସଚିବ ପଦବୀ ଖାଲି ପଡ଼ିଛି । ୨ ଯୁଗ୍ମ ଶାସନ ସଚିବ ଓ ୨ ଉପ ଶାସନ ସଚିବ ପଦବୀ ମଧ୍ୟ ଖାଲି ପଡ଼ିଛି । ୪ର୍ଥ ଡେସ୍କ ଅଫିସର, ୩୬୫ ଉପବିଭାଗ ଅଧିକାରୀ ପଦବୀ ମଧ୍ୟ ଖାଲି ପଡ଼ିଛି । ଏତେ ସଂଖ୍ୟକ ପଦବୀ ଖାଲି ରହିବା ଫଳରେ ସରକାରୀ କାର୍ଯ୍ୟାଳୟର ଦୈନନ୍ଦିନ କାର୍ଯ୍ୟ ପରିଚାଳନାରେ ବାଧା ସୃଷ୍ଟି ହେବା ସହ କାର୍ଯ୍ୟରତ ଅଧିକାରୀଙ୍କ ଉପରେ ଚାପ ବଢୁଛି । ଏହି ପଦବୀଗୁଡ଼ିକ ପୂରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

# ନ୍ୟାୟ ସଂହିତା ପ୍ରଦର୍ଶନୀରେ ଓଡ଼ିଶା ପୋଲିସର ଐତିହାସିକ କପୋତ ସେବା ପ୍ରଦର୍ଶିତ ଭୁବନେଶ୍ୱରରୁ କଟକକୁ ଉଡ଼ିଲେ ବାର୍ତ୍ତାବାହୀ ପାରା

ଭୁବନେଶ୍ୱର : ଭୁବନେଶ୍ୱରସ୍ଥିତ ୟୁନିଟ୍-୩, ଇଡକୋ ପ୍ରଦର୍ଶନୀ ପଡିଆରେ ଆୟୋଜିତ 'ନ୍ୟାୟ ସଂହିତା ପ୍ରଦର୍ଶନୀ'ରେ ସୋମବାର ବିଶ୍ୱର ଏକମାତ୍ର କାର୍ଯ୍ୟକ୍ଷମ ଓଡ଼ିଶା ପୋଲିସ କପୋତ ସେବାର ପ୍ରଦର୍ଶନ କରାଯାଇଛି । ଏହି ଅବସରରେ ଭୁବନେଶ୍ୱରରୁ କଟକ ଅଭିମୁଖେ ଦୁଇଟି ଦଳରେ ୧୮ଟି ବେଲଜିୟମ ହୋମର ପାରାଙ୍କୁ ପଠାଯାଇଛି । ଏହି ପାରାମାନେ ନିଜ ଗୋଡ଼ରେ ବନ୍ଧାଯାଇଥିବା ଛୋଟ କ୍ୟାପସୁଲ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ନେଇ ଆକାଶ ମାର୍ଗରେ ଗତି କରି ପୁରାତନ 'ପିଜନ ପୋଷ୍ଟ'ର ସ୍ମୃତି ଚାରଣ କରିଛନ୍ତି । ଏହି ବେଲଜିୟମ ହୋମର ପାରାମାନଙ୍କର ଶାରୀରିକ ଗଠନ ସ୍ୱତନ୍ତ୍ର । ସେମାନଙ୍କ ଥଂଟରେ ଥିବା ଏକ ପ୍ରାକୃତିକ ଲୌହ ସଂରଚନା ଥାଏ । ଯାହା ପୃଥିବୀର ଚୁମ୍ବକୀୟ କ୍ଷେତ୍ରକୁ ଚିହ୍ନଟ କରିବାରେ ସାହାଯ୍ୟ କରିଥାଏ ଏବଂ ପ୍ରାକୃତିକ ଦିଗବାରେଣୀ ଯନ୍ତ୍ର ଭଳି କାମ କରେ । ଏହିଭଳି ସ୍ୱତନ୍ତ୍ର ଶାରୀରିକ ଗଠନ କାରଣରୁ ପାରାମାନେ ମାଇଲ ମାଇଲ ଦୂରରୁ ମଧ୍ୟ ସେମାନଙ୍କ ଲକ୍ଷ୍ୟସ୍ଥଳ ସଠିକ ଭାବେ ଖୋଜି ପାଇଥାନ୍ତି । ଓଡ଼ିଶା ପୋଲିସ ଏହି ପରମ୍ପରାକୁ ୧୯୪୬ ମସିହାରେ ଆରମ୍ଭ କରାଯାଇଥିଲା । ଆମେରିକୀୟ ସେନାଙ୍କ ଠାରୁ ୨୦୦ଟି ପାରା ଗ୍ରହଣ କରି ଆରମ୍ଭ କରିଥିଲେ । ପ୍ରଥମେ କୋରାପୁଟ ଜିଲ୍ଲାର ପାର୍ବତ୍ୟାଂଚଳରେ ପରୀକ୍ଷାମୂଳକ ଭାବେ ଏହି ଯୋଗାଯୋଗ ଆରମ୍ଭ ହୋଇଥିଲା, ଯାହା ପରବର୍ତୀ ସମୟରେ ୭୦୦ରୁ ଅଧିକ ପାରାଙ୍କୁ ନେଇ ଏକ ବଡ଼ ନେଟୱାର୍କରେ ପରିଣତ ହୋଇଥିଲା । ୧୯୮୨ର ବାଙ୍କୀ ବନ୍ୟା ଏବଂ ୧୯୯୯ର ମହାବାତ୍ୟା ସମୟରେ ଯେତେବେଳେ ଆଧୁନିକ ରେଡିଓ ଓ ଟେଲିଫୋନ୍ ସେବା ବିଚ୍ଛିନ୍ନ ହୋଇଯାଇଥିଲା, ସେତେବେଳେ ଏହି 'ପାରା ଡାକ' ହିଁ ବାହ୍ୟ ଜଗତ ସହ ଯୋଗାଯୋଗର ଏକମାତ୍ର ମାଧ୍ୟମ ସାଜିଥିଲା । ପ୍ରଦର୍ଶନୀରୁ ଜଣାଯାଇଛି ଯେ, ୧୯୪୮ ମସିହା ଏପ୍ରିଲରେ ପଣ୍ଡିତ ଜବାହରଲାଲ ନେହେରୁ ସମ୍ବଲପୁରରୁ କଟକକୁ ଏକ ଚିଠି ପଠାଇଥିଲେ । ନେହେରୁଙ୍କ କାର୍ କଟକ ପହଂଚିବାକୁ ୭ ଘଂଟା ଲାଗିଥିବା




ବେଳେ ଏହି ଡେଣାଧାରୀ ଦୂତ ମାତ୍ର ୫ ଘଂଟାରେ ବାର୍ତ୍ତା ପହଂଚାଇ ଦେଇଥିଲେ । ଏହି ପାରାମାନେ ଘଂଟାପ୍ରତି ପ୍ରାୟ ୫୫ କିଲୋମିଟର ବେଗରେ ଉଡ଼ିପାରନ୍ତି । ଆଜିର ଇ-ମେଲ୍ ଯୁଗରେ ମଧ୍ୟ ଓଡ଼ିଶା ସରକାର ଏହି ୭୦ ବର୍ଷର ପରମ୍ପରାକୁ ଏକ ମଧୁର ପୁରାତନ ସ୍ମୃତି ଭାବେ ବଂଚାଇ ରଖିଛନ୍ତି । ବର୍ତ୍ତମାନ କଟକ ଏବଂ ଅନୁଗୁଳ ପୋଲିସ ପ୍ରଶିକ୍ଷଣ କେନ୍ଦ୍ରରେ ଏହି ପାରାମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଉଛି । ଷ୍ଟାଟିକ (ଏକମୁଖୀ), ବୁମେରାଙ୍ଗ (ଦୁଇମୁଖୀ) ଏବଂ ମୋବାଇଲ୍ ସେବା ଭଳି ତିନୋଟି ଶ୍ରେଣୀରେ ଏହି ସେବା କାର୍ଯ୍ୟ କରୁଛି । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସାହସିକତା ପାଇଁ ପଦକ ପାଇଥିବା ୩୨ଟି ପାରା ଏବଂ ଓଡ଼ିଶାର ବିପତି ସମୟରେ ସହାୟକ ହୋଇଥିବା ହଜାର ହଜାର ପାରାଙ୍କ ପ୍ରତି ଏହା ଓଡ଼ିଶା ପୋଲିସ ତରଫରୁ ଏକ ଶ୍ରଦ୍ଧାଞ୍ଜଳି ।

# ଦକ୍ଷିଣ ପୂର୍ବ ରେଳବାଇ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ-୨୦୨୬ ପାଳିତ

କୋଲକାତା : ଦକ୍ଷିଣ ପୂର୍ବ ରେଳବାଇ ଦ୍ୱାରା ଏହାର ମୁଖ୍ୟାଳୟ, ଗାର୍ଡେନ୍ ରିଚ୍ ଠାରେ ଆନ୍ତର୍ଜାତୀୟ ମହିଳା ଦିବସ ଅତ୍ୟନ୍ତ ଉତ୍ସାହର ସହିତ ପାଳନ କରାଯାଇଥିଲା । ଦକ୍ଷିଣ ପୂର୍ବ ରେଳବାଇର ମହାପ୍ରବନ୍ଧକ ଶ୍ରୀ ଅନିଲ କୁମାର ମିଶ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଥିଲେ । ଶ୍ରୀ ସୌମିତ୍ର ମଜୁମଦାର, ଅତିରିକ୍ତ ମହାପ୍ରବନ୍ଧକ, ବିଭାଗର ପ୍ରମୁଖ ମୁଖ୍ୟ ଏବଂ ବିଭିନ୍ନ ବିଭାଗର ମହିଳା କର୍ମଚାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ । ଏସ୍ ଇ ରେଳବାଇର ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ ଡକ୍ଟର ମହୁଆ ବର୍ମା କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । କାର୍ଯ୍ୟକ୍ରମରେ ଏସ୍ ଇଆରର ୫୩ ଜଣ ମହିଳା କର୍ମଚାରୀଙ୍କୁ ସେମାନଙ୍କ ନିଜ ନିଜ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା । ଚଳିତ ବର୍ଷ ୨୦୨୬ ଅନ୍ତର୍ଜାତୀୟ ମହିଳା ଦିବସର ବିଷୟବସ୍ତୁ ହେଉଛି - 'ଲାଭ କରିବାକୁ ଦିଅ' ।



ମହାପ୍ରବନ୍ଧକ ଶ୍ରୀ ଅନିଲ କୁମାର ମିଶ୍ର ଦକ୍ଷିଣ ପୂର୍ବ ରେଳବାଇରେ କାର୍ଯ୍ୟରତ ପ୍ରାୟ ୭,୬୦୩ ଜଣ ମହିଳା କର୍ମଚାରୀଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିଥିଲେ । ସେ ପୁରସ୍କାରପ୍ରାପ୍ତ କର୍ମଚାରୀମାନଙ୍କୁ ସେମାନଙ୍କର ଉତ୍ସର୍ଗୀକୃତତା, ଆନ୍ତରିକତା ଏବଂ କଠିନ ପରିଶ୍ରମ ପାଇଁ ପ୍ରଶଂସା କରିଥିଲେ । ମହାପ୍ରବନ୍ଧକ କହିଛନ୍ତି ଯେ ଅନ୍ତର୍ଜାତୀୟ ମହିଳା ଦିବସ ହେଉଛି ମହିଳାମାନଙ୍କର ସାମାଜିକ ଅର୍ଥନୈତିକ ଏବଂ ରାଜନୈତିକ ସଫଳତାକୁ ପାଳନ କରିବାର ଏକ ଅବସର । ଏସ. ଇ. ରେଳବାଇରେ ମହିଳା କର୍ମଚାରୀମାନେ ଟ୍ରାକ୍ ରକ୍ଷଣାବେକ୍ଷଣକାରୀ, ପଏଂଟସମ୍ୟାନ୍ ଲୋକୋ ପାଇଲଟ୍, ଗାର୍ଡ, ଷ୍ଟେସନ ମ୍ୟାନେଜର ଇତ୍ୟାଦି ସୁରକ୍ଷା ବର୍ଗରେ ମଧ କାର୍ଯ୍ୟ କରୁଛନ୍ତି । ମହିଳା ଆରପିଏଫ କର୍ମଚାରୀମାନେ ମଧ ଅତ୍ୟନ୍ତ ଭଲ କାର୍ଯ୍ୟ କରୁଛନ୍ତି । ବିଗତ ବର୍ଷଗୁଡ଼ିକରେ, ମୁଖ୍ୟାଳୟ, ସମସ୍ତ ଡିଭିଜନ ଏବଂ କର୍ମଶାଳା ମହିଳା କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ଯାଂଚ, ରକ୍ତଦାନ ଶିବିର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ଅନେକ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି । ଏହି ଅବସରରେ ମୁଖ୍ୟାଳୟର ସାଂସ୍କୃତିକ ଦଳ ଦ୍ୱାରା ଏକ ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ, ବିଶାଖାପାଟଣା-ରାୟଗଡ଼ା ମଧ୍ୟରେ ସମ୍ପୂର୍ଣ୍ଣ ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ଟ୍ରେନ୍‌ର ଶୁଭାରମ୍ଭ

ବିଶାଖାପାଟଣା : ଆନ୍ତର୍ଜାତୀୟ ମହିଳା ଦିବସ ସମାରୋହର ଏକ ଅଂଶ ସ୍ୱରୂପ, ଗୁଂଟୁର-ରାୟଗଡା ଏକ୍ସପ୍ରେସ୍ ବିଶାଖାପାଟଣାରୁ ରାୟଗଡ଼ ପର୍ଯ୍ୟନ୍ତ ସମସ୍ତ ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହୋଇଥିଲା, ଯାହା ରେଳ ପରିଚାଳନାରେ ମହିଳାଙ୍କ ବର୍ଦ୍ଧିତ ଅଂଶଗ୍ରହଣ ଏବଂ ନେତୃତ୍ୱକୁ ପ୍ରଦର୍ଶିତ କରିଥିଲା । ୱାଲଟ୍ୟାର ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ଲଳିତ ବୋହରାଙ୍କ ଦ୍ୱାରା ବିଶାଖାପାଟଣା ରେଳ ଷ୍ଟେସନରୁ ଏହି ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା । ଏହି ଟ୍ରେନ୍‌ଟି ସମ୍ପୂର୍ଣ୍ଣ ଭାବେ ମହିଳା ରେଳ କର୍ମଚାରୀମାନଙ୍କ ଏକ ନିର୍ଦ୍ଦିଷ୍ଟ ଦଳ ଦ୍ୱାରା ପରିଚାଳିତ ହୋଇଥିଲା, ଯେଉଁଥିରେ ଲୋକୋ ପାଇଲଟ୍, ସହାୟକ ଲୋକୋ ପାଇଲଟ୍, ଟ୍ରେନ୍ ? ମ୍ୟାନେଜର, ଟ୍ରେନ୍‌ରେ ଟିକେଟ୍ ନିରୀକ୍ଷକ ଏବଂ ସହାୟକ କର୍ମଚାରୀ




ସାମିଲ ଥିଲେ, ଯାହା ଭାରତୀୟ ରେଳରେ ମହିଳା କର୍ମଚାରୀଙ୍କ ବୃତିଗତତା, ଦକ୍ଷତା ଏବଂ ପ୍ରତିବଦ୍ଧତାକୁ ପ୍ରକାଶ କରିଥିଲା । ସମ୍ପୂର୍ଣ୍ଣ ମହିଳା ରେଳ କର୍ମଚାରୀମାନଙ୍କ ଦ୍ୱାରା ଏହି ଟ୍ରେନ୍‌ଟିର ପରିଚାଳନା ପୂର୍ବ ତଟ ରେଳପଥର ଲିଙ୍ଗଗତ ସମାନତା, ମହିଳା ସଶକ୍ତିକରଣ ଏବଂ ସମାବେଶୀ କାର୍ଯ୍ୟପରିବେଶ ସୃଷ୍ଟି ପ୍ରତି ଏହାର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଏହା ଅଧିକରୁ ଅଧିକ ମହିଳାମାନଙ୍କୁ ରେଳ କ୍ଷେତ୍ରରେ ଚ୍ୟାଲେଞ୍ଜିଙ୍ଗ ଦାୟିତ୍ୱ ଗ୍ରହଣ କରିବା ପାଇଁ ପ୍ରେରଣା ମଧ୍ୟ ପ୍ରଦାନ କରିଥାଏ । ପୂର୍ବତଟ ରେଳପଥ ଟ୍ରାକ୍ ରକ୍ଷଣାବେକ୍ଷଣ, ଟ୍ରେନ୍ ପରିଚାଳନା, ରୁଟ୍ ରିଲେ ଇଂଟରଲକିଂ ପରିଚାଳନା, ଟ୍ରେନ୍ ପରିଚାଳନା, ଲୋକୋ ଅପରେସନ୍, ଟିକେଟ୍ ଯାଂଚ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ମହିଳାମାନଙ୍କର ଅଧିକ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିଆସୁଛି , ଯାହା ଅଧିକରୁ ଅଧିକ ମହିଳାଙ୍କୁ ରେଳବାଇରେ କ୍ୟାରିଅର ଗଢ଼ିବାକୁ ପ୍ରେରିତ ହେଉଛନ୍ତି ଏବଂ ଆତ୍ମବିଶ୍ୱାସ ଓ ଦୃଢ଼ ସଙ୍କଳ୍ପ ସହିତ ଦେଶର ଉନ୍ନତିରେ ନିଜ ଅବଦାନ ରଖୁଛନ୍ତି ।

# ଏଲପିଜି ସିଲିଣ୍ଡର ବୁକିଂର ବଢ଼ିଲା ସମୟ

ନୂଆଦିଲ୍ଲୀ : ମଧ୍ୟପ୍ରାଚ୍ୟରେ ଯୁଦ୍ଧ ମଧ୍ୟରେ ସରକାରଙ୍କ ବଡ଼ ନିଷ୍ପତି । ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ଘରୋଇ ଗ୍ୟାସ୍ ସିଲିଣ୍ଡର



(ଏଲପିଜି) ପାଇଁ ବୁକିଂ ଅବଧିକୁ ବୃଦ୍ଧି କରିଛି । ସୂତ୍ର ଅନୁସାରେ, ଏହାକୁ ୨୧ ଦିନରୁ ୨୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । କଳାବଜାରୀ ଏବଂ ମହଜୁଦକାରୀଙ୍କୁ ମୁକାବିଲା କରିବା ପାଇଁ ଏହି ନିଷ୍ପତି ନିଆଯାଇଛି । ସରକାର କହିଛନ୍ତି ଯେ ବର୍ତମାନ ଘରୋଇ ଗ୍ୟାସ୍ କିମ୍ବା ଡିଜେଲ ଏବଂ ପେଟ୍ରୋଲର କୌଣସି ଅଭାବ ନାହିଁ । ମନ୍ତ୍ରଣାଳୟ ମାତ୍ର ତିନି ଦିନ ପୂର୍ବରୁ ଏଲପିଜି ସିଲିଣ୍ଡର ବୁକିଂ ଅବଧିକୁ ୧୫ ଦିନରୁ ୨୧ ଦିନକୁ ବୃଦ୍ଧି କରିଥିଲା, କିନ୍ତୁ ଏବେ ଏହାକୁ ୨୫ ଦିନକୁ ବୃଦ୍ଧି କରାଯାଇଛି । ଏହାର ଅର୍ଥ ହେଉଛି ଗ୍ରାହକଙ୍କୁ ଏବେ ଦୁଇଟି ସିଲିଣ୍ଡର ବୁକିଂ ମଧ୍ୟରେ ୨୪ ଦିନର ବ୍ୟବଧାନ ବଜାୟ ରଖିବାକୁ ପଡିବ । ପଶ୍ଚିମ ଏସିଆରେ ଜାରି ସଂଘର୍ଷ ଭିତରେ ଦୁଇ ଦିନ ପୂର୍ବରୁ ଘରୋଇ ଏଲପିଜି ସିଲିଣ୍ଡର ଦାମ୍ରେ ୬୦ ଟଙ୍କା ଓ କମର୍ସିଆଲ ସିଲିଣ୍ଡରର ଦାମ୍ରେ ୧୧୪.୫ ଟଙ୍କା ବୃଦ୍ଧି କରାଯାଇଛି । ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ (ଆଇଓସି)ର ୱେବସାଇଟ୍ ଅନୁସାରେ, ଦିଲ୍ଲୀରେ ଏବେ ଅଣ-ସବସିଡି ଥିବା ଏଲପିଜିର ୧୪.୨ କିଲୋଗ୍ରାମ୍ର ସିଲିଣ୍ଡର ୯୧୩ ଟଙ୍କାରେ ମିଳିବ । ସେଭଳି ପୂର୍ବରୁ ଏହାର ଦାମ୍ ୮୫୩ ଟଙ୍କା ଥିଲା । ବର୍ଷକ ଭିତରେ ଏହା ଦ୍ୱିତୀୟ ଥର ଯେତେବେଳେ ଏଲପିଜି ସିଲିଣ୍ଡର ଦାମ୍ ବଢାଯାଇଛି । ଦାମ୍ରେ ବୃଦ୍ଧି ୭ ମାର୍ଚ୍ଚରୁ ଲାଗୁ ହୋଇସାରିଛି । ଏହା ପୂର୍ବରୁ ଗତ ବର୍ଷ ଏପ୍ରିଲରେ ୫୦ ଟଙ୍କା ବୃଦ୍ଧି କରାଯାଇଥିଲା ।

# "ଓଡ଼ିଶାରେ ଔପଚାରିକ ନିଯୁକ୍ତିରେ ମହିଳାଙ୍କ ଅଂଶଗ୍ରହଣ ସୁଯୋଗ" ଶୀର୍ଷକ ପରାମର୍ଶ ଶିବିରକୁ ଉଦ୍‌ଘାଟନ କଲେ ମନ୍ତ୍ରୀ ସମ୍ପଦ ସ୍ୱାଇଁ

ଭୁବନେଶ୍ୱର : ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏବଂ ନୂଆଦିଲ୍ଲୀର ଉଦୟୀତି ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଆଜି ଭୁବନେଶ୍ୱରରେ ଅବସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରରେ "ଓଡ଼ିଶାରେ ଔପଚାରିକ ନିଯୁକ୍ତିରେ ମହିଳାଙ୍କ ଅଂଶଗ୍ରହଣ ସୁଯୋଗ" ଶୀର୍ଷକ ଏକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ନୀତି ନିର୍ମାତା, ଶିଳ୍ପ ନେତା, ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ ବିଶେଷଜ୍ଞମାନେ ଯୋଗଦେଇ ନିୟମିତ ଏବଂ ଦ୍ରୁତ ବୃଦ୍ଧି ପାଉଥିବା କ୍ଷେତ୍ରରେ ମହିଳାଙ୍କ ଉପସ୍ଥିତି ବଢ଼ାଇବା ପାଇଁ ରଣନୀତି ଉପରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ ମାନ୍ୟବର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ ଯେ, ଓଡ଼ିଶାର ମହିଳା ଶ୍ରମିକ ବଳ ଅଂଶଗ୍ରହଣ



ହାର ୪୮.୭ ପ୍ରତିଶତ ରହିଛି, ଯାହା କି ରାଷ୍ଟ୍ରୀୟ ହାର ୪୦.୩ ପ୍ରତିଶତ ଠାରୁ ଅଧିକ । ସେହିପରି ରାଷ୍ଟ୍ରୀୟ ହାର ୧୫ ପ୍ରତିଶତ ତୁଳନାରେ, ଓଡ଼ିଶାର ୧୭ପ୍ରତିଶତ ମହିଳା ଶିଳ୍ପ ଶ୍ରମିକ ଭାବରେ କାର୍ଯ୍ୟ କରୁଛନ୍ତି । ମନ୍ତ୍ରୀ କହିଥିଲେ ଯେ, ଯଦିଓ ଏହି ପରିସଂଖ୍ୟାନ ଅଗ୍ରଗତିକୁ ସୂଚାଉଛି, କେବଳ ଅଧିକ ଅଂଶଗ୍ରହଣ ହିଁ ଉତମ ସୁଯୋଗ କିମ୍ବା ଔପଚାରିକ ନିଯୁକ୍ତି ପାଇବାକୁ ଦର୍ଶାଏ ନାହିଁ । ସେ ଏହା ଉପରେ ଗୁରୁତ୍ୱ ଦେଇ କହିଥିଲେ ଯେ, 'ସୁସଂଗଠିତ, ଉଚ୍ଚ ଅଭିବୃଦ୍ଧି ସମ୍ପନ୍ନ ଏବଂ ଅଧିକ ଦରମା ମିଳୁଥିବା କ୍ଷେତ୍ରଗୁଡ଼ିକରେ ପ୍ରବେଶ କରିବା ପାଇଁ ଅନେକ ମହିଳା ଏବେ ମଧ ଅନେକ ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି । ଗ୍ରାମ ହେଉ କି ସହର, ପ୍ରତ୍ୟେକ ମହିଳାଙ୍କ ଆଶା ଓ ଆକାଂକ୍ଷାକୁ ସଫଳ କରିବା ପାଇଁ ଏକ ସହାୟକ ଇକୋସିଷ୍ଟମ ଗଠନ କରିବାକୁ ଓଡ଼ିଶା ସରକାର ପ୍ରତିବଦ୍ଧ ।' ଏହି ପରାମର୍ଶ କର୍ମଶାଳା ମହିଳାମାନଙ୍କ କର୍ମବଳ ଅଂଶଗ୍ରହଣ ବୃଦ୍ଧି କରିବା ଏବଂ ସେମାନଙ୍କର ଆର୍ଥିକ ସଶକ୍ତିକରଣକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ସରକାରଙ୍କ ବ୍ୟାପକ ଆଭିମୁଖ୍ୟ ସହିତ ସମାନତା ରକ୍ଷା କରୁଛି । ଏହି ଅଧିବେଶନର ମୁଖ୍ୟ ଲକ୍ଷ୍ୟ ଥିଲା ବିଭିନ୍ନ ଅଂଶୀଦାର, ବିଶେଷ କରି ଶିଳ୍ପ ସହଭାଗୀମାନଙ୍କୁ ଏଥିରେ ସାମିଲ କରିବା, ଯାହାଦ୍ୱାରା ଔପଚାରିକ କର୍ମକ୍ଷେତ୍ରରେ ମହିଳାମାନଙ୍କ ପ୍ରତିନିଧିତ୍ୱକୁ ମଜବୁତ କରିବା ପାଇଁ ସେମାନଙ୍କର ଆବଶ୍ୟକତା ଏବଂ ଆହ୍ୱାନ ଗୁଡ଼ିକୁ ବୁଝିହେବ । ସମାବେଶକୁ ସମ୍ବୋଧନ କରି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଶ୍ରୀ ଭୂପେନ୍ଦ୍ର ସିଂହ ପୁନିଆ କହିଥିଲେ ଯେ, ସୁଦକ୍ଷା ଭଳି ସରକାରୀ କାର୍ଯ୍ୟକ୍ରମ ଅଧିକରୁ ଅଧିକ ଝିଅମାନଙ୍କ ପାଇଁ ମାନୁଫାକ୍ଚରିଂ ଏବଂ ନୂତନ ଜ୍ଞାନକୌଶଳ କ୍ଷେତ୍ରରେ ଦକ୍ଷତା ହାସଲ କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରୁଛି ।

# ରାଜ୍ୟରେ ଖାଲି ପଡ଼ିଛି ୪,୬୦୭ ଡାକ୍ତର ପଦବୀ: ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର : ବର୍ତ୍ତମାନ ରାଜ୍ୟରେ ପ୍ରତି ୧୨୬୫ ଜଣ ଲୋକଙ୍କ ପାଇଁ ମାତ୍ର ଜଣେ ଡାକ୍ତର ଅଛନ୍ତି । ରାଜ୍ୟରେ ମୋଟ ୧୫,୭୯୩ଟି ଡାକ୍ତର ପଦବୀ ମଞ୍ଜୁର ହୋଇଥିବା ବେଳେ ସେଥିରୁ ୪,୬୦୭ଟି ପଦବୀ ଖାଲି ପଡ଼ିଛି । ଏହା ବ୍ୟତୀତ ପ୍ରାୟ



୧,୪୫୯ ଜଣ ଡାକ୍ତର ଉଚ୍ଚ ଶିକ୍ଷା ପାଇଁ ଯାଇଥିବାରୁ ଚିକିତ୍ସାଳୟଗୁଡ଼ିକରେ କାର୍ଯ୍ୟଭାର ବଢୁଛି ବୋଲି ବିଧାନସଭାରେ ବିଧାୟକ ପବିତ୍ର ସାଉଁତାଙ୍କ ଏକ ପ୍ରଶ୍ନର ଲିଖିତ ଉତର ଦେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ । ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଡାକ୍ତର ଅଭାବ ଏବେ ଏକ ଗୁରୁତର ଚିନ୍ତାର ବିଷୟ ପାଲଟିଛି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ନିୟମ ଅନୁଯାୟୀ, ପ୍ରତି ୧୦୦୦ ଜଣ ଜନସଂଖ୍ୟାରେ ଜଣେ ଡାକ୍ତର ରହିବା ଜରୁରୀ । କିନ୍ତୁ ଓଡ଼ିଶାରେ ଏହାର ଅଭାବ ବହୁ ମାତ୍ରାରେ ପରିଲିକ୍ଷିତ ହୋଇଛି । ଡାକ୍ତରଙ୍କ ଏହି ବଡ଼ ଧରଣର ଅଭାବ ବିଶେଷ କରି ଗ୍ରାମାଂଚଳର ପ୍ରାଥମିକ ସ୍ୱାସ୍ଥ୍ୟସେବାକୁ ପ୍ରଭାବିତ କରୁଛି ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**